# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 8/2025 | Page 14 | ₹ 7.00

୫୧ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 162 | ମୂଲ୍ୟ ₹୭/-






## ALLEN ODISHA NEET (2024) – ALLENites Now in Govt. Medical Colleges

**18+** Students pursuing MBBS IN AIIMS

**90+** Students secured their seat in India's Top most GMC

| Name | Classroom | Score | College | Location |
|---|---|---|---|---|
| Sankalpitaa B. | 4-year classroom | 710/720 | AIIMS, BBSR | Cuttack |
| Snehasish M. | 4-year classroom | 705/720 | AIIMS, Raipur | Bhubaneswar |
| Guntamukkala P. | 5-year classroom | 705/720 | AIIMS, Raipur | Bhubaneswar |
| Parijat Sahoo | 2-year classroom | 705/720 | AIIMS, Raipur | Cuttack |
| Aman Raj | 4-year classroom | 700/720 | AIIMS, Patna | Bhubaneswar |
| Parash Khuntia | 2-year classroom | 697/720 | AIIMS, Raipur | Cuttack |
| Subhasis Panda | 2-year classroom | 697/720 | AIIMS, Gorakhpur | Dhenkanal |
| Aryan Kumar | 2-year classroom | 696/720 | AIIMS, Raipur | Sambalpur |
| Jyoti Mundhra | 2-year classroom | 695/720 | AIIMS, Kalyani | Cuttack |
| Priyanshu P. Dutta | 2-year classroom | 695/720 | AIIMS, Kalyani | Bhubaneswar |
| Siona Sahoo | 4-year classroom | 695/720 | Aiims, Kalyani | Bhubaneswar |
| Ananya P. Nayak | 1-year classroom | 692/720 | AIIMS, Deoghar | Malkangiri |
| Anshuman Sinhari | 2-year classroom | 691/720 | AIIMS, Deoghar | Puri |
| Divyajyoti Sahu | 1-year classroom | 691/720 | AIIMS, Mangalagiri | Mayurbhanj |
| Amartya Mishra | 2-year classroom | 691/720 | AIIMS, Deoghar | Bargarh |
| Swagatika Sethi | 3-year classroom | 680/720 | AIIMS, BBSR | Bhubaneswar |
| S Asutosh | 4-year classroom | 680/720 | AIIMS, Madurai | Bhadrak |
| S. R. Behera | 2-year classroom | 656/720 | AIIMS, Deoghar | Sundergarh |

and many more...

**07** Students Scored 700 and Above

**101** Students Scored 650 and Above

**186** Students Scored 620 and Above

**234** Students Scored 600 and Above

## ADMISSIONS OPEN AT ODISHA

NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass

NEW BATCHES FROM 22 MAY ONWARDS

For test dates & course start dates visit website or nearest center.

SIGN-UP FOR ASAT (Scholarship Test)

TEST DATES: 11 & 18 MAY 2025

GET UP TO 90 % SCHOLARSHIP*

For direct admission — visit your nearest ALLEN center.

*Subject to the scholarship rules and the T&Cs.

ALLEN Odisha 95137 31588 allen.ac.in/bhubaneswar

ALLEN Kota Center 0744-3556677 allen.ac.in

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are part of paid courses.

51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ | Bhubaneswar, Thursday, May 8/2025




ଭାରତୀୟ ସଶସ୍ତ୍ର ବଳର ମିଶାଇଲ ମାଡ଼ରେ ବିଧ୍ୱସ୍ତ ପିଓକେ ରାଜଧାନୀ ମୁଜାଫରାବାଦର ଏକ ଆତଙ୍କବାଦୀ ଶିବିର।

# ପାକ୍ ଆତଙ୍କବାଦୀ ଆଡ୍ଡା ବିଧ୍ୱସ୍ତ

## ଅପରେଶନ ସିନ୍ଦୂର

**ପହଲଗାମ୍‌ରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ୧୪ ଦିନ ପରେ ଏହାର ପ୍ରତିଶୋଧ ନେଇଛି ଭାରତ। ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ ସ୍ଥାନରେ କେତେକ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟାଳୟ ଓ ଶିବିରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ରାତି ୧ଟା ୫ରୁ ୧ଟା ୩୦ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି ଚାଲିଥିବା ଏହି ମିଶାଇଲ ମାଡ଼ରେ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧୂଳିସାତ୍ ହୋଇଯାଇଛି। ବିଶେଷକରି ହାଫିଜ୍ ସୟିଦ୍‌ଙ୍କ ଲଶ୍କର-ଇ-ତୋଇବା (ଏଲ୍ଇଟି), ମାସୁଦ୍ ଅଜହରଙ୍କ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ସୟଦ ସଲହାଉଦ୍ଦିନ୍‌ଙ୍କ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ (ଏଚ୍ଏମ୍)ର ବଡ଼ଧରଣର କ୍ଷତି ହୋଇଥିବା ଭାରତୀୟ ସୁରକ୍ଷା ବଳ ଦାବି କରିଛି। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ୭୦ରୁ ୮୦ ଆତଙ୍କବାଦୀ ନିହତ ଓ ଅନ୍ୟ ୬୦ ଆହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିବାବେଳେ ପାକିସ୍ତାନୀ ସେନା ଓ ସରକାର ୩୧ ନାଗରିକଙ୍କ ମୃତ୍ୟୁ ଘଟିଥିବା ଏବଂ ୫୭ ଜଣ ଆହତ ହୋଇଥିବା କହିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନାର ଏହି ରାତିଅଧିଆ ମିଳିତ କାର୍ଯ୍ୟାନୁଷ୍ଠାନକୁ 'ଅପରେଶନ୍ ସିନ୍ଦୂର' ନାମ ଦିଆଯାଇଛି। ଭାରତର ଏହି ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଭାରତକୁ ଜବାବ ଦେବାକୁ ମାଡ଼ିଆସିଥିବା ଏକ ପାକିସ୍ତାନୀ ଏୟାରକ୍ରାଫ୍ଟକୁ ଭାରତୀୟ ସେନା ଖସାଇ ଦେଇଥିବା ଦାବି କରିଛି। କିନ୍ତୁ ପାକିସ୍ତାନୀ ସେନା ଭାରତୀୟ ବାୟୁସେନାର ୫ଟି ଜେଟ୍‌କୁ ଖସାଇଦେଇଥିବା ଦାବି କରିଛି। ନିୟନ୍ତ୍ରଣରେଖା (ଏଲ୍ଓସି)ରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିଗୋଳା ବର୍ଷଣରେ ୧୫ କଶ୍ମୀରୀ ପ୍ରାଣ ହରାଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନ ସରକାର ନିଜ ଦେଶ ସେନାକୁ ଉପଯୁକ୍ତ ଜବାବ ଦେବାକୁ କ୍ଷମତାପ୍ରାପ୍ତ କରିଛନ୍ତି। ପାକିସ୍ତାନ ପଟୁ ସମ୍ଭାବ୍ୟ ପ୍ରତିଆକ୍ରମଣକୁ ଦୃଷ୍ଟିରେ ରଖି ଭାରତର ୩୦୦ରୁ ଊର୍ଦ୍ଧ୍ୱ ବିମାନ ଚଳାଚଳକୁ ବାତିଲ କରିଦିଆଯାଇଛି। ଏଥିସହ ୨୫ଟି ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ରଖାଯାଇଛି। ସେହିପରି ଭାରତ ଓ ପାକିସ୍ତାନକୁ କେତେକ ଦେଶ ବିମାନ ସେବା ବାତିଲ କରିଛନ୍ତି।**

ନୂଆଦିଲ୍ଲୀ/ଇସ୍‌ଲାମାବାଦ ୭।୫(ପି.ଟି./ଏଜେନ୍ସି)

ଅପରେଶନ 'ସିନ୍ଦୂର' ସମ୍ପର୍କରେ ମଙ୍ଗଳବାର ରାତି ୧ଟା ୪୪ରେ ପ୍ରଥମେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଥିଲେ 'ଭାରତ ମାତା କୀ ଜୟ'। ଅନ୍ୟପକ୍ଷରେ ଅନେକ ଦେଶ ଉଭୟ ଭାରତ ଓ ପାକିସ୍ତାନକୁ ସଂଯମ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ପାକିସ୍ତାନ ପଟରୁ ପ୍ରତିଆକ୍ରମଣ ଆଶଙ୍କା ବଢ଼ିଯାଇଥିବାରୁ ଭାରତରେ ସାଧାରଣ ନାଗରିକଙ୍କ ସୁରକ୍ଷା ସମ୍ପର୍କିତ ମକ୍ ଡ୍ରିଲ୍ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ଆୟୋଜିତ ହୋଇଛି। ସେହିପରି ନୂଆଦିଲ୍ଲୀରେ ରାତି ୮ଟାରୁ ୮ଟା ୧୫ ଯାଏ 'ବ୍ଲାକ୍ ଆଉଟ୍' ମକ୍‌ଡ୍ରିଲ୍ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଏବଂ ହସ୍ପିଟାଲଗୁଡ଼ିକୁ ବାଦ ଦେଲେ ସମସ୍ତ ଅଞ୍ଚଳକୁ ଅନ୍ଧକାର କରାଯାଇଥିଲା। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପ ଗସ୍ତକୁ ବାତିଲ କରିଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ଆମେରିକା ସମେତ ଅନେକ ୟୁରୋପୀୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଭାରତୀୟ ସଶସ୍ତ୍ର ବଳର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି।

**ପାକ୍ ଓ ପିଓକେର ୯ ସ୍ଥାନରେ ୨୪ ମିଶାଇଲ୍ ମାଡ଼**

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀମାନେ ୨୫ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଭାରତ ଏଥିପାଇଁ ପାକିସ୍ତାନକୁ ଦାୟୀକରି ଆତଙ୍କବାଦୀଙ୍କୁ ଖୋଜି ନିପାତ କରାଯିବ ବୋଲି ଅନେକ ଥର ଚେତାବନୀ ଦେଇଥିଲା। ଆଶା କରାଯାଉଥିଲା, ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। କିନ୍ତୁ ଓଲଟା ଭାରତକୁ ପରମାଣୁ ଅସ୍ତ୍ରରେ ଆକ୍ରମଣର ଧମକ ଦେଇଚାଲିଥିଲା। ଏଥିସହ ଏଲ୍ଓସିରେ ୧୨ ଦିନ ଧରି ଅସ୍ତ୍ରବିରତି ଉଲ୍ଲଘନ କରି ଗୁଳି ଓ ମୋର୍ଟାର ମାଡ଼ କରିଚାଲିଥିଲା। ଇତିମଧ୍ୟରେ ପାକିସ୍ତାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତୀୟଙ୍କ ଦାବି ଜୋର୍ ଧରିଥିଲା। ଶେଷରେ ମେ' ୬ ତାରିଖ ବିଳମ୍ବିତ ରାତିରେ ଭାରତ 'ଅପରେଶନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏନେଇ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟମାନଙ୍କୁ ନ୍ୟାୟ ପ୍ରଦାନ ଏବଂ ଆକ୍ରମଣକାରୀଙ୍କୁ ଦଣ୍ଡିତ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ପାକିସ୍ତାନ ଏବଂ ଏହାର ନିୟନ୍ତ୍ରଣରେ ଥିବା ଭୂଖଣ୍ଡରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରାଯାଇଛି। ଏହା ଭାରତର 'ପ୍ରଦର୍ଶନମୂଳକ ପଦକ୍ଷେପ' ନୁହେଁ। ଭାରତର କାର୍ଯ୍ୟାନୁଷ୍ଠାନ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ର ନିୟମ ଅନୁକୂଳ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକାରୀ, ସେମାନଙ୍କ ସଙ୍ଗଠନ, ପାଣ୍ଠି ଯୋଗାଣକାରୀ ଓ ପୃଷ୍ଠପୋଷକଙ୍କୁ ଉତ୍ତରଦାୟୀ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମିଶାଇଲ୍ ଷ୍ଟ୍ରାଇକ୍ କରାଯାଇଥିବା ସ୍ଥାନଗୁଡ଼ିକ ହେଲା ମୁଜାଫରାବାଦ, କୋଟ୍‌ଲି, ବାହାୱଲପୁର, ରାୱଲକୋଟ୍, ଚକ୍ସୱାରି, ଭିମ୍ବର, ନୀଲମ୍ ଉପତ୍ୟକା, ଝେଲମ୍ ଓ ଚକ୍‌ୱାଲ। ଏୟାର ଷ୍ଟ୍ରାଇକ୍ ବେଳେ ପାକିସ୍ତାନୀ ସେନା ଓ ନାଗରିକଙ୍କ କୌଣସି କ୍ଷତି ହୋଇନାହିଁ। କେବଳ ଆତଙ୍କବାଦୀଙ୍କୁ ଟାର୍ଗେଟକରି ୯ଟି ସ୍ଥାନରେ ୨୪ ମିଶାଇଲ୍ ମାଡ଼ କରାଯାଇଛି। ଅପରେଶନ୍ ସିନ୍ଦୂର ଅଧୀନରେ ଭାରତୀୟ ସାମରିକ ବଳ ମୁରିଦକେସ୍ଥିତ ଏଲ୍ଇଟି ମୁଖ୍ୟାଳୟ ମର୍କଜ ତେଇବା, ବାହାବଲପୁରରେ ଥିବା ଜେଇଏମ୍‌ର ମର୍କଜ ସୁଭାନ୍ ଆଲ୍ଲା ଏବଂ ସିଆଲ୍‌କୋଟ୍‌ସ୍ଥିତ ମୋହମୁନା ଜୋୟା ଫାସିଲିଟିର ହିଜ୍‌ବୁଲ୍ ମୁଜାହିଦ୍ଦିନ ଶିବିର ସମେତ ଆତଙ୍କବାଦୀଙ୍କ ଆହୁରି କେତେକ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ବୋଲି ମିସ୍ରିଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ସେନା କର୍ ର କଲୋନିଆଲ ସୋଫିଆ କୁରେସି ଏବଂ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ୍ ବ୍ୟୋମିକା ସିଂ ସୂଚନା ଦେଇଛନ୍ତି।




# ୩୦୦ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ, ୭।୫

ପାକିସ୍ତାନରେ ଭାରତୀୟ ସେନାର ଏୟାର ଷ୍ଟ୍ରାଇକ୍ ପରେ ଭାରତରେ ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ସେହିପରି ଶ୍ରୀନଗର ସମେତ ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇସ୍ ଜେଟ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଅକାସା ଏୟାର ସମେତ କିଛି ବିଦେଶୀ ଏୟାରଲାଇନ୍ସ ମଧ୍ୟ ଭାରତର ବିଭିନ୍ନ ଏୟାରପୋର୍ଟ ପାଇଁ ନିଜ ସେବାକୁ ବାତିଲ କରିଛନ୍ତି। ଏନେଇ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଉତ୍ତର ଏବଂ ପଶ୍ଚିମ ଭାରତର ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଭାରତୀୟ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ବିଭିନ୍ନ ଏୟାରପୋର୍ଟରୁ ଯିବାକୁ ଥିବା କିମ୍ବା ଆସିବାକୁ ଥିବା ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। କେବଳ ଇଣ୍ଡିଗୋ ଏୟାରଲାଇନ୍ସ ଅମୃତସର ଏବଂ ଶ୍ରୀନଗର ସମେତ ବିଭିନ୍ନ ଏୟାରପୋର୍ଟରୁ ୧୬୫ଟି ବିମାନ ଉଡ଼ାଣ ବାତିଲ କରିଥିବା ନେଇ ସୂଚନା ଦେଇଛି।

ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସ ମଧ୍ୟ ସେମାନଙ୍କ ରୁଟ୍ ପରିବର୍ତ୍ତନ କରିବା ସହ ଭାରତ ଏବଂ ପାକିସ୍ତାନର ଅନେକ ଏୟାରପୋର୍ଟକୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛନ୍ତି। ୟୁଏଇ ସମେତ ବିଭିନ୍ନ ଗଲ୍ଫ ଦେଶଗୁଡ଼ିକର ଏମିରେଟ୍ସ, ଇତିହାଦ୍, କାତାର ଏୟାରୱେଜ୍ ଆଦି ଏୟାରଲାଇନ୍ସ ଦୁବାଇ, ଆବୁଧାବି ଏବଂ ଦୋହାରୁ ଉତ୍ତର ଭାରତର ବିଭିନ୍ନ ଏୟାରପୋର୍ଟ ଏବଂ ପାକିସ୍ତାନର ବିମାନବନ୍ଦରଗୁଡ଼ିକୁ ଯିବାକୁ ଥିବା ବିମାନ ଉଡ଼ାଣକୁ ବାତିଲ କରିଛନ୍ତି।




୨୫ ଏୟାରପୋର୍ଟ ବନ୍ଦ

# ୧୦ ସୀମାନ୍ତ ଜିଲାରେ ଖୋଲିଲା କଣ୍ଟ୍ରୋଲ ରୁମ୍

ଶ୍ରୀନଗର, ୭।୫

'ଅପରେଶନ୍ ସିନ୍ଦୂର' ପରେ ସୀମାନ୍ତରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ଜମ୍ମୁ ଓ କଶ୍ମୀରର ୧୦ ସୀମାନ୍ତ ଜିଲାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଶ୍ରୀନଗର ଡେପୁଟି କମିଶନରଙ୍କ ଅଫିସରେ ଡିଷ୍ଟ୍ରିକ୍ଟ ଏମର୍ଜେନ୍ସି ଅପରେଶନ୍ ସେଣ୍ଟର (ଡିଇଓସି)ରେ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧୀନରେ ଏହା ପରିଚାଳିତ ହେବ ବୋଲି ସ୍ଥାନୀୟ ଜିଲାପାଳଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। କଶ୍ମୀର ଡିଭିଜନ୍‌ର ବାନ୍ଦିପୋରା, କୁପୱାରା, ବାରାମୂଲା, ଗନ୍ଦେରବଲ, ବଡ଼ଗାମ୍, ପୁଲୱାମା, ଶୋପିଆନ୍, କୁଲଗାମ୍ ଓ ଅନନ୍ତନାଗ ଜିଲାରେ ମଧ୍ୟ ଅନୁରୂପ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

# ଏଲ୍ଓସିରେ ପାକ୍ ସେନାର ଗୁଳି: ୧୫ ନିହତ

ଶ୍ରୀନଗର,୭।୫: 'ଅପରେଶନ୍ ସିନ୍ଦୂର' ପରେ ପାକିସ୍ତାନୀ ସେନା ନିୟନ୍ତ୍ରଣରେଖା (ଏଲ୍ଓସି)ରେ ଗୁଳିଗୋଳା ବର୍ଷଣକୁ ଜୋର୍‌ଦାର କରିଛି। ଏଥିରେ ସୀମାନ୍ତରେ ବସବାସ କରୁଥିବା ୧୫ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ମୋର୍ଟାର ମାଡ଼ରେ ବହୁ ଘରଦ୍ୱାର ଓ ଆଶ୍ରୟସ୍ଥଳୀ ଭାଙ୍ଗିଯାଇଛି। ଜମ୍ମୁ-କଶ୍ମୀରର ପୁଞ୍ଚରେ ଥିବା ଗୁରୁଦ୍ୱାରା ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସହ ୩ ଶିଖ୍‌ଙ୍କ ଜୀବନ ଯାଇଛି। ସେମାନେ ହେଲେ ଅମ୍ରିକ୍ ସିଂ, ଅମରଜିତ୍ ସିଂ ଏବଂ ରଞ୍ଜିତ୍ ସିଂ। ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିମାଡ଼ରେ ପୁଞ୍ଚ ସେକ୍ଟରରେ ମୁତୟନ ୫ ଫିଲ୍ଡ ରେଜିମେଣ୍ଟର ଲାନ୍ସନାଏକ ଦୀନେଶ କୁମାର ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୀନେଶ ଶହୀଦ ହୋଇଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି।

**ଗୁରୁଦ୍ୱାରାକୁ ମୋର୍ଟାର ମାଡ଼, ୩ ନିହତ**

**ଯବାନ ଶହୀଦ**



ଲାନ୍ସ ନାଏକ ଦୀନେଶ କୁମାର



ଜମ୍ମୁ-କଶ୍ମୀର ଉରି ସେକ୍ଟର ସଂଲଗ୍ନ ଏଲ୍ଓସିରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ୧୫ ନାଗରିକ ନିହତ ହୋଇଥିବାବେଳେ ସଲ୍‌ମାବାଦରେ ଅନେକ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

# ଅଜହରଙ୍କ ୧୦ ସମ୍ପର୍କୀୟ, ୪ ସହଯୋଗୀ ନିହତ

ବାହାୱଲପୁର,୭।୫

ଅପରେଶନ୍ ସିନ୍ଦୂରରେ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍-ଇ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ୧୦ ସମ୍ପର୍କୀୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ୫୬ ବର୍ଷୀୟ ଅଜହର ନିଜେ ଏହି ବିଷୟ ସ୍ୱୀକାର କରିଛନ୍ତି। ଅଜହର କହିଛନ୍ତି, ଜେଇଏମ୍ ମୁଖ୍ୟାଳୟରେ ତାଙ୍କ ଭଉଣୀ, ଜ୍ୱାଇଁ, ପୁତୁରା, ପୁତୁରାଙ୍କ ସ୍ତ୍ରୀ, ଭାଣିଜୀ ଏବଂ ସେମାନଙ୍କର ୫ ପିଲାଛୁଆ ପ୍ରାଣ ହରାଇଛନ୍ତି। ଏହାସତ୍ତ୍ୱେ ଅଜହର ଅନୁତପ୍ତ କିମ୍ବା ମର୍ମାହତ ନୁହନ୍ତି ବୋଲି କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷିତ ଅଜହର ୧୯୯୪ରେ ଭାରତରେ ଗିରଫ ହୋଇଥିଲେ। କିନ୍ତୁ କାନ୍ଦାହାର ଏୟାର ଇଣ୍ଡିଆ ଆଇସି୮୧୪ ବିମାନ ଅପହରଣ ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ୨୦୧୬ ପଠାନ୍‌କୋଟ୍ ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣରେ ଅଜହରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। କିନ୍ତୁ ପାକିସ୍ତାନ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା କହିଆସିଛି।



ମାସୁଦ୍ ଅଜହର

## ବିଶ୍ୱନେତାଙ୍କ ପ୍ରତିକ୍ରିୟା

ଲଜ୍ଜାର କଥା। କିଛି ଘଟିବାକୁ ଯାଉଥିବା ନେଇ ଧାରଣା ଥିଲା। ଅନେକ ବର୍ଷ ଏବଂ ଶତାବ୍ଦୀ ଧରି ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ଲଢୁଛନ୍ତି। ଉଭୟ ଦେଶ ସଂଯମତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଆଶା କରୁଛି ଉଭୟ ଦେଶ ମଧ୍ୟରେ ଥିବା ଶତ୍ରୁତା ଶୀଘ୍ର ଶେଷ ହେବ।
**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ମୁକାବିଲା ହେଲେ ଏହାକୁ ବିଶ୍ୱ ସହ୍ୟ କରିପାରିବ ନାହିଁ।
**-ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଆମେରିକା କଡ଼ା ନଜର ରଖିଛି।
**-ମାର୍କୋ ରୁବିଓ, ଆମେରିକା ପରରାଷ୍ଟ୍ର ସଚିବ**

ଭାରତ ଓ ପାକିସ୍ତାନ ମଧ୍ୟରେ ମଙ୍ଗଳବାର ରାତିରେ ଘଟିଥିବା ସଂଘର୍ଷ ଯୋଗୁ ଗଭୀର ଭାବେ ଚିନ୍ତିତ ରହିଛି।
**- ଫ୍ରେଡରିକ ମର୍ଜ, ଜର୍ମାନ ଚାନ୍ସେଲର**

ଉଭୟ ଦେଶ ମଧ୍ୟରେ ତୀବ୍ର ହେଉଥିବା ସାମରିକ ମୁକାବିଲାକୁ ନେଇ ରୁଷିଆ ଚିନ୍ତିତ ରହିଛି।
**-ମାରିଆ ଜାଖାରୋଭା, ରୁଷିଆ ବହିର୍ବ୍ୟାପାର ସଚିବ**

ପାକିସ୍ତାନର କେତେକ ସ୍ଥାନରେ ଭାରତର ଏୟାରଷ୍ଟ୍ରାଇକ୍ ଦୁଃଖଦାୟକ। ଉଭୟ ପରସ୍ପରର ପଡୋଶୀ ଦେଶ ହୋଇଥିବାରୁ ଶାନ୍ତି ଏବଂ ସ୍ଥିରତାର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟେ ସଂଯମତା ରକ୍ଷା କରନ୍ତୁ।
**-ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ**

ଉଭୟ ଦେଶ ପରସ୍ପର ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ଶାନ୍ତିକୁ ଭଙ୍ଗ ନ କରନ୍ତୁ।
**-ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦ ଅଲ୍ ନହୟାନ, ୟୁଏଇ ଉପ ପ୍ରଧାନମନ୍ତ୍ରୀ**

ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ପ୍ରତିଶୋଧମୂଳକ ସାମରିକ ସଂଘର୍ଷରୁ ବିରତ ରୁହନ୍ତୁ। ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଜାପାନ ଚିନ୍ତିତ।
**-ୟୋଶିମାସା ହୟାଶି, ଜାପାନ ମୁଖ୍ୟ କ୍ୟାବିନେଟ୍ ସେକ୍ରେଟାରୀ**

# ଆଜି ସର୍ବଦଳୀୟ ବୈଠକ

'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଦେଶର ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଲାଇବ୍ରେରି ବିଲ୍ଡିଂସ୍ଥିତ କମିଟି ରୁମ୍ ଜି-୦୭୪ରେ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ୍ସ'ରେ ସୂଚନା ଦେଇଛନ୍ତି। କିଭଳି ସ୍ଥିତିରେ ଓ କିପରି ଭାବେ ସମ୍ପୂର୍ଣ୍ଣ ଅପରେଶନ୍ କରାଗଲା, ସେନେଇ ସରକାର ଉକ୍ତ ବୈଠକରେ ବିବୃତି ରଖିବେ। ତେବେ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ | Bhubaneswar, Thursday, May 8/2025


# ଏନ୍‌କାଉଣ୍ଟରରେ ୨୬ ମାଓବାଦୀ ନିହତ

**ମାଲକାନଗିରି,୭।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାବର୍ତ୍ତୀ କେରାଗୁଟା ଜଙ୍ଗଲରେ ୧୬ ଦିନ ଧରି ସିଆର୍‌ପିଏଫ୍, ଡିଆର୍‌ଜି ଓ ଏସ୍‌ଟିଏଫ୍ ଯବାନଙ୍କ ପକ୍ଷରୁ ମାଓବାଦୀ ଅପରେଶନ ଜାରି ରହିଛି। ବୁଧବାର କେରାଗୁଟା ପାହାଡ଼ରେ ପୋଲିସ ସହ ଗୁଳି ବିନିମୟ ଘଟି ୨୬ ମାଓବାଦୀ ନିହତ ହୋଇଛନ୍ତି। ଆକ୍ରମଣ ଓ ପ୍ରତିଆକ୍ରମଣରେ ୬ଯବାନ ଆହତ ହୋଇଥିବାବେଳେ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜଙ୍ଗଲରେ ୧ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ରହିଥିବା ଗୋଇନ୍ଦା ସୂତ୍ରରୁ ଖବର ପାଇ ୧୬ ଦିନ ପୂର୍ବରୁ ଯବାନମାନେ କେରାଗୁଟା ଜଙ୍ଗଲ ଓ ପାହାଡ଼ ଘେରାଉକରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଉକ୍ତ ଜଙ୍ଗଲରେ ସପ୍ତାହେ ପୂର୍ବେ ମାଓବାଦୀଙ୍କ ଗୁମ୍ଫା ଠାବହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଯବାନମାନେ ଜବତ କରିଥିଲେ। ଏହି ଅପରେଶନରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯବାନ ସମ୍ପୂର୍ଣ୍ଣ ଜଙ୍ଗଲ ଓ ପାହାଡ଼କୁ ଘେରାବନ୍ଦୀ କରି ରଖିଥିବା ବେଳେ ଏଠାରେ ଟପ୍ କ୍ୟାଡର ମାଓବାଦୀ ଓ ସେମାନଙ୍କ ନେତା ଥିବା ଜଣାପଡ଼ିଛି। ଅପରେଶନ ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଯବାନମାନେ ଜବତ କରିଥିବା ଅସ୍ତ୍ରଶସ୍ତ୍ର ଓ ନିହତ ମାଓବାଦୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

## ‘ସିନ୍ଦୂର ହରାଇଥିବା ମହିଳାଙ୍କୁ ନ୍ୟାୟ ମିଳିଛି’

**ବାଲେଶ୍ୱର, ୭।୫(ବାଞ୍ଛାନିଧି ଦେ)**


ପ୍ରିୟଦର୍ଶିନୀ ଶତପଥୀ

ଭାରତ ସରକାର ଉଚିତ ପଦକ୍ଷେପ ନେଇଛନ୍ତି। ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କୀ ଆକ୍ରମଣର ୧୫ଦିନ ଭିତରେ ଉଚିତ୍ ଜବାବ ଦିଆଯାଇଛି। ଆତଙ୍କବାଦୀମାନେ ଯେମିତି ଅକସ୍ମାତ୍ ଆକ୍ରମଣ କରିଥିଲେ, ସରକାର ସେମିତି ରାତିଅଧିଆ ଏୟାର ଷ୍ଟ୍ରାଇକ୍ କରି ପ୍ରତିଶୋଧ ନେଇଛନ୍ତି। ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମୋ ସହ ଯେଉଁ ଘଟଣା ଘଟିଥିଲା ସେଦିନ ଥିଲା ମଙ୍ଗଳବାର। ‘ଅପରେଶନ୍ ସିନ୍ଦୂର’ ମଧ୍ୟ ମଙ୍ଗଳବାର ହୋଇଛି। ଆତଙ୍କୀ ହମ୍‌ଲାରେ ଯେଉଁମାନଙ୍କର ସିନ୍ଦୂର ଲିଭିଯାଇଛି, ସେହି ସିନ୍ଦୂରର ବଳ କେତେ ତାହା ଜଣାଇବା ପାଇଁ ଏହି ଅପରେଶନ୍‌ର ନାମ ‘ସିନ୍ଦୂର’ ରଖାଯାଇ ଠିକ୍ ହୋଇଛି। ମୁଁ ଏବଂ ମୋ ଭଳି ସିନ୍ଦୂର ହରାଇଥିବା ସମସ୍ତ ମହିଳାଙ୍କ ପାଇଁ ଏହା ଏକପ୍ରକାରର ନ୍ୟାୟ। ପହଲଗାମ୍ ଆକ୍ରମଣକାରୀ ଏମିତି ଦଣ୍ଡ ପାଆନ୍ତୁ ଯେମିତି ଆଉ କେହି ସେଭଳି ଆତଙ୍କରାଜ ଖେଳାଇବାକୁ ଚେଷ୍ଟା କରିବେ ନାହିଁ। ଆତଙ୍କୀ ହମ୍‌ଲାରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ବୁଧବାର କୋହଭରା କଣ୍ଠରେ ‘ଧରିତ୍ରୀ’କୁ ପ୍ରତିକ୍ରିୟା ଦେଇଛନ୍ତି।

ସୂଚନା ଯେ, ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ (୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜଙ୍କୁ ନେଇ ଜମ୍ମୁ-କଶ୍ମୀର ବୁଲିବା ପାଇଁ ଯାଇଥିଲେ। ୨୨ ତାରିଖରେ ପହଲଗାମର ବୈସରନରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳିମାଡ଼ କରିଥିଲେ।

**ଆଜିର ସମ୍ପାଦକୀୟ**
ସଂଯୋଗର ପଥ

SIKSHA ‘O’ ANUSANDHAN
SAAT-2025
Empowering students for a brighter future
MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

Muthoot Finance
ଗୋଲଡ୍ ଲୋନ୍
ଜିତନ୍ତୁ
₹75 ଲକ୍ଷ+
ପର୍ଯ୍ୟନ୍ତ ଗିଫ୍ଟ୍ ଭାଉଚର୍ ଏବଂ ସ୍ୱର୍ଣ୍ଣ ମୁଦ୍ରା^
2.5 ଲକ୍ଷ+ ଗ୍ରାହକ ପ୍ରତିଦିନ ସେବା ପାଇଥାନ୍ତି*
24 Ct ସୁନା ପାଆନ୍ତୁ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ଉପରେ^
ତୁରନ୍ତ ଲୋନ୍
7,000+ ଶାଖା*
7 ସ୍ତରୀୟ ସୁରକ୍ଷା
ଅନ୍‌ଲାଇନ୍ ପେଁଠ ସୁବିଧା
1 କୋଟି+ ଡାଉନ୍‌ଲୋଡ୍ ହୋଇସାରିଛି

INDIA'S #1 MOST TRUSTED FINANCIAL SERVICES BRAND 2025#
1800 313 1212
muthootfinance.com
Muthoot Family - 800 years of Business Legacy
#TRA's Brand Trust Report. www.muthootfinance.com/terms-and-condition.

DSPL-56

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୀତଳ ଭଣ୍ଡାର ନୀତି
ଫସଲ ହେବ ସଂରକ୍ଷିତ, ଚାଷୀ ହେବେ ସଶକ୍ତ
ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଆର୍ଥିକ ସହାୟତା ପାଇଁ ୨୫୨ କୋଟି ଟଙ୍କା ବ୍ୟୟ ବରାଦ

ନୂତନ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନୀତି
- ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ମହିଳା/ ତୃତୀୟ ଲିଙ୍ଗ ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୬୦% ଅଥବା ସର୍ବାଧିକ ୬.୫୦ କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା ଏବଂ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୫୦% ଅଥବା ସର୍ବାଧିକ ୬.00 କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା
- ସୁଧ ଉପରେ ୭% ପର୍ଯ୍ୟନ୍ତ ଆର୍ଥିକ ସହାୟତା
- କାର୍ଯ୍ୟକାରୀ ପୁଞ୍ଜିର ଋଣ ଉପରେ ଲାଗୁ ହେଉଥିବା ସୁଧ ଉପରେ ମଧ ଫେରସ୍ତର ପ୍ରାବଧାନ
- ନୂତନ ଶୀତଳ ଭଣ୍ଡାର, କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଏବଂ ଭବିଷ୍ୟତରେ ପୁନଃରୁଦ୍ଧାର ହେବାକୁ ଥିବା ଶୀତଳ ଭଣ୍ଡାରର ବିଦ୍ୟୁତ ଶୁଳ୍କ ଉପରେ ୭ ବର୍ଷ ପର୍ଯ୍ୟନ୍ତ ୫0% ସବ୍‌ସିଡିର ସୁବିଧା
- ଅଣ-କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରର ପୁନଃରୁଦ୍ଧାର ପାଇଁ ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା






ଆଗ୍ରହୀ ବ୍ୟକ୍ତି, ଘରୋଇ ଉଦ୍ୟୋଗୀ ଇତ୍ୟାଦି ରାଜ୍ୟ ସରକାରଙ୍କ GO-SUGAM ପୋର୍ଟାଲରେ (sugam.odisha.gov.in) ଆବେଦନ କରିପାରିବେ
ଅଧିକ ସୂଚନା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କାର୍ଯ୍ୟାଳୟ / କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01510/13/0045/2526

## ୟୁରୋପ ଗସ୍ତ ବାତିଲ କଲେ ମୋଦି

ପାକିସ୍ତାନରେ ଭାରତର ଅପରେଶନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନିଜର ୟୁରୋପ ଗସ୍ତକୁ ବାତିଲ କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦିଙ୍କ ମେ' ୧୩ରୁ ୧୭ ପର୍ଯ୍ୟନ୍ତ କ୍ରୋଏସିଆ, ନରୱେ ଏବଂ ନେଦରଲାଣ୍ଡ ଗସ୍ତ ରହିଥିଲା। ଏହି ଗସ୍ତରେ ସେ ନରୱେରେ ହେବାକୁ ଥିବା ନର୍ଡିକ ଶିଖର ସମ୍ମିଳନୀରେ ଭାଗ ନେଇଥାନ୍ତେ।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଆପୋଲା ହସ୍ପିଟାଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହସ୍ପିଟାଲ ପରିସର, ସମୟ: ଅପରାହ୍ନ ୩ଟା।
- ଭଗବତ ମେଳଣ ଉପଲକ୍ଷେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ବଇରୁଆ ଗ୍ରାମ ହାଟ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- 'ଦି କଲ୍ ଅଫ୍ ଦି ମଦରଲ୍ୟାଣ୍ଡ' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୋଜନା ଓ ସଂଯୋଜନ ବିଭାଗ ସାଂସ୍କୃତିକ ପରିଷଦର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଶ୍ରଦ୍ଧାର ଅମୃତଧାରା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ଜିଲା ପ୍ରେସ୍ କ୍ଲବ ଖୋର୍ଦ୍ଧା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ସମୟ: ସକାଳ ୭ଟା ୩୦।
- ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଆବାସ ଯୋଜନାର ଶୁଭାରମ୍ଭ, ସ୍ଥାନ: ପୌର କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

### ପୁରୀ
- ରେଡକ୍ରସ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ମେଡିକାଲ ଛକ, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ବିଦ୍ୟାଳୟ ଶିକ୍ଷା ଅଭ୍ୟାସବର୍ଗ କାର୍ଯ୍ୟକ୍ରମ, ସ୍ଥାନ: ହରଚଣ୍ଡି ସାହି ଶିଶୁ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ଓ ବିଶ୍ୱ ରେଡକ୍ରସ୍ ଦିବସ, ସ୍ଥାନ: ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର, ସମୟ: ସକାଳ ୯ଟା।
- ଓଷ୍ଟା ଖଇରା ଶାଖା ପକ୍ଷରୁ ଏ-୧ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୮ଟା।
- ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ୍ ମ୍ୟାଚ୍‌ର ୪ର୍ଥ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

### କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଂଚୋ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଚତୁର୍ଥ ପ୍ରହରୀ ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ସଡ଼ା, ଛେନାପଦି, ସମୟ: ଅପରାହ୍ନ ୩ଟା।

### ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୮ଟା ୩୦।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

### ଗଜପତି
- ବିଶ୍ୱ ରେଡକ୍ରସ୍ ଦିବସ, ସ୍ଥାନ: ଗ୍ରାମଣୀ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୮ଟା।
- ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ ଟା।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଢେଙ୍କାନାଳ
- ଶ୍ରୀରାମାଭିଷେକ ଓ ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମଠ, ସିମିଳିଆ, ସମୟ: ଅପରାହ୍ନ ୫ଟା।

### ଜଗତ୍‌ସିଂହପୁର
- ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: : ଲୋକନାଥ ନଗର, ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୭ଟା।

### କେନ୍ଦ୍ରାପଡ଼ା
- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ ସନ୍ଧ୍ୟା ୬ଟା।

### ଯାଜପୁର
- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ନୂତନ ବିଗ୍ରହଙ୍କ ମହାସ୍ନାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୭ଟା।
- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରର ୧୩ତମ ପ୍ରତିଷ୍ଠା ଉତ୍ସବରେ କେନ୍ଦୁଝରର ନିର୍ଭୟା କଳାବିକାଶ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭିକିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

### ନୟାଗଡ଼
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ନୟାଗଡ ସହର ପରିକ୍ରମା, ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ:ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୯ଟା।

### କୋରାପୁଟ
- ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ପର୍କରେ ଆଲୋଚନା, ସ୍ଥାନ: ଜୟପୁର ମାଉଣ୍ଟଭ୍ୟାଲି ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିଶା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜୋନାଲସ୍ତରୀୟ ଜଙ୍ଗଲ ଜମି ଅଧିକାର ଆଇନ ବୈଠକ, ସ୍ଥାନ : କୋରାପୁଟ ଓସ୍ୱାନ ଗୃହ, ସମୟ :ପୂର୍ବାହ୍ନ ୧୧ ଟା।

### ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଧନୁପାଲିସ୍ଥିତ ବିଦ୍ୟାଳୟର ସଭାକକ୍ଷ, ସମୟ : ସକାଳ ୯ଟା।

### ରାଉରକେଲା
- ଜିଙ୍ଗଲ ବେଲ୍ ପକ୍ଷରୁ ନୃତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମିତିର ବୈଠକ, ସ୍ଥାନ: ଜାମସେରା, ସମୟ: ସନ୍ଧ୍ୟା ୬ଟା ୩୦।

### ସୁନ୍ଦରଗଡ଼
- ବିଶ୍ୱ ରେଡକ୍ରସ ଦିବସ,ସ୍ଥାନ: ସଦଭାବନା ଭବନ,ସମୟ: ସକାଳ:୯ଟା।

### ବରଗଡ଼
- ବୈଶାଖୀମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୃସିଂହନାଥ, ପାଇକମାଳ, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସକାଳ ୮ଟା।

### ବୌଦ୍ଧ
- ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ସକାଳ ୮ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର, ସମୟ: ଭୋର ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ସମୟ: ସନ୍ଧ୍ୟା ୭ଟା ୩୦।

### ସୁବର୍ଣ୍ଣପୁର
- ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, ସମୟ: ସକାଳ ୮ଟା।
- ଟାଙ୍ଗର ସାହି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ବୈଠକ, ସ୍ଥାନ: ଟାଙ୍ଗରସାହି ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୮ଟା ।
- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୪ଟା ୩୦।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ଅପରେଶନ ସିନ୍ଦୂର: ଅବଗତ କରାଇଲେ ୨ ମହିଳା ସେନା ଅଧିକାରୀ

**ନୂଆଦିଲ୍ଲୀ, ୭ା୫**

'ଅପରେଶନ ସିନ୍ଦୂର' ସମ୍ପର୍କରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରିଙ୍କ ସହ ୨ ମହିଳା ସେନା ଅଧିକାରୀ କର୍ନଲ ସୋଫିୟା କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ରହିଥିଲେ। ମହିଳା ସେନା ଅଧିକାରୀ ଦ୍ୱୟ ଭାରତୀୟ ସେନାର ପରାକ୍ରମକୁ ବିଶ୍ୱ ସମ୍ମୁଖରେ ରଖିଥିଲେ। ପାକିସ୍ତାନର ପୃଷ୍ଠପୋଷକତାରେ ଆତଙ୍କବାଦୀ ଗତିବିଧିକୁ କିପରି ଭାରତୀୟ ସେନା ପ୍ରହାର କରିଛି, ସେନେଇ ଉଭୟେ ଦେଶବାସୀଙ୍କୁ ଅବଗତ କରାଇଥିଲେ। ସୋସିଆଲ ମିଡିଆରେ ଏହି ୨ ଅଧିକାରୀଙ୍କୁ ନେଇ ଚର୍ଚ୍ଚା


ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ


କର୍ନଲ ସୋଫିୟା କ୍ୟୁରେଶୀ

ଜୋର୍ ଧରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଖବରଦାତା ସମ୍ମିଳନୀ ପାଇଁ ଭାରତ ସରକାର ୨ ମହିଳା ସେନା ଅଧିକାରୀଙ୍କୁ ବାଛିଥିବାରୁ ଅନେକ ୟୁଜର୍ସ ଖୁସିବ୍ୟକ୍ତ କରିଛନ୍ତି।

ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଇଞ୍ଜିନିୟରିଂ ପଢ଼ା ଶେଷ କରିବା ପରେ ନ୍ୟାଶନାଲ କାଡେଟ କର୍ପସ୍ (ଏନ୍‌ସିସି)ରେ ଯୋଗଦେଇଥିଲେ। ୨୦୦୪ ଡିସେମ୍ବର ୧୮ରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ଏହାର ୧୩ ବର୍ଷ ପରେ ୨୦୧୭ ଡିସେମ୍ବର ୧୮ରେ ସେ ୱିଙ୍ଗ୍ କମାଣ୍ଡର ହୋଇଥିଲେ। ୨୦୧୯ରେ ତାଙ୍କୁ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ ଭାବେ ନିୟୋଜିତ କରାଯାଇଥିଲା। ଚିତା ଏବଂ ଚେତକ ପରି ଫାଇଟର ହେଲିକପ୍ଟର ଉଡ଼ାଇବାରେ ସେ ନିପୁଣ। ସେହିପରି ୩୫ ବର୍ଷୀୟ ସେନା ଅଧିକାରୀ କର୍ନଲ ସୋଫିୟା କ୍ୟୁରେଶୀ ଗୁଜରାଟର ହୋଇଥିବାବେଳେ ସେ ସୈନିକ ପରିବାରରୁ ଆସିଛନ୍ତି। ୨୦୧୬ ମାର୍ଚ୍ଚରେ ସେ ଏକ ବହୁରାଷ୍ଟ୍ରୀୟ ସାମରିକ ଅଭ୍ୟାସରେ ପ୍ରଥମ ମହିଳା ଭାବେ ଇଣ୍ଡିଆନ ଆର୍ମି କଣ୍ଟିଜେଣ୍ଟର ନେତୃତ୍ୱ ନେଇ ଇତିହାସ ରଚିଥିଲେ।

## ଉତ୍ତେଜନା ହ୍ରାସ ପାଇଁ ଟ୍ରମ୍ପ୍‌ଙ୍କ ପ୍ରସ୍ତାବ

**ନ୍ୟୁୟର୍କ,୭ା୫**



ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଗୁରୁତ୍ୱାରୋପ କରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଦୁଇଦେଶ ମଧ୍ୟରେ ଉତ୍ତେଜନା ପ୍ରଶମିତ କରିବାରେ ସେ ଯଦି କିଛି କରିପାରିବେ ତେବେ ସେ ସେଠାକୁ ଯିବାକୁ ଚାହିଁବେ। ଉଭୟ ଭାରତ ଓ ପାକିସ୍ତାନ ସହ ତାଙ୍କର ଭଲ ସମ୍ପର୍କ ରହିଛି। ତେଣୁ ଖୁବ୍‌ଶୀଘ୍ର ଶତ୍ରୁତା ଶେଷ ହେବା ଉଚିତ। ଅନ୍ୟପକ୍ଷେ ପାକିସ୍ତାନରେ ଆମେରିକୀୟ ଦୂତାବାସ ପକ୍ଷରୁ ବୁଧବାର ଆମେରିକୀୟଙ୍କ ପାଇଁ ଟ୍ରାଭେଲ ଆଡଭାଇଜରି ଜାରି କରାଯାଇଛି। ପାକିସ୍ତାନରେ ଉତ୍ତେଜନାମୂଳକ ଅଞ୍ଚଳକୁ ନ ଯିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି।


## ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମାଙ୍କ ଘରୁ ଟଙ୍କା ମିଳିଥିବା ମାନିଲା ତଦନ୍ତ କମିଟି

**ନୂଆଦିଲ୍ଲୀ, ୭ା୫**

ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମାଙ୍କ ବାସଭବନରୁ ନଗଦ ଟଙ୍କା ମିଳିଥିବା ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଅନ୍ତରୀଣ ତଦନ୍ତ କମିଟି ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ପ୍ରଦାନ କରିଥିବା ନିଜ ରିପୋର୍ଟରେ ସ୍ୱୀକାର କରିଛି। ଏହି ରିପୋର୍ଟରେ କୁହାଯାଇଛି, ଗତ ମାର୍ଚ୍ଚ ୧୪ ରାତିରେ ଜଷ୍ଟିସ୍ ୟଶଓ୍ୱନ୍ତଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଅଗ୍ନିକାଣ୍ଡ ଘଟିଥିବା ସମୟରେ ସେଠାରୁ ନଗଦ ଟଙ୍କା ମିଳିଥିଲା। ଏନେଇ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ବୁଧବାର ଜଷ୍ଟିସ୍ ୟଶଓ୍ୱନ୍ତଙ୍କୁ ଜବାବ ତଲବ କରିଛନ୍ତି। ତଦନ୍ତ କମିଟିର ରିପୋର୍ଟକୁ ନେଇ ୨ ଦିନ ମଧ୍ୟରେ ଜବାବ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା


**ନୂଆଦିଲ୍ଲୀ, ୭ା୫**


ପ୍ରବୀଣ ସୁଦ

କେନ୍ଦ୍ର ସରକାର ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଇଛନ୍ତି। ଏନେଇ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ମଞ୍ଜୁରୀ ପ୍ରଦାନ କରିଛି। ପ୍ରବୀଣ ୧୯୮୬ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡରର ଆଇପିଏସ୍ ଅଧିକାରୀ। ପୂର୍ବରୁ ସେ କର୍ଣ୍ଣାଟକର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମେ ୨୫ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା।


## ଅପରେଶନ୍‌ର ନାଁ ମୋଦି ରଖିଥିଲେ 'ସିନ୍ଦୂର'

**ନୂଆଦିଲ୍ଲୀ,୭ା୫**


ନରେନ୍ଦ୍ର ମୋଦି

ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ର ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଥିଲେ। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ଭାରତୀୟ ମହିଳାମାନଙ୍କ ମଥାରୁ ପରମ୍ପରାର ପ୍ରତୀକ ସିନ୍ଦୂର ଲିଭାଇଦେଇଥିବାରୁ ମୋଦି ଏପରି ନାମ ରଖିଥିଲେ। କାରଣ ପ୍ରାଣ ହରାଇଥିବା ସମସ୍ତ ୨୬ ଜଣ ପୁରୁଷ ଥିଲେ। ସେମାନଙ୍କ ସ୍ତ୍ରୀମାନେ ବିଧବା ହୋଇଯାଇଛନ୍ତି। ଏହି ଘଟଣାରେ ବ୍ୟଥିତ ମୋଦି ମଙ୍ଗଳବାର ରାତିରେ ସମ୍ପୂର୍ଣ୍ଣ ଅପରେଶନ୍‌କୁ ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

## ଜିନ୍ ମୋହି ମାରା, ତେ ମାଇ ମାରେ: ରାଜନାଥ


ରାଜନାଥ ସିଂ

ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ରେ ପାକିସ୍ତାନର କୌଣସି ନାଗରିକଙ୍କୁ ଟାର୍ଗେଟ କରାଯାଇ ନାହିଁ। ଆମେ କେବଳ ସେହିମାନଙ୍କୁ ଟାର୍ଗେଟ କରିଛୁ, ଯେଉଁମାନେ ଆମ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ବର୍ଡର ରୋଡ୍ସ ଅର୍ଗାନାଇଜେଶନ୍ (ବିଆର୍‌ଓ)ର ୫୦ ଭିତ୍ତିଭୂମି ପ୍ରକଳ୍ପକୁ ଉଦ୍‌ଘାଟନ ଅବସରରେ ରାଜନାଥ ରାମାୟଣର ଏକ ପଂକ୍ତି ଉଦ୍ଧାର କରି କହିଛନ୍ତି, 'ଜିନ୍ ମୋହି ମାରା, ତେ ମାଇ ମାରେ'। ସୀତାଙ୍କୁ ରାବଣ ବନ୍ଦୀ କରି ରଖିଥିବା ଅଶୋକ ବାଟିକାକୁ ଧ୍ୱଂସ କରିବା ସମୟରେ ହନୁମାନଙ୍କ ଏହି ବକ୍ତବ୍ୟକୁ ପ୍ରତିରକ୍ଷା ମନ୍ତ୍ରୀ ଉଦ୍ଧୃତ କରି ପାକିସ୍ତାନକୁ ଆସୁରିକ ଶକ୍ତି ସହ ତୁଳନା କରିଛନ୍ତି।

## ଏତିକିରେ ରୁହନ୍ତୁ ନାହିଁ


ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କଲେ ପହଲଗାମ୍‌ରେ ମୃତ ନୌସେନା ଅଧିକାରୀଙ୍କ ସ୍ତ୍ରୀ ହିମାଂଶୀ ନରୱାଲ

'ଅପରେଶନ୍ ସିନ୍ଦୂର'କୁ ଏତିକିରେ ବନ୍ଦ ନ କରି ଏହି ଅଭିଯାନ ଜାରି ରଖିବାକୁ ବୁଧବାର କେନ୍ଦ୍ର ସରକାରଙ୍କୁ ହିମାଂଶୀ ନରୱାଲ ଅନୁରୋଧ କରିଛନ୍ତି। ହିମାଂଶୀ ହେଉଛନ୍ତି ପହଲଗାମ୍ ଆକ୍ରମଣରେ ନିହତ ହୋଇଥିବା ନୌସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ବିନୟ ନରୱାଲ(୨୬)ଙ୍କ ସ୍ତ୍ରୀ। ହିମାଂଶୀ ଏହି ଅପରେଶନ୍ ପାଇଁ କେନ୍ଦ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ ଆତଙ୍କବାଦର ପରିସମାପ୍ତି ନ ଘଟିବା ଯାଏ ଜାରି ରଖିବାକୁ ଅନୁରୋଧ କରିଛନ୍ତି। ହିମାଂଶୀ କହିଛନ୍ତି, ତାଙ୍କ ସ୍ୱାମୀ ପ୍ରତିରକ୍ଷା ବଳରେ ଥିଲେ। ସେ ନିରୀହ ଲୋକଙ୍କୁ ସୁରକ୍ଷା ଦେବାକୁ ଚାହୁଁଥିଲେ। ଦେଶରେ ଆତଙ୍କବାଦକୁ ଶେଷ କରିବାକୁ ଚାହୁଁଥିଲେ। ସେହିପରି ବିନୟଙ୍କ ବାପା ରାଜେଶ ନରୱାଲ କହିଛନ୍ତି, ଭାରତର ଏପରି ଜବାବକୁ ଦେଖି ଆତଙ୍କବାଦୀମାନେ ଭବିଷ୍ୟତରେ ଆକ୍ରମଣ ପୂର୍ବରୁ ୧୦୦ ଥର ଚିନ୍ତା କରିବେ।

ପ୍ରକାଶ ଯେ, ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣର କିଛିଦିନ ପୂର୍ବରୁ ଏହି ଦମ୍ପତି ବିବାହ କରିଥିଲେ। ଉଭୟେ ହନିମୁନ୍ ପାଇଁ କଶ୍ମୀର ଯାଇଥିଲେ। ପହଲଗାମ୍‌ର ବୈସରନ୍‌ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଅନ୍ୟ ୨୫ ଜଣଙ୍କ ସହ ବିନୟ ମଧ୍ୟ ପ୍ରାଣ ହରାଇଲେ।

# ଏନ୍‌ଏସ୍‌ସି ବୈଠକରେ ପାକ୍ ସେନାକୁ କ୍ଷମତା

**ଇସ୍‌ଲାମାବାଦ୍,୭ା୫**


ଶେହବାଜ୍ ଶରିଫ୍

ଭାରତର ଆକ୍ରମଣ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ବୁଧବାର ଜାତୀୟ ସୁରକ୍ଷା ପରିଷଦ (ଏନ୍‌ଏସ୍‌ସି) ବୈଠକରେ ଦେଶର ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ପାକିସ୍ତାନର କ୍ୟାବିନେଟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ୩ ସେନା ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ଭାରତର 'ଅପରେଶନ୍ ସିନ୍ଦୂର'କୁ ବେଆଇନ ଓ 'ଯୁଦ୍ଧଭଳି କାର୍ଯ୍ୟ' ଭାବେ ଅଭିହିତ କରିଛନ୍ତି। ଏନ୍‌ଏସ୍‌ସିର ଏକ ବିବୃତିରେ କୁହାଯାଇଛି, ଜାତିସଂଘ ଚାର୍ଟରର ଧାରା ୫୧ ଅନୁସାରେ ଆତ୍ମରକ୍ଷା ପାଇଁ ଜବାବ ଦେବା ଅଧିକାର ପାକିସ୍ତାନର ରହିଛି। ସେନାକୁ ନିଜ ହିସାବରେ ଜବାବ ଦେବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ପରେ ପାର୍ଲାମେଣ୍ଟକୁ ସମ୍ବୋଧନ ବେଳେ ଶରିଫ୍ କହିଛନ୍ତି, ପାକିସ୍ତାନୀ ସେନା ୫ ଭାରତୀୟ ଜେଟ୍‌କୁ ଖସାଇଦେଇଛି। ସେହିପରି ଜାତି ଉଦ୍ଦେଶ୍ୟରେ ସମ୍ବୋଧନ ବେଳେ ମଧ୍ୟ ଶରିଫ୍ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି କହିଛନ୍ତି। ତେବେ ସେ ନିଜ ଦାବିକୁ ନେଇ କୌଣସି ପ୍ରମାଣ ଉପସ୍ଥାପନ କରିନାହାନ୍ତି। ଇତିମଧ୍ୟରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି, ସଂଘର୍ଷ ବଢ଼ିବା ଆଶଙ୍କା ରହିଛି। ତେବେ ଇସ୍‌ଲାମାବାଦ୍ ଯୁଦ୍ଧ ଏଡ଼ାଇବାକୁ ଉଦ୍ୟମ କରୁଛି।

### ୩୧ ନାଗରିକ ମୃତ, ୫୭ ଆହତ: ଆଇଏସ୍‌ପିଆର୍

ଭାରତୀୟ ସେନା 'ଅପରେଶନ୍ ସିନ୍ଦୂର'ରେ ନିର୍ଦ୍ଦିଷ୍ଟ ଭାବେ ଆତଙ୍କବାଦୀଙ୍କ ଶିବିର ଓ ଅଫିସଗୁଡ଼ିକୁ ଟାର୍ଗେଟ କରି ଆତଙ୍କବାଦୀଙ୍କୁ ନିପାତ କରିଥିବା ଦାବି କରୁଥିବାବେଳେ ପାକିସ୍ତାନୀ ସେନା ଏଥିରେ ୩୧ ନାଗରିକଙ୍କ ମୃତ୍ୟୁ ଘଟିଥିବା କହିଛି। ପାକ୍ ସେନାର ଲୋକ ସମ୍ପର୍କ ବିଭାଗ ଇଣ୍ଟର-ଷ୍ଟେଟ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଭାରତୀୟ ବଳ ପାକିସ୍ତାନର ଜନବସତିପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ କରିଥିଲା। ଏଥିରେ ୩୧ ନିରୀହ ନାଗରିକ ପ୍ରାଣ ହରାଇଛନ୍ତି ଓ ୫୭ ଆହତ ହୋଇଛନ୍ତି। ଏହି ସାଧାରଣ ଲୋକ କ'ଣ ଆତଙ୍କବାଦୀ ବୋଲି ଆଇଏସ୍‌ପିଆର୍ ଡିଜି ଅହମଦ ଶରିଫ୍ ଚୌଧରୀ ପ୍ରଶ୍ନ କରିବା ସହ ବିଶ୍ୱ ସମ୍ମୁଖରେ ଏହି ପ୍ରମାଣ ଉପସ୍ଥାପନ କରାଯିବ ବୋଲି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରବିଙ୍କ ସୁପ୍ରଭାବରୁ ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଧର୍ମକାର୍ଯ୍ୟ କରିବାକୁ ମନ ବଳାଇବେ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**ବୃଷ** – ବୁଧଙ୍କ ଦୁର୍ବଳତା କାରଣରୁ ବନ୍ଧୁଙ୍କ ଅସହଯୋଗ ସାଙ୍ଗକୁ ଅର୍ଥାଭାବ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ମିଥୁନ** – ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ହନ୍ତସନ୍ତ ହେବେ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। କୌଣସି ପ୍ରିୟଜନଙ୍କ ଅନୁରୋଧକ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ପ୍ରତ୍ୟୁଷଯାତ୍ରା, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ ଏବଂ ସଭାସମିତିରେ ପ୍ରଶଂସିତ ହେବେ।

**କର୍କଟ** – କୌଶଳ ପ୍ରୟୋଗ କରି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ କ୍ଷେତ୍ରରେ ରହିଥିବା ଟେନସନ୍ କେତେକାଂଶରେ କମିଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** – କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ଖର୍ଚ୍ଚ ବଢ଼ିଯାଇପାରେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ଶିଳ୍ପ, ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତି, ମନୋରଞ୍ଜନରେ ସଫଳତା ଅର୍ଜନ କରିବେ।

**କନ୍ୟା** – କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତ ହେବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଅର୍ଥ ଲାଭ ସାଙ୍ଗକୁ କଳ୍ପନାର ବାହାରେ ଥିବା କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** – ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ ବୁଦ୍ଧି ଖଟାଇ ତାହାର ନିରାକରଣରେ ସମର୍ଥ ହେବେ। ପୂର୍ବରୁ କଥା ଦେଇଥିବା ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କ ନ ରହିଲେ ଅଘଟଣ ଘଟିପାରେ। ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ।

**ବିଛା** – କର୍ମକ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ କାମରେ ଅବହେଳା କରି ସମାଲୋଚିତ ହେବେ। ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁଙ୍କ ଉପର ଠାଉରିଆ ସ୍ନେହ ଓ ସଦ୍‌ଭାବକୁ ଲକ୍ଷ୍ୟକରି ଆନମନା ହୋଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** – ନିଜ ମନଲାଖି କାମ ନ କରିପାରିବାରୁ ମନ ଅସ୍ଥିର ରହିବ। ପାରିବାରିକ ଜଞ୍ଜାଳ ମାନସିକ ଚାପକୁ ବୃଦ୍ଧି କରିବ। ଆନୁଷ୍ଠାନିକ କାମ କିମ୍ବା ସଭାସମିତିରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇପାରନ୍ତି।

**ମକର** – ଗତାନୁଗତିକ କର୍ମଧାରାରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ମଧ୍ୟ ନୀରବତା ମଧ୍ୟରେ ସନ୍ତୁଷ୍ଟ ରହିବାକୁ ପଡିବ। ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ପରିସ୍ଥିତି ପ୍ରତି ସଚେତନ ରହି ନିଜ ଲୋକଙ୍କୁ ଆପଣେଇ ନେବେ। ଦିନଟିରେ ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ** – ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗ ରହିବ। ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ଲାଗିରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** – ଆପଣଙ୍କ ଯୁକ୍ତିରେ ଅସନ୍ତୋଷ ପ୍ରକାଶ କଲେ ମଧ୍ୟ କୌଣସି ବ୍ୟକ୍ତି ମୁହଁ ସାମନାରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। ଆଜିର ଯାତ୍ରା, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ସାହିତ୍ୟ, ସଙ୍ଗୀତ, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି।

ଆଜି ମେ ୮ ତାରିଖ, ବିଶ୍ୱ ରେଡକ୍ରସ ଓ ବିଶ୍ୱ ଥାଲାସେମିଆ ଦିବସ, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/କନ୍ୟା, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୫.୧୭ ଗତେ ଘ.୦୭.୦୦ ମଧ୍ୟେ, ଘ.୧୦.୨୬ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୯ ଗତେ ଘ.୦୨.୫୬ ମଧ୍ୟେ ରାହୁ କାଳ।




# ହାଇ ଆଲର୍ଟରେ ଓଡ଼ିଶା ପୋଲିସ

ଭୁବନେଶ୍ୱର,୭।୫(ସତ୍ୟଜିତ ରାଉତ)

ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକ୍‌-ଅଧିକୃତ କଶ୍ମୀର (ପିଓକେ)ର ୯ଟି ସ୍ଥାନରେ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟାଳୟ ଓ ଶିବିରରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏପରି କି ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନଜରରେ ରଖି ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯାଉଥିବାବେଳେ ବିଭିନ୍ନ ସୁରକ୍ଷା ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଉଛି। ଏଭଳି ସ୍ଥିତିରେ ଓଡ଼ିଶା ପୋଲିସକୁ ମଧ୍ୟ ହାଇଆଲର୍ଟ କରାଯାଇଥିବା ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ଦିଆଯାଇଛି। ଏଥିସହ ପୋଲିସ ପକ୍ଷରୁ ଗୋଇନ୍ଦା ତଥ୍ୟ ସଂଗ୍ରହ, କେନ୍ଦ୍ରୀୟ ଏଜେନ୍ସି ସହ ସମନ୍ୱୟ ବଢ଼ାଇ ଦିଆଯିବା ସହ ଶ୍ରୀଜଗନ୍ନାଥ ମନ୍ଦିର, ବିଜୁ ପଟ୍ଟନାୟକ ବିମାନ ବନ୍ଦର ଏବଂ କେତେକ ଜିଲାରେ ଥିବା ଆର୍ମି ବେସ୍‌ରେ ପାଟ୍ରୋଲିଂକୁ ବ୍ୟାପକ କରାଯାଇଛି। ଅନ୍ୟପକ୍ଷରେ ବିଶେଷ କରି ୪୮୦ କି.ମି. ଓଡ଼ିଶା ବେଳାଭୂମିରେ ୧୮ଟି ପୋଲିସ ଥାନା, ଭାରତୀୟ ଜଳ ସେନା ଓ କୋଷ୍ଟଗାର୍ଡ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। କୌଣସି ସନ୍ଦିଗ୍ଧ ଲୋକ ନଜରକୁ ଆସିଲେ ସେମାନଙ୍କୁ ପଚରାଉଚରା କରାଯାଉଛି। ସେହିପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଭବନ ଓ ଶିଳ୍ପାଞ୍ଚଳ ସହରରେ ମଧ୍ୟ ସୁରକ୍ଷା ବଢ଼ାଇ ଦିଆଯିବା ସହ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ପ୍ରାଣୀଚିକିତ୍ସା ବୈଷୟିକ ସେବା ନିୟମ ୨୦୨୪କୁ କ୍ୟାବିନେଟ୍ ମଞ୍ଜୁରି

ଭୁବନେଶ୍ୱର,୭।୫(ଅନୁରାଧା ମହାରଣା)

ପ୍ରାଣୀଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ଏବଂ ସର୍ତ୍ତାବଳୀ) ନିୟମ ୨୦୨୪କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରସ୍ତାବିତ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୨୦୨୪ ଅନୁଯାୟୀ ପୂର୍ବର ଓଡ଼ିଶା ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୧୯୮୩ ଏବଂ ପରବର୍ତ୍ତୀ ସମସ୍ତ ସଂଶୋଧନକୁ ବଦଳାଇବା ସହିତ ପୁରୁଣା ଓ ଅନାବଶ୍ୟକ ନିୟମକୁ ପ୍ରତ୍ୟାହାର କରି ନିକଟରେ ପୁର୍ନଗଠିତ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରକୁ ନିୟନ୍ତ୍ରିତ କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପଟେ ଓଡ଼ିଶା ପ୍ରାଣୀଚିକିତ୍ସା ବୈଷୟିକ ସେବା କ୍ୟାଡରରେ ୧୧୩ ନୂତନ ପଦବୀ ସୃଷ୍ଟି କରାଯାଇ ଏହାର କ୍ଷମତା ୪,୦୪୫ରୁ ୪,୧୫୮କୁ ବୃଦ୍ଧି କରାଯାଇଛି ଯାଇଛି।

# ଅଜିତ୍ ମିଶ୍ର ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ

ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ଅଜିତ୍ କୁମାର ମିଶ୍ରଙ୍କୁ ବୁଧବାର ନିଯୁକ୍ତି ମିଳିଛି। ଅଜିତ୍ ଜଣେ ପ୍ରଶାସନିକ ଅଧିକାରୀ ରହିଥିଲେ। କିଛିଦିନ ହେବ ସେ ସରକାରୀ ଚାକିରିରୁ ଅବସର ନେବା ପରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ପୂର୍ବରୁ ସେ ନବରଙ୍ଗପୁର ସମେତ ବିଭିନ୍ନ ଜିଲାର ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି। ବିଜେଡି ସରକାର ସମୟରେ ବହୁ ବିଭାଗରେ ମଧ୍ୟ ସେ ଦାୟିତ୍ୱ ତୁଲାଇଥିଲେ। ବିଜେଡି ସରକାର ସମୟରେ ସେ ନବୀନଙ୍କ କୋଟେରି ଗ୍ରୁପ୍‌ର ବହୁ ଘନିଷ୍ଠ ଥିଲେ। ଏବେ ପୁଣି ଥରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ନିଯୁକ୍ତି ମିଳିବା ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି କରିଛି। ଅଫିସର୍ ରାଜ ବିଷୟକୁ ନେଇ ରାଜ୍ୟରୁ ଶାସନ କ୍ଷମତାରୁ ଯାଇଥିବା ବିଜେଡି ଏବେ ବି ପ୍ରଶାସନିକ ଅଧିକାରୀମାନଙ୍କୁ କାହିଁକି ଛାଡ଼ିପାରୁ ନାହିଁ ବୋଲି ଦଳ ଭିତରେ ବହୁମାତ୍ରାରେ ପ୍ରଶ୍ନ ଉଠିବାରେ ଲାଗିଛି।

# ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା

# ଦିବ୍ୟାଙ୍ଗ, ମହିଳା, କିନ୍ନର, ଛାତ୍ର, ବରିଷ୍ଠ ନାଗରିକଙ୍କୁ ୫୦% ରିହାତି

**କ୍ୟାବିନେଟ୍ ନିଷ୍ପତ୍ତି**

ଭୁବନେଶ୍ୱର,୭।୫
(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ଗମନାଗମନରେ ସୁବିଧା ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ବସ୍ ସେବା(ଏମ୍‌ବିଏସ୍) ପ୍ରସ୍ତାବକୁ ମୋହର ମାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ମହିଳା, କିନ୍ନର, ଛାତ୍ର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବାତାନୁକୂଳ (ଏସି) ଓ ଅଣ-ବାତାନୁକୂଳ (ନନ୍-ଏସି) ବସ୍ ଭଡ଼ାରେ ୫୦% ରିହାତି ମିଳିବ। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଏକ ସୁରକ୍ଷିତ, ନିର୍ଭରଯୋଗ୍ୟ, ସୁଲଭ ଏବଂ ଅଧିକ ଦକ୍ଷ ପରିବହନ ସେବାଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ କ୍ୟାବିନେଟ୍ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବସ୍‌ଗୁଡ଼ିକରେ ସିସିଟିଭି କ୍ୟାମେରା, ଲାଇଭ୍ ଭ୍ୟାନ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ଓ ପାନିକ୍ ବଟନ୍ ଇତ୍ୟାଦି ରହିବ। ମହିଳା ତଥା ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ। ଅଭିନବ ସଡ଼କ ସୁରକ୍ଷା ବ୍ୟବସ୍ଥା ଭାବରେ ସମସ୍ତ ଏମ୍‌ବିଏସ୍ ବସ୍‌ରେ ଉନ୍ନତ ଡ୍ରାଇଭର ସହାୟତା ପ୍ରଣାଳୀ ରହିବ। ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ସମାବେଶୀ ଏବଂ ସମନ୍ୱିତ ପରିବହନ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବା ସହିତ ହିତାଧିକାରୀଙ୍କ ସହ ଉତ୍ତମ ପରାମର୍ଶ ମାଧ୍ୟମରେ ବର୍ତ୍ତମାନର ଗ୍ରାମୀଣ ସଂଯୋଗୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଯୋଜନାର ଲକ୍ଷ୍ୟ।

## 'ନିଦାନ' ଓ 'ନିର୍ମଳ' ଅବଧି ଆଉ ୫ ବର୍ଷ ବୃଦ୍ଧି

ରାଜ୍ୟବାସୀଙ୍କୁ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଲାଗି ୯,୬୫୬ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତାଙ୍କୁ କହିଛନ୍ତି, ସାର୍ବଜନୀନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ସେବା ସୁଦୃଢ଼ କରିବା ଲାଗି 'ନିର୍ମଳ' ଯୋଜନାକୁ ଆଉ ୫ ବର୍ଷ ଜାରି ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହାସହ ଏଥିରେ ନିୟୋଜିତ ହାଉସ୍ କିପିଂ, ସ୍ୱଚ୍ଛତା ସେବା, ଲିନେନ୍, ଲଣ୍ଡ୍ରି ସେବା, ସୁରକ୍ଷା ସେବା ଏବଂ ଆଟେଣ୍ଡାଣ୍ଟ ସେବା ଇତ୍ୟାଦିର କାର୍ଯ୍ୟକାରିତାକୁ ଆହୁରି ବୃଦ୍ଧି କରିବା ନିମନ୍ତେ ୫ ବର୍ଷ ଭିତରେ ୫ହଜାର ୧୭୪.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଆସନ୍ତା ୫ ବର୍ଷ ପାଇଁ 'ନିଦାନ' ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏଥିଲାଗି ୨୪୫୯.୫୧କୋଟି ଟଙ୍କା ଖର୍ଚ୍ଚହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ରୋଗୀଙ୍କ ମାଗଣା ଡାଇଗ୍ନୋଷ୍ଟିକ ସେବା ତ୍ୱରାନ୍ୱିତ ହୋଇପାରିବ। ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ପ୍ରକାର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୫ ପ୍ରକାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୩ ପ୍ରକାର, ଉପଖଣ୍ଡ ଚିକିତ୍ସାଳୟରେ ୧୨୧ ପ୍ରକାର, ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୬ ପ୍ରକାର, ଭେଷଜ ମହାବିଦ୍ୟାଳୟରେ ୨୨୧ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇପାରିବ। ଏଣିକି ପିପିପି ମୋଡ୍‌ରେ ମନୋନୀତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ମଧ୍ୟ ମାଗଣାରେ ଏମ୍ଆର୍ଆଇ ଓ ସିଟିସ୍କାନ୍ ସେବା ଉପଲବ୍ଧ ହୋଇପାରିବ ବୋଲି ଆହୁଜା କହିଛନ୍ତି। ମନୋଜ ଆହୁରି କହିଛନ୍ତି, ଜୈବ ଚିକିତ୍ସା ବର୍ଜ୍ୟ ପରିଚାଳନା ନିୟମ-୨୦୧୬ ଏବଂ ପରବର୍ତ୍ତୀ ସଂଶୋଧନ ନିୟମକୁ ଅନୁସରଣ କରି ନିରାପଦ ପଦ୍ଧତି ଏବଂ ସ୍ୱଳ୍ପ ଖର୍ଚ୍ଚ ଦ୍ୱାରା ଜୈବ ଚିକିତ୍ସା ବର୍ଜ୍ୟର ପରିଚାଳନା ଏବଂ ନିଷ୍କାସନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବ୍ୟୟ ଅର୍ଥ କମିଟି 'ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା' ଯୋଜନା ନିମନ୍ତେ ରାଜ୍ୟ ବଜେଟରୁ ମୋଟ ୨୦୨୧.୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ଦେଇଛି ବୋଲି ସଚିବ ମନୋଜ କହିଛନ୍ତି।

**ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ଖର୍ଚ୍ଚହେବ ୯୬୫୬ କୋଟି**

# ସଡ଼କ ଉନ୍ନତୀକରଣ ପାଇଁ ଦୁଇ ନୂଆ ଯୋଜନା

ରାଜ୍ୟରେ ରାସ୍ତା ସଂଯୋଗୀକରଣ ଓ ଉନ୍ନତୀକରଣକୁ ସରକାର ଗୁରୁତ୍ୱ ଦେଇ ଦୁଇଟି ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର କ୍ୟାବିନେଟ ବୈଠକରେ ନୂତନ ଯୋଜନା 'ନିର୍ବାଚନମଣ୍ଡଳୀୱାରି ଅର୍ଥ ବ୍ୟବସ୍ଥା' ଓ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ'କୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟ ସରକାର ୩୦ ଜିଲାର ୧୪୭ଟି ନିର୍ବାଚନମଣ୍ଡଳୀରେ ଥିବା ଗ୍ରାମୀଣ ସଡ଼କ ନିର୍ମାଣ କରିବା ଏବଂ ସଡ଼କଗୁଡ଼ିକର ଉନ୍ନତୀକରଣ ପାଇଁ 'ନିର୍ବାଚନମଣ୍ଡଳୀୱାରି ଅର୍ଥ ବ୍ୟବସ୍ଥା' ନାମକ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ୩ ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୬-୨୭ ମଧ୍ୟରେ ୪୨୬ କୋଟି ଟଙ୍କା ଖର୍ଚ୍ଚହେବ। ଫଳରେ ୧୪୨ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ସଡ଼କଗୁଡ଼ିକର ଉନ୍ନତୀକରଣ କରାଯିବ। ଏହାଦ୍ୱାରା ଶିକ୍ଷାନୁଷ୍ଠାନ, ଚିକିତ୍ସା ସୁବିଧା ଏବଂ ପର୍ଯ୍ୟଟନ ସହ ଉତ୍ତମ ସଂଯୋଗୀକରଣ ହୋଇପାରିବ। ଆହୁଜା ପୁଣି କହିଛନ୍ତି, ସରକାର ରାଜ୍ୟର ପ୍ରଭାବିତ ଅଞ୍ଚଳରେ ବିପର୍ଯ୍ୟୟ ସମୟ ଏବଂ ପରେ ରାସ୍ତା ସଂଯୋଗୀକରଣକୁ ପ୍ରାଧାନ୍ୟ ଦେଇ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ଆରମ୍ଭ କରିଛନ୍ତି। ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ ଯୋଜନାରେ ବନ୍ୟାଜଳସ୍ତରରୁ ସଡ଼କ ବନ୍ଧକୁ ଉପରକୁ ଉଠାଇବା, ମାଟି ଓ ରାସ୍ତା କ୍ଷୟକୁ ରୋକିବା ପାଇଁ ସୁରକ୍ଷା କାନ୍ଥ ସହ ପଥରବନ୍ଧ ବାନ୍ଧିବା, ସମସ୍ତ ସମ୍ଭାବ୍ୟ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ପୋଲ୍ ଏବଂ ସେତୁ ଇତ୍ୟାଦି ନିର୍ମାଣକରି ବନ୍ୟାଜଳର ଠିକ୍ ନିଷ୍କାସନ କରାଇବା, ଜଳମଗ୍ନ ସେତୁକୁ ଉଚ୍ଚତର ସେତୁ ଏବଂ ପାହାଡ଼ିଆ ରାସ୍ତାର ଜଳ ନିଷ୍କାସନ ପାଇଁ ନାଳ ସହ ପାହାଡ଼କଡ଼ରେ ପାର୍ଶ୍ୱ କାନ୍ଥ ତିଆରିକରି ଉନ୍ନତ ସଡ଼କ ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ। ଏହି ଯୋଜନାରେ ୫ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ପ୍ରାୟ ୫୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି।

# ବିଚାରବିଭାଗୀୟ ବ୍ୟବସ୍ଥା ସୁଦୃଢ଼ୀକରଣ ହେବ: ମୋହନ

## ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା




- ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ୍
- ଉଗ୍ରବାଦୀ କାର୍ଯ୍ୟକଳାପର ତଦନ୍ତ ଏସ୍‌ପି ତଳ ପାହ୍ୟା ଅଧିକାରୀ କରିବେନି

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ୩ଟି ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବିଚାରବିଭାଗୀୟ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫ୍ଆଇଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇପାରିବ। ଏଥିଲାଗି ଜେଲ, ହସ୍ପିଟାଲ, ଫୋରେନ୍‌ସିକ ଲାବ୍, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସାକ୍ଷୀମାନେ ଯେଉଁ ସ୍ଥାନରେ ଥିବେ, ସେଠାରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ। ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ ଇଲେକ୍ଟ୍ରୋନିକ୍ ମୋଡ୍‌ରେ କରିବା ଜରୁରୀ।

ଫୋରେନ୍‌ସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଅତ୍ୟାଧୁନିକ ମୋବାଇଲ ଫୋରେନସିକ୍ ଭ୍ୟାନ୍ ନିୟୋଜିତ କରାଯିବ। ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ ନିୟୋଜିତ ହେବ। ଭିଡ଼ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଙ୍ଗଠିତ ଅପରାଧ କ୍ଷେତ୍ରରେ ଏସ୍‌ପିଙ୍କ ତଳ ର୍‍ୟାଙ୍କର କୌଣସି ଅଧିକାରୀ ତଦାରଖ କରିବେନାହିଁ। ଫୋରେନସିକ୍ ଓ ସାଇବର ଫୋରେନ୍‌ସିକ ବିଶେଷଜ୍ଞମାନଙ୍କ ପାଇଁ ୨୪୭ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଦନାମ କରିବାକୁ ପ୍ରୟାସ, ହେବ କାର୍ଯ୍ୟାନୁଷ୍ଠାନ

## ଓମ୍‌ଫେଡ୍ କ୍ଷୀରରେ ଅପମିଶ୍ରଣ ଅଭିଯୋଗ ମାମଲା

ଭୁବନେଶ୍ୱର,୭।୫
(ଅନୁରାଧା ମହାରଣା)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବାଲିସାହିରେ ଥିବା ମା' ଛତରେଇ ଦୁଗ୍ଧ ସଂଗ୍ରହ କେନ୍ଦ୍ର ବା ମିଲ୍କ ଚିଲର କେନ୍ଦ୍ରରୁ ଅପମିଶ୍ରଣ ଦୁଗ୍ଧ ଓମ୍‌ଫେଡ୍‌କୁ ଦିଆଯାଉଥିବା ମଙ୍ଗଳବାର ଅଭିଯୋଗ ହୋଇଥିଲା। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏନେଇ ବୁଧବାର କହିଛନ୍ତି, ଓମ୍‌ଫେଡ୍ ହେଉଛି ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧଚାଷୀଙ୍କ ସମବାୟ ସଂସ୍ଥା। ଚାଷୀମାନଙ୍କଠାରୁ ସଂଗୃହୀତ ଦୁଗ୍ଧ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା ନିରୀକ୍ଷା କରାଯାଇଥାଏ। ଶୀତଳୀକରଣ କେନ୍ଦ୍ରରେ ପୁନଃ ପରୀକ୍ଷା ହେବା ସହ ତା'ର ମାନ ଅତ୍ୟାଧୁନିକ ମେଶିନ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଏଥିରେ ସାମାନ୍ୟତମ ଅପମିଶ୍ରଣ ରହିଲେ ତାହା ସହଜରେ ଜଣାପଡ଼ିଯିବ। ତେବେ ମା' ଛତରେଇ ବ୍ଲକ ମିଲ୍କ ଚିଲର କେନ୍ଦ୍ରରୁ ଓମ୍‌ଫେଡ୍‌କୁ ଦୈନିକ ୬୦୦ ଲିଟର ଦୁଗ୍ଧ ଆସୁଛି। ସେଥିରେ ମିଶ୍ରଣ ହୋଇଥିବା ନେଇ ସନ୍ଦେହ ହେବାରୁ, ଓମ୍‌ଫେଡ୍ ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗକୁ ଯାଞ୍ଚ ପାଇଁ ଅବଗତ କରାଯାଇଥିଲା। ସେଥିପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ତେବେ ଅନ୍ୟ ଘରୋଇ କମ୍ପାନୀକୁ ଦୁଗ୍ଧ ଦେଉଥିବା ବ୍ୟକ୍ତି ଓମ୍‌ଫେଡ୍‌କୁ ବଦନାମ୍ କରିବାକୁ ପ୍ରୟାସ କରିଥିବାରୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲାଙ୍ଗେ କହିଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ଓମ୍‌ଫେଡ୍‌ର ବିଭିନ୍ନ ପ୍ଲାଣ୍ଟରେ ସବୁଠାରୁ ଅତ୍ୟାଧୁନିକ ଟେଷ୍ଟିଂ ମେଶିନ ରହିଛି। ବିଭିନ୍ନ ପର୍ଯ୍ୟାୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପରୀକ୍ଷା ନିରୀକ୍ଷା କରାଯାଉଛି। କୌଣସି ଦୁଗ୍ଧରେ ସାମାନ୍ୟତମ ଅପମିଶ୍ରଣ ଲକ୍ଷଣ ଜଣାପଡ଼ିଲେ ଉକ୍ତ ଟ୍ୟାଙ୍କର ଦୁଗ୍ଧକୁ ସଂପୃକ୍ତ ସୋସାଇଟିକୁ ଫେରାଇ ଦିଆଯାଉଛି। ଓମ୍‌ଫେଡ୍ ରାଜ୍ୟର କୌଣସି ସ୍ଥାନରୁ ଅପମିଶ୍ରଣ ଦୁଗ୍ଧ ସଂଗ୍ରହ କରେନାହିଁ। ଗୁଣବତ୍ତା ଉପରେ ସର୍ବଦା ଗୁରୁତ୍ୱାରୋପ କରିଆସୁଥିବା ଓମ୍‌ଫେଡ୍ ତା'ର ପ୍ରତ୍ୟେକ ଉତ୍ପାଦର ମାନ ରକ୍ଷା କରିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ବଜାୟ ରହିବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ । ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ । –ଶ୍ରୀଅରବିନ୍ଦ

-ମୋହିନୀ ଏକାଦଶୀ, ଲକ୍ଷ୍ମୀନାରାୟଣ ଏକାଦଶୀ ବ୍ରତ ଓ ହଳ ନିଷେଧ



# ସଂଯୋଗର ପଥ



ଦେବଦତ୍ତ ପଟ୍ଟନାୟକ

ଏକଦା ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ଦେଇ ଯାଇଥିଲା । ଏହାକୁ ଗୋଲ୍ଡେନ ରୋଡ୍, ହର୍ସ ରୋଡ୍, କଟନ୍ ରୋଡ୍ ଏବଂ ସ୍ପାଇସ୍ ରୋଡ୍ କୁହାଯାଉଥିଲା । ଏସବୁ ରାସ୍ତା ବିଶେଷକରି ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିଲା । ଯଦି ୟୁରୋପ ଓ ଆମେରିକାକୁ ପଶ୍ଚିମ ଭାଗ (ପାଶ୍ଚାତ୍ୟ) ଭାବେ ଏବଂ ଚାଇନାକୁ ପୂର୍ବ ଭାଗ ଭାବେ ଦେଖିବା ତେବେ ଭାରତୀୟ ଉପମହାଦେଶ ପୃଥିବୀର ଠିକ୍ ମଝିରେ ରହିଥିଲା । ପୃଥିବୀ ବିଭିନ୍ନ ଦେଶରେ ବିଭକ୍ତ ହେବା ପରେ ଏହି ଉପମହାଦେଶକୁ ଏବେ କୁହାଯାଉଛି ଦକ୍ଷିଣ ଏସିଆ । ତେବେ ବିଭାଜିତ ଦେଶଗୁଡ଼ିକର ସୀମା ରହିଛି ଓ ବିନା ଭିଜା କିମ୍ବା ପାସପୋର୍ଟରେ ଏହି ସୀମାକୁ କେହି ଅତିକ୍ରମ କରିପାରିବେ ନାହିଁ । ଦକ୍ଷିଣ ଏସିଆରେ ଏବେ ଆଫଗାନିସ୍ତାନ ଓ ପାକିସ୍ତାନ ଅଛି, ଯଦିଓ ଉଭୟ ଦେଶ ନିଜକୁ ପଶ୍ଚିମ ଇସ୍‌ଲାମିକ ଓ କେନ୍ଦ୍ର ଏସିଆ ଭାବେ ନିଜକୁ ଦେଖିବାକୁ ପସନ୍ଦ କରୁଛନ୍ତି । ବର୍ମା (ଏବକାର ମ୍ୟାନ୍‌ମାର) ଏବଂ ତିବ୍ବତ, ଏପରିକି ଇରାନକୁ ବେଳେବେଳେ ଦକ୍ଷିଣ ଏସିଆର ଅଂଶ ଭାବେ ଦେଖାଯାଉଛି । ଏଭଳି ନାମକରଣ ପଦ୍ଧତି ରାଜନୈତିକ ଓ ଜଟିଳ ମଧ୍ୟ ।

ପୂର୍ବ ଓ ପଶ୍ଚିମର ଦେଶଗୁଡ଼ିକ ମଧ୍ୟରେ ଆରମ୍ଭରୁ ଭାରତୀୟ ଉପମହାଦେଶ ଏକକ ସଂସ୍କୃତିର ଅଞ୍ଚଳ ଥିଲା । ପୂର୍ବରେ ଥିବା ଚାଇନା ସଭ୍ୟତାରେ ମୁଖ୍ୟତଃ ନିୟନ୍ତ୍ରିତ ଆବଦ୍ଧ ସହରଗୁଡ଼ିକ ରହିଥିଲା, ଯେଉଁଠି ସାଂସ୍କୃତିକ ବାସ୍ତବତା ଓ ଈଶ୍ୱର ବିଶ୍ୱାସ ମଧ୍ୟରେ ସମନ୍ୱୟ ରହିଥିଲା । ପାଶ୍ଚାତ୍ୟ ସଂସ୍କୃତି ଈଶ୍ୱରଙ୍କ ସହ ସମ୍ପର୍କ, ବିନାଶର ଦିନ ଓ ଏକ ବୈଶ୍ୱିକ ସତ୍ୟ ସମ୍ପର୍କରେ କହୁଥିଲା । ଏହି ପୂର୍ବ ଓ ପଶ୍ଚିମ ମଧ୍ୟରେ ରହିଥିଲା ସିନ୍ଧୁ ନଦୀ ଅବବାହିକାରେ ଥିବା ଭାରତ । ଏହା ଥିଲା ବୁଦ୍ଧ ଓ ବ୍ରାହ୍ମଣଙ୍କ ଭୂମି, ଯେଉଁଠି ପୁନର୍ଜନ୍ମ ଓ ପ୍ରାରବ୍ଧର ଫଳ ଭୋଗ ଉପରେ ବିଶ୍ୱାସ ରହିଥିଲା । ଏହା ଥିଲା ଭାରତୀୟ ଉପମହାଦେଶର ସଭ୍ୟତା ଯାହା ଜୀବନକୁ କର୍ମର ଫଳ ଭାବେ ଦେଖୁଥିଲା, ଯେଉଁଥିରେ ପାପ,ପୁଣ୍ୟ ଓ ମୋକ୍ଷ ବିଚାର ରହିଥିଲା । ଏଠାରେ ଅତୀତ ହିଁ ବର୍ତ୍ତମାନ ମାଧ୍ୟମ ଦେଇ ଭବିଷ୍ୟତ ସହ ସଂଯୋଜିତ ହୋଇଥାଏ । ଆରମ୍ଭ ( ଅନାଦି) ପୂର୍ବରୁ କିଛି ଥିଲା ଏବଂ ଶେଷ( ଅନନ୍ତ) ପରେ ମଧ କିଛି ଅଛି । ଏହି ପୁନର୍ଜନ୍ମ ଆଧାରିତ ବୈଶ୍ୱିକ ଦୃଷ୍ଟିକୋଣ ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର, ଯାହାକୁ 'ସନାତନ' କିମ୍ବା 'ଧର୍ମୀୟ' ବିଶ୍ୱାସ କୁହାଯାଇପାରେ ।

ଭାରତର ଭୌଗୋଳିକ ସ୍ଥିତି ସ୍ୱତନ୍ତ୍ର ଥିଲା, ଯେଉଁଥିରୁ ହିଁ ତାହାର ସ୍ୱତନ୍ତ୍ର ବିଚାର ଆସିଥିଲା । ହେଲେ ଉପମହାଦେଶୀ ସଭ୍ୟତା ଏକ ଉପଦ୍ୱୀପରେ ସୃଷ୍ଟି ହୋଇଥିଲା । ଭୂଗର୍ଭର ଶିଳା ଚଳନ ଓ ଗଠନ ପ୍ରକ୍ରିୟାରେ ଭୂପୃଷ୍ଠରେ ଅନେକ ନଦୀ ଉପତ୍ୟକା ଅନେକ ପର୍ବତ ଦ୍ୱାରା ବିଭାଜିତ ହୋଇଥିଲା ।



ଏହି କ୍ରମରେ ଆଫ୍ରିକାର ଏକ ଅଂଶ ଯେତେବେଳେ ଏସିଆ ଭୂଖଣ୍ଡ ସହ ମିଶି ଏକ ନୂତନ ଉପଦ୍ୱୀପ ସୃଷ୍ଟି କରିଥିଲା ଯେଉଁଠି ବିବିଧତାପୂର୍ଣ୍ଣ ତଥା ପରସ୍ପର ସହ ସମ୍ପର୍କ ଥିବା ଏକ ସଂସ୍କୃତି ଗଢ଼ିଉଠିଥିଲା । ବିବିଧ ଜନ ସମୁଦାୟର ମଧ୍ୟ ଉତ୍‌ଥାନ ହୋଇଥିଲା । ସେମାନଙ୍କ ମଧ୍ୟରେ ବାଣିଜ୍ୟ ପଥ ମାଧ୍ୟମରେ ସମ୍ପର୍କ ରହିଥିଲା । ଏହିସବୁ ପଥ ନଦୀ ଓ ସମୁଦ୍ର ଏବଂ ପର୍ବତ ବାଟ ମଧ ଦେଇ ଯାଇଥିଲା । ତେବେ ସୃଷ୍ଟି ହୋଇଥିବା ବିରାଟକାୟ ଭୂଖଣ୍ଡର ଉପର ଭାଗରେ ପର୍ବତ ଓ ନିମ୍ନ ଦେଶରେ ସମୁଦ୍ର ରହିଥିଲା । ଏଣୁ ଭାରତ ଏହାର ଉପର ଭାଗରେ ରାସ୍ତା ମାଧ୍ୟମରେ ଏବଂ ନିମ୍ନ ଭାଗରେ ସମୁଦ୍ର ପଥରେ ଅନ୍ୟ ଭୂଖଣ୍ଡ ସହ ଯୋଗାଯୋଗ ରହିଥିଲା । ଏହି ପାହାଡ଼ିଆ ରାସ୍ତା ଶୀତଦିନେ ବନ୍ଦ ହୋଇଯାଏ ଏବଂ ଗ୍ରୀଷ୍ମରେ ତାହା ଖୋଲୁଥିଲା । ମୌସୁମୀ ପବନ ଉପରେ ସମୁଦ୍ର ପଥ ନିର୍ଭର କରୁଥିଲା, ଯାହା ବର୍ଷା ପୂର୍ବରୁ ଗ୍ରୀଷ୍ମରେ ଗୋଟିଏ ଦିଗକୁ ବହୁଥିଲା ବେଳେ ବର୍ଷା ପରେ ଶୀତଦିନରେ ଅନ୍ୟ ଏକ ଦିଗକୁ ବହେ । ଏଣୁ ଏହା ସହ ତାଳଦେଇ ବାଣିଜ୍ୟ ଚାଲୁଥିଲା ।

ହିନ୍ଦୁ ପୁରାଣ ଅନୁଯାୟୀ ଭାରତର ଉତ୍ତରରେ ବରଫ ଆଚ୍ଛାଦିତ ପର୍ବତ ଥିଲା ତପସ୍ୱୀ ଶିବ (ହର)ଙ୍କ ବାସସ୍ଥାନ । ସେ ଗୃହୀ ଭାବେ ରହିବା ଲାଗି ଦେବୀ (ଶକ୍ତି)ଙ୍କ ସହ ପର୍ବତରୁ ଗଙ୍ଗାର ସମତଳ ଉପତ୍ୟକା କାଶୀ ସହରକୁ ଓହ୍ଲାଇ ଆସିଥିଲେ । ତାଙ୍କର ୨ ପୁତ୍ର ଥିଲେ କାର୍ତ୍ତିକ ଓ ଗଣେଶ । କାର୍ତ୍ତିକ ତାଙ୍କ ବର୍ଚ୍ଛା ଦ୍ୱାରା ପାହାଡ଼କୁ କାଟି ଗିରିପଥ କରିଥିଲେ ଏବଂ ଗଣେଶ ହାତୀଙ୍କୁ ଚଲାଇ ସମତଳରେ ରାଜପଥ କରିଥିଲେ । ବିଷ୍ଣୁ( ହରି) ପୂର୍ବ, ପଶ୍ଚିମ ଓ ଦକ୍ଷିଣରେ ଥିବା ୩ ମହାସାଗରକୁ ଅଧିକାର କରିଥିଲେ । ବିଷ୍ଣୁ ମହାସାଗରରେ ବାସୁକି ଉପରେ ଶୟନ କରିଥିଲେ । ବିଷ୍ଣୁଙ୍କ ଦ୍ୱାରା ଦେବତାମାନେ କ୍ଷୀର ସାଗର ମନ୍ଥ କରିବା ଦ୍ୱାରା ଏଥିରୁ ଲକ୍ଷ୍ମୀ ବାହାରିଥିଲେ ଏବଂ ସମୁଦ୍ରର ସ୍ରୋତ ଓ ପବନର ଗତିପଥ ବଦଳିଗଲା, ଯାହାଦ୍ୱାରା ପୂର୍ବରୁ ପଶ୍ଚିମକୁ ବାଣିଜ୍ୟ ସମ୍ଭବ ହୋଇଥିଲା । ଆରବୀୟ ପୁରାଣ କହେ , ପୃଥିବୀର ପ୍ରଥମ ପୁରୁଷ ଆଦାମ୍ ଓ ମହିଳା ଇଭ୍ ଏଡେନ୍ ବଗିଚାରୁ ନିଷିଦ୍ଧ ଫଳ ଖାଇ ଈଶ୍ୱରଙ୍କ କଥା ଅବମାନକରିବା ପରେ ସେମାନଙ୍କୁ ଯେତେବେଳେ ବହିଷ୍କୃତ କରିଦିଆଗଲା ସେତେବେଳେ ଆଦାମ୍ ଶ୍ରୀଲଙ୍କାର ଆଦାମ୍ ଶୃଙ୍ଗରେ ପଡ଼ିଥିଲେ ଓ ଇଭ୍ ସମୁଦ୍ରରେ ଜେଦା ବନ୍ଦରରେ ପଡ଼ିଥିଲେ, ଯାହାର ମକା ସହର ସହ ଯୋଗାଯୋଗ ରହିଛି । ଆଦାମ୍‌ସ ବ୍ରିଜ୍ ପାରହୋଇ ଆଦାମ୍ ଭାରତରେ ପହଞ୍ଚିଥିଲେ । ତାଙ୍କୁ ଅପ୍ସରାଗଣ ପଥ ଦେଖାଇଥିଲେ ଓ ମୌସୁମୀ ପବନ ଜାଦେକୁ ଯାତ୍ରା କରିବାରେ ସାହାଯ୍ୟ କରିଥିଲା । ସମୁଦ୍ର ପଥରେ ଏହି ପବନ ଆରବୀୟ ବ୍ୟବସାୟୀ ଏବଂ ସେମାନଙ୍କ ଇସ୍‌ଲାମ ଧର୍ମକୁ ପୂର୍ବଦିଗରେ ଭାରତ ଉପକୂଳ ଏବଂ ଦକ୍ଷିଣପୂର୍ବ ଏସିଆର ଦ୍ୱୀପଗୁଡ଼ିକରେ ପହଞ୍ଚିବାରେ ସାହାଯ୍ୟ କରିଥିଲା ।

ଚାଇନାର ଇତିହାସ ଅନୁଯାୟୀ, ଚାଇନାରୁ ସନ୍ନ୍ୟାସୀମାନେ ପଶ୍ଚିମ ଦିଗକୁ ଯାତ୍ରା କରି ଅଲ୍‌ଟାଇ, ଟିଆନ୍ ଶାନ୍, ପାମିର ଏବଂ ହିନ୍ଦୁକୁଶ ପର୍ବତ ଦେଇ ଟକ୍‌ଲାମାକନ ମରୁଭୂମି ପାରହୋଇ ବୌଦ୍ଧଧର୍ମ ଜ୍ଞାନ ଲାଭକରିବା ସକାଶେ ଭାରତରେ ପହଞ୍ଚିଥିଲେ । ସେମାନେ ହିମାଳୟ ଗିରିପଥ ଅତିକ୍ରମକରି ତିବ୍ବତ ଓ ରାଖାଇନ ପାହାଡ଼ ଦେଇ ଫେରିଥିଲେ । ଯେଉଁ ସନ୍ନ୍ୟାସୀମାନେ ଭାରତ ଆସିଥିଲେ ସେମାନଙ୍କ ମଧ୍ୟରେ ଜୁଆଙ୍ଗ୍‌ଜାଙ୍ଗ୍ ବେଶ୍ ଜଣାଶୁଣା । ସେ ଏକ ଅଲୌକିକି ଘୋଡ଼ା, ଘୁଷୁରି ଓ ମାଙ୍କଡ଼ ସହଯୋଗରେ ତାଙ୍କ ସହଯାତ୍ରୀଙ୍କ ସହ ଭାରତ ଆସିଥିଲେ । ପଞ୍ଚଦଶ ଶତାବ୍ଦୀରେ ରଚିତ ପୁସ୍ତକ 'ଜର୍ନି ଟୁ ଦି ୱେଷ୍ଟ'ରେ ଏସବୁ ଉଲ୍ଲେଖ ରହିଛି । କାମ୍ବୋଡିଆର ପାରମ୍ପରିକ କାହାଣୀଗୁଡ଼ିକ ଅନୁଯାୟୀ, ଭାରତର ଉପକୂଳରୁ ଜଣେ ସନ୍ନ୍ୟାସୀ ସମୁଦ୍ରପଥରେ ମୌସୁମୀ ପବନରେ ମାଲାକ୍କା ଷ୍ଟ୍ରେଟସ୍ ଦେଇ ମେକଙ୍ଗ୍ ଡେଲ୍‌ଟାରେ ପହଞ୍ଚିଥିଲେ । ସେ ସେଠାରେ ଜଣେ ନାଗା ରାଜକୁମାରୀଙ୍କୁ ଭେଟି ତାଙ୍କୁ ବିବାହ କରିଥିଲେ । ଶ୍ରୀଲଙ୍କାର ଇତିହାସ ଅନୁଯାୟୀ, ବିଜୟ ନାମକ ଜଣେ ବଣିକ ରାଜକୁମାର ଭାରତରୁ ସମୁଦ୍ର ପଥରେ ଯାତ୍ରାକରି ଶ୍ରୀଲଙ୍କାରେ ପହଞ୍ଚି ସେଠାକାର ରାଜକୁମାରୀ ଯାକ୍ଷାଙ୍କୁ ବିବାହ କରିଥିଲେ । ତାଙ୍କ ପୂର୍ବରୁ ବୁଦ୍ଧ ଶ୍ରୀଲଙ୍କା, ଥାଇଲାଣ୍ଡ ଓ ବର୍ମାକୁ ସମୁଦ୍ରପଥରେ ଯାତ୍ରା କରିଥିବା କେତେକ ସ୍ଥାନୀୟ ଲୋକକଥାରେ ବର୍ଣ୍ଣନା ରହିଛି ।

ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିବା ପ୍ରମୁଖ ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ବାଟ ଦେଇ ଯାଇଥିବାରୁ ଉପମହାଦେଶ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥିଲା । ଭାରତରୁ ଉତ୍ପାଦ ଏବଂ ବିଭିନ୍ନ ସିଦ୍ଧାନ୍ତ ବା ବିଚାର ଭାରତ ବାହାରକୁ ଯାଇଥିଲା ଏବଂ ବାହାରୁ ମଧ ଭାରତକୁ ଆସିଥିଲା । ପୂର୍ବରୁ ପଶ୍ଚିମକୁ ଏବଂ ପଶ୍ଚିମରୁ ପୂର୍ବକୁ ଭାରତ ବାଟ ଦେଇ ଏହା ହୋଇଥିଲା । ଏଭଳି ଆଦାନ ପ୍ରଦାନ ଭାରତକୁ ଏକ ଉନ୍ନତ ସଭ୍ୟତାରେ ପରିଣତ କରିଥିଲା ।

–devduttofficial@gmail.com

# ସମ ପରିଣତି



ଅନୀତା ପଟ୍ଟନାୟକ

ଗୋଟିଏ ଝଙ୍କାଳିଆ ଆମ୍ବ ଗଛଟିଏ ଆମ ଘର ପାଖରେ ଥିଲା । ସେ ଗଛକୁ ଅନେକ ପକ୍ଷୀ ଯଥା କୋଇଲି, ଲାଲି ଥଣ୍ଟ ଥିବା ଶୁଆ, ବଗ ଆସି ବସୁଥିଲେ । କୋଇଲିର ଶବ୍ଦ, ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ପିଲାଦିନେ ଶୁଣିବାକୁ ଭଲ ଲାଗୁଥିଲା । ବଉଳର ବାସ୍ନା ମତେ ଭାରି ଭଲ ଲାଗେ । ସମୟ ପାଇଲେ ସେ ଗଛମୂଳେ ମୁଁ ବସେ । କେତେ ରାସ୍ତା ବାଟୋଇଙ୍କର ଖରାଦିନେ ସେ ଆଶ୍ରୟସ୍ଥଳ ପାଲଟିଛି । ପ୍ରତିଦାନରେ ବଗୁଲିଆ ପିଲାଙ୍କଠାରୁ ଢେଲା ମାଡ଼ ଖାଇଛି । ପୂଜା ପାର୍ବଣରେ ଆମ୍ବଡାଳକୁ ଛିଣ୍ଡାଇ ନେଇ ବ୍ୟବସାୟୀମାନେ ତାହାକୁ ବିକ୍ରି କରିଛନ୍ତି । ଏପରି ସମୟ ଆସିଲା, ଆମ୍ବଗଛରେ ଆଉ ପତ୍ର ରହିଲା ନାହିଁ । ସେ ଥୁଣ୍ଟା ଗଛରେ ପରିଣତ ହେଲା । ସମୟକ୍ରମେ ପକ୍ଷୀମାନେ ଆଉ ସେଠାକୁ ଆସିଲେ ନାହିଁ ମୁଁ କିନ୍ତୁ ତା' ନିକଟକୁ ଯାଏ । ଗଛଟି ଦିନେ ମତେ କହିଲା ହୃଦ+ଦୟା ହେଉଛି ହୃଦୟ । ଏହା ମାଟିରେ ରୋପଣ କରାଯାଏ ନାହିଁ । ମଣିଷର ହୃଦୟରେ ତାହା ଜାଗ୍ରତ ହେବା ଉଚିତ । କିଛିଦିନ ପରେ ତା'ର କାଠଗଣ୍ଡିରୁ କେତେକ ଖଳ ପ୍ରକୃତିର ଲୋକ ମେଶିନ ଜରିଆରେ କାଟି ନେଲେ । ମୁଁ ପଚାରିବାରୁ ସେମାନେ କହିଲେ ଏହି ଥୁଣ୍ଟା ଗଛଟିର କୌଣସି ମୂଲ୍ୟ ନାହିଁ । ତା'ର କାଠଗଣ୍ଡିଗୁଡ଼ିକ କବାଟ ଝରକା ହେବାରେ ସାହାଯ୍ୟ କରିବ । ଏହିପରି ଭାବରେ ଆମ୍ବଗଛଟି ସହିତ ମୋର ବନ୍ଧୁତ୍ୱ ସରି ଯାଇଥିଲା ।

ମୋର ବିବାହ ହେଲା, ମୋର ସ୍ୱାମୀ ଗୋଟିଏ ନୂଆ ସ୍ଥାନକୁ ବଦଳି ହୋଇଗଲେ । ସେ ମୋର ସୁଖ ପାଇଁ ଓ ପିଲାମାନଙ୍କର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ଏକ ସୁନ୍ଦର ଘର ତିଆରି କରିଥିଲେ । ଘରଟିକୁ ସୁନ୍ଦର ଭାବେ ସଜାସଜି କରି ରଖିବାର ଦାୟିତ୍ୱ ମୋ ଉପରେ ଥିଲା । ଧୀରେ ଧୀରେ ପିଲାମାନଙ୍କର ବିବାହ ହେଲା ଓ ଘର ନାତି, ନାତୁଣୀଙ୍କର କୋଳାହଳରେ ଫାଟିଉଠିଲା । ମୋର ସ୍ୱାମୀ ସାଜସଜ୍ଜାପୂର୍ଣ୍ଣ ଘର ଭଲ ପାଉଥିବାରୁ ଚାକରବାକର ନ ରଖି ମୁଁ ନିଜେ ଚାରିଆଡ଼େ ସଫା ସୁତୁରା କରିରଖେ । ସ୍ୱାମୀଙ୍କ ମୃତ୍ୟୁ ପରେ ମୋର ବୃଦ୍ଧା ଅବସ୍ଥା ଯୋଗୁ ଚିଡ଼ିଚିଡ଼ାପଣ, ବିଭିନ୍ନ ପ୍ରକାର ରୋଗ ଧୀରେ ଧୀରେ ମତେ ମାଡ଼ି ବସିବାକୁ ଲାଗିଲା । ନାତିନାତୁଣୀମାନେ ଓ ଆଧୁନିକ ସଭ୍ୟତାର ବୋହୂମାନେ ଘର ସଜାଡ଼ିବା ଶିଖିଲେ ନାହିଁ । ବହି, ଖାତାପତ୍ର, ପେନ, ପେନସିଲ, ରବର ସେମାନଙ୍କର ପଢ଼ା ଟେବୁଲ ଉପରେ ନ ରଖି ଏଣେତେଣେ ଫିଙ୍ଗି ଦେଉଥିଲେ । ଏପରିକି ଲୁଗାପଟା ମଧ୍ୟ ଠିକ୍ ଜାଗାରେ ରଖୁ ନ ଥିଲେ । ମୁଁ ଚିଡ଼ିଚିଡ଼ା ହେଉଥିଲେ ମଧ ସେ ସବୁ ଗୋଟାଇ ଘରକୁ ଠିକ୍ କରି ରଖେ । ନାତିନାତୁଣୀମାନଙ୍କୁ କହେ ତୁମେ କେବେ ବି ସୁଧୁରିବ ନାହିଁ । କାରଣ ତୁମେ ଚାହୁଁଥିବା ସମସ୍ତ ଜିନିଷ ତୁମ ବାପା, ମା'ମାନେ ତୁମକୁ କିଣି ଦେଉଛନ୍ତି । ଅଭାବ କ'ଣ ତୁମେ ଜାଣିଲ ନାହିଁ । ଧୀରେ ଧୀରେ ମୋର ପିଲାମାନେ ସେମାନଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ବିଦେଶ ଗସ୍ତ କଲେ । କିଏ ବାଙ୍ଗାଲୋର ତ କିଏ ଆମେରିକା, ଲଣ୍ଡନ ବିଭିନ୍ନ ସ୍ଥାନକୁ ଚାଲିଗଲେ । ମୋର ଘର ଖାଲି ରହିଲା । ଯେଉଁ ଘର ଦିନେ ଅସଜଡ଼ା ହୋଇ ଯାଉଥିଲା ବୋଲି ଘରେ ପାଟିତୁଣ୍ଡ ହେଉଥିଲା ଓ ମୁଁ ଚିଡ଼ିଚିଡ଼ି ହେଉଥିଲି ସେ ଘର ଏବେ ଶାନ୍ତ ହୋଇଗଲା । କଲିଂବେଲ୍ ବାଜିଲେ ନାତି ନାତୁଣୀମାନେ କାହିଁକି କବାଟ ଖୋଲି ଦେଉଛନ୍ତି ମୁଁ ପାଟି କରୁଥିଲି । କିନ୍ତୁ ଆଜି କଲିଂବେଲ୍ ବାଜିଲେ ମୋତେ ନିଜେ ଯାଇ କବାଟ ଖୋଲିବାକୁ ପଡୁଛି ।

ଖାଲି ଦୂରରେ ରହି ଦୂରଭାଷରେ ମୋ ସହିତ ମୋର ପିଲାମାନେ ଓ ନାତିନାତୁଣୀମାନେ କଥା ହେବାକୁ ଲାଗିଲେ । ଘର ଛାଡ଼ି ସେମାନଙ୍କ ନିକଟକୁ ବିଦେଶକୁ ଚାଲି ଆସିବା ପାଇଁ ମୋତେ ଉପଦେଶ ଦେଲେ । ମୁଁ କିନ୍ତୁ ମୋ ସ୍ୱାମୀଙ୍କର ମୋ ପାଇଁ ଅତି ସ୍ନେହରେ କରିଥିବା ଘରଟିକୁ ଛାଡ଼ି କେଉଁଆଡ଼େ ଯିବାକୁ ଚାହୁଁ ନ ଥିଲି । ଦିନେ ମୋର ଗୋଡ଼ ଶୌଚାଳୟରେ ପଡ଼ି ଭାଙ୍ଗିଗଲା । ବାହାର ଲୋକଙ୍କ ସହାୟତାରେ ମୋର ଜଣେ ହାଡ଼ଭଙ୍ଗା ଡାକ୍ତରଙ୍କ ପାଖକୁ ଗଲି କିନ୍ତୁ ମୁଁ ଆଉ ଘରକୁ ଫେରିଲି ନାହିଁ । ବିଦେଶରେ ରହୁଥିବା ମୋର ପିଲାମାନେ ଡାକ୍ତରଖାନାରୁ ବୃଦ୍ଧାଶ୍ରମକୁ କିପରି ଯିବି ତା'ର ବ୍ୟବସ୍ଥା କରିଦେଲେ । ମୋତେ ବୃଦ୍ଧାଶ୍ରମ ଭଲ ଲାଗୁନାହିଁ । ମୋର ସେ ସାଜସଜ୍ଜାପୂର୍ଣ୍ଣ ଘର ନାତିନାତୁଣୀଙ୍କର ଏଣେତେଣେ ଫିଙ୍ଗି ଦେଉଥିବା ପଦାର୍ଥ, ମୋର ପିଲାମାନଙ୍କ ଉପରେ ହେଉଥିବା ରାଗ ଅଭିମାନ ମୋର ମନେପଡୁଛି । କିନ୍ତୁ ହାୟ ମୁଁ ମଧ ମୋର ପିଲାଦିନର ବନ୍ଧୁ ଆମ୍ବଗଛ ପରି ପାଲଟି ଯାଇଛି । ଗତକାଲି ଗୋଟିଏ ସମାଜସେବୀ ସଂଗଠନ ବୃଦ୍ଧାଶ୍ରମକୁ ଆସିଥିଲେ । ମୁଁ ମୋର ଶରୀରର ଅଙ୍ଗସବୁ ସମାଜ ସେବା ପାଇଁ ଦାନ କରିଦେଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିରହିଛି ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ
ମୋ:୯୬୨୨୯୮୦୦୨୬

## ଏଇ ଭାରତରେ

ଭାରତରେ ଖାଦ୍ୟ ନଷ୍ଟକୁ ରୋକିବା ପାଇଁ ଚେନ୍ନାଇର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥୁଙ୍କ ଅଭିଯାନ ଅନ୍ୟମାନଙ୍କ ଉଦାହରଣ ପାଲଟିଛି । ଏହି ତିନି ବନ୍ଧୁ କୋଇମ୍ବାଟୁରରେ ଜନ୍ମ ହୋଇଛନ୍ତି ଏବଂ ପ୍ରଡକ୍‌ଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ହେଉଥିବା ଭୋଜିରେ ବଳୁଥିବା ଖାଦ୍ୟକୁ ସଂଗ୍ରହକରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି । ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗ୍‌ରେ କୋଇମ୍ବାଟୁରରୁ ଖାଦ୍ୟ ସଂଗ୍ରହ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ । ଏବେ ୩୦ ଜଣ ସ୍ୱେଚ୍ଛାସେବୀ ସେମାନଙ୍କ ସହ ସାମିଲ ହୋଇଛନ୍ତି । ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦିଆଯାଉଛି । ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ଖାଦ୍ୟ ସଂଗ୍ରହ କରାଯାଉଛି । ଏହି କାର୍ଯ୍ୟକ୍ରମ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି ।

## ୫୦ ବର୍ଷ ତଳର ଧରିତ୍ରୀ

୮ ମେ ୧୯୭୬

- ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର ଯାଜପୁର ରୋଡ୍ ଫେରୋକ୍ରୋମ କାରଖାନାରୁ ରୋମାନିଆକୁ ଏକ ହଜାର ଟନ ଲୋକାର୍ବନ ଫେରୋକ୍ରମ ରପ୍ତାନୀ କରିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ।
- ସୋଭିଏତ୍ ୟୁନିୟନର ସହାୟତାରେ ଇଷ୍ଟର୍ଣ୍ଣ କୋଇଲା ଖଣି ଲିମିଟେଡ ପକ୍ଷରୁ ୩.୭୮ କୋଟି ଟଙ୍କା ବ୍ୟୟରେ ନାକକୋଣ୍ଡା କୋଇଲା ଖଣିରେ କରାଯାଉଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 7 | 2 | 6 | | | | | 5 |
| 6 | | 1 | 4 | | | | 9 | |
| | | | | | | 8 | | 2 |
| | | | 1 | | 6 | | | 4 |
| | | | 7 | | 4 | | 3 | |
| | | 9 | | | | | | |
| 1 | | 4 | 5 | | 3 | | | |
| | 3 | | 8 | | | 5 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 8 | 3 | 1 | 6 | 2 | 7 | 9 |
| 3 | 2 | 1 | 9 | 5 | 7 | 6 | 4 | 8 |
| 6 | 9 | 7 | 4 | 8 | 2 | 1 | 5 | 3 |
| 4 | 5 | 6 | 2 | 7 | 3 | 9 | 8 | 1 |
| 1 | 3 | 9 | 5 | 6 | 8 | 4 | 2 | 7 |
| 7 | 8 | 2 | 1 | 4 | 9 | 5 | 3 | 6 |
| 2 | 7 | 5 | 8 | 9 | 1 | 3 | 6 | 4 |
| 9 | 6 | 4 | 7 | 3 | 5 | 8 | 1 | 2 |
| 8 | 1 | 3 | 6 | 2 | 4 | 7 | 9 | 5 |

ଗତକାଲିର ଉତ୍ତର

# ରୋଗଶଯ୍ୟାରେ ଯୋଗଚର୍ଚ୍ଚା



ଡ. ମନୋରଞ୍ଜନ ପ୍ରଧାନ

ଆଲୋଚ୍ୟ ଶୀର୍ଷକଟି ଆଜିର ଅବ୍ୟବସ୍ଥିତ, ଅସନ୍ତୁଳିତ ତଥା ବିଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ପ୍ରାସଙ୍ଗିକ । ଘରେ ଘରେ ଆଦୃତ ଓଡ଼ିଆ ଲୋକକଥା ଶ୍ମଶାନ ବୈରାଗ୍ୟ ବାବଦରେ ଆମେ ପ୍ରାୟତଃ ଜାଣୁ । ହଠାତ ଯଦି କେହି ଜଣାଶୁଣା କିମ୍ବା ବନ୍ଧୁକୁଟୁମ୍ବ ଅବା ଅପରିଚିତ ବ୍ୟକ୍ତିଙ୍କ ନିଧନ ହୋଇଗଲା ଏବଂ ଆମେ ତାଙ୍କ ପାର୍ଥିବ ଶରୀରକୁ ଶ୍ମଶାନକୁ ନେବା କିମ୍ବା ଚିତା ଜଳୁଥିବା ଦୃଶ୍ୟ ଦେଖି ତୁରନ୍ତ ବୈରାଗ୍ୟ ଉଦ୍ରେକ ହୋଇଯାଏ । ଜୀବନ ତୁଚ୍ଛ ଲାଗେ । କିନ୍ତୁ ତା'ପରେ ଆମେ ସେସବୁ ଭୁଲି ପୁଣି ଯଥା ପୂର୍ବଂ ତଥା ପର ସ୍ଥିତିର ପ୍ରବର୍ତ୍ତକ, ପ୍ରଚାରକ ଓ ପୃଷ୍ଠପୋଷକ ବନିଯାଉ । ସେମିତି ରୋଗଶଯ୍ୟାରେ ପଡ଼ିଲେ ଆମକୁ ଯୋଗସାଧନା, ନିୟମିତ ବ୍ୟାୟାମ, ଖାଦ୍ୟ, ଦିନଚର୍ଯ୍ୟା ସବୁ ମନେପଡ଼େ । ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ମନକୁ ବୁଝାଇ ଦେଉ ଶରୀର ପ୍ରତି ଏତେ ଅନ୍ୟାୟ କରିବା ଠିକ୍ ନୁହେଁ । ପେଟଟାକୁ ଡଷ୍ଟବିନ୍ ଭାବି ଯେଉଁଠି ଯାହା ମିଳୁଛି ଭର୍ତ୍ତି କରିବା ଠିକ୍ ନୁହେଁ । ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ କେତେ ଅନ୍ୟାୟ ହୋଇଛି । ପାଟି ସ୍ୱାଦ ପାଇଁ କେତେ ଫାଷ୍ଟଫୁଡ୍ ଖାଇଛେ । ଶାକାହାରୀଙ୍କୁ କେତେ ଉପହାସ କରିଛେ । ସ୍ଥାନେ ସ୍ଥାନେ ବସି ପ୍ରାଣାୟାମ କରୁଥିବା ଲୋକଙ୍କୁ କେତେ କଟାକ୍ଷ ଓ ପରିହାସ କରିଛେ ହିସାବ ନାହିଁ । ଏମିତି ପ୍ରାତଃ ଭ୍ରମଣରେ ଯାଉଥିବା ଲୋକମାନଙ୍କୁ କାମ ନଥିବା ଲୋକ କହିଛେ । ବିଳମ୍ବିତ ରାତିରେ ଭୋଜନ କରିବାକୁ ସମ୍ଭ୍ରାନ୍ତ ଭାବିଛେ । ସୂର୍ଯ୍ୟୋଦୟର ବହୁ ଘଣ୍ଟା ପରେ ଉଠିବାକୁ ବଡ଼ଲୋକି ମଣିଛେ । ଓଃ କି ଯନ୍ତ୍ରଣା । ବୟସ କମ୍ ଥିବାରୁ ଜଣା ପଡୁନଥିଲା । ବୟସ ଖସିବା ପରେ ଏବେ ଜଣାପଡୁଛି ସମ୍ପୂର୍ଣ୍ଣ ଜୀବନ କେତେ ଅବ୍ୟବସ୍ଥିତ ଥିଲା । ଆଉ ସେ ଭୁଲ୍ ହେବ ନାହିଁ । ଡାକ୍ତର ଭଗବାନ ଏଥରଟା ଭଲ କରିଦିଅନ୍ତୁ, ତା'ପରେ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଓ ଅନୁଶାସିତ ହୋଇଯିବ । ଶରୀର ଅନୁସାରେ ଜୀବନ ବିତିବ ଓ ଖାଦ୍ୟପେୟ ଶରୀର ଉପଯୋଗୀ ଓ ମନ ମସ୍ତିଷ୍କ ଅନୁକୂଳ ହେବ । ବ୍ରହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗଠାରୁ ରାତ୍ରି ଶୟନ ଯାଏ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ଅନୁଶାସନ ଯୁକ୍ତ ହେବ, ଇତ୍ୟାଦି ପ୍ରତିଶ୍ରୁତି,ପ୍ରତିଜ୍ଞା ତଥା ପ୍ରତିଶ୍ରୁତିବଦ୍ଧତା ରୋଗଶଯ୍ୟାରେ ପଡିଥିବା ବେଳେ ମନକୁ ଆସେ ।

କିନ୍ତୁ ଡାକ୍ତରଖାନାରୁ ଛୁଟିରେ କିଛି ଦିନ ପର୍ଯ୍ୟନ୍ତ ସବୁ କାମ ବ୍ୟବସ୍ଥିତ ହୁଏ । ସଅଳ ସଅଳ ଉଠି ନିତ୍ୟକର୍ମ ସାରି ଯୋଗାସନ, ପ୍ରାଣାୟମ ଓ ଆବଶ୍ୟକତା ଅନୁଯାୟୀ ଶାରୀରିକ ବ୍ୟାୟାମ ହୁଏ । ଖାଦ୍ୟାଭ୍ୟାସ ମଧ ଭଲ ରହେ । କିନ୍ତୁ କିଛି ଦିନ ପରେ ଆଉ ଡାକ୍ତରଖାନାର ରୋଗଶଯ୍ୟା ମନେ ପଡେନା । ମୁଠା ମୁଠା ଔଷଧ ଗିଳିବାର କଷ୍ଟ ଭୁଲିଯାଏ । ରୋଗଶଯ୍ୟାରେ ଦେବଦେବୀଙ୍କୁ ବିକଳ ହୋଇ ଡାକିବା କଥାକୁ ହେୟଜ୍ଞାନ ମନେହୁଏ । ଡାକ୍ତରଙ୍କ ପରାମର୍ଶକୁ ଶର୍ଟକର୍ଟ ଉପାୟରେ ମାନିବାକୁ ଇଚ୍ଛା ହେବ । ପୁଣି ଜିହ୍ୱା ଲାଳସା ତିବ୍ରତର ହୁଏ । ପେଟଟାକୁ ଆମଦାନୀ ହୋଇଥିବା ଦାମୀ କଚଡା ଡବା(ଡଷ୍ଟବିନ) କରିବା ପାଇଁ ସବୁ ଚେଷ୍ଟା ହୁଏ । ଏମିତି ବି ବିଚାର ଆସେ ସଂସାରକୁ ଆସିଛେ ମାନେ ଉପଭୋଗ କରିବା କଥା । କିଏ ଜାଣେ ଆସନ୍ତାକାଲି କ'ଣ ହେବ ? ଚର୍ବକଙ୍କ ଆଜ୍ଞାକାରୀ ଶିଷ୍ୟ ଭଳି ଋଣ କରି ଅୟସରେ ରହିବାରୁ ମନ ବିଳିବିଳାଏ । ଶକ୍ତିଶାଳୀ ଇନ୍ଦ୍ରିୟମାନଙ୍କ ଶକ୍ତି ଆଗରେ ବୁଦ୍ଧି ବିବେକ ଆତ୍ମସମର୍ପଣ କରେ । ପୁଣି କୁଅଭ୍ୟାସ ରୀତିମତ ଚାଲେ ଆଗାମୀ ଶାରୀରିକ ଅସୁସ୍ଥତା ଯାଏ ।

ବାସ୍ତବରେ ଆଜି ଆମ୍ଭେମାନେ ଯେଉଁଭଳି



ଭାବରେ ବିଭିନ୍ନ ରୋଗର ଶିକାର ହେଉଛେ ଏହାର ପ୍ରମୁଖ କାରଣ ଆମର ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ । ମୋର ଠିକ୍ ମନେ ପଡୁଛି ପିଲାବେଳ କଥା । ପ୍ରାୟ ପଚିଶ ତିରିଶ ବର୍ଷ ଯାଏ ଆମେ ରୋଗ କହିଲେ ସାମାନ୍ୟ ଥଣ୍ଡା କାଶ, ଋତୁକାଳୀନ ଜ୍ୱର, ହାଡଫୁଟି, ମିଳିମିଳା, ବସନ୍ତ ବା ବାର୍ଦ୍ଧକ୍ୟ ଜନିତ ରୋଗବ୍ୟାଧିକୁ ବୁଝୁଥିଲୁ । ସେତେବେଳେ ଏଭଳି ରୋଗଗୁଡ଼ିକର ଘରୋଇ ପ୍ରତିକାର ଥିଲା । ଘରର ମାଆବାପା ବା ବରିଷ୍ଠ ସଦସ୍ୟ ସଦସ୍ୟାମାନେ ଚେରମୂଳି ବା ସ୍ୱତନ୍ତ୍ର ଖାଦ୍ୟ ମାଧ୍ୟମରେ ଭଲ କରିଦେଉଥିଲେ । ବେଳେବେଳେ ଔଷଧ ସେବନ ହେଉଥିଲା । ସେଥିପାଇଁ ଆମ ଅଞ୍ଚଳରେ ଗୋଟିଏ ମାତ୍ର ଔଷଧ ଦୋକାନ ଥିଲା ତାହା ପୁଣି ଲୁଗାଦୋକାନ ସହ । ବହୁତ କମ୍ ଔଷଧ ବିକ୍ରି ହେଉଥିଲା । ସେତେବେଳେ ଖାଦ୍ୟପଦାର୍ଥ ସମ୍ପୂର୍ଣ୍ଣ ଜୈବିକ ଥିଲା । ପ୍ରତି ଘରେ ଶାଗ, ଫଳମୂଳ, ପନିପରିବା ଚାଷ ହେଉଥିଲା । ପନିପରିବା କିଣା କହିଲେ କେବଳ ଆଳୁ ତାହା ପୁଣି କୁଣିଆ ବନ୍ଧୁବାନ୍ଧବ ଆସିଲେ ଅବା ପର୍ବପର୍ବାଣି ପଡିଲେ । ଶାଗ, କୌଣସି ବି ମଞ୍ଜି ଜାତୀୟ ଶସ୍ୟ (ମୁଗ, କାନ୍ଦୁଲ ବା ହରଡ, ବାଇଲ, ଶିମ୍ବ, ଡଙ୍ଗରରାଣୀ, ମଟର, ବୁଟ ଏପରିକି ବିରି) ସିଝା ବା ତରକାରି ହେଉଥିଲା । ମସଲା କହିଲେ ଆଜିକାଲି ଭଳି ବଜାରରେ ଉପଲବ୍ଧ ଭଳିକି ଭଳି ରସାୟନିକ ମସଲା ନ ଥିଲା ।

ବ୍ରହ୍ମ ମୁହୂର୍ତ୍ତରେ ଉଠି ସ୍ନାନାଦି ନିତ୍ୟକର୍ମ ସୂର୍ଯ୍ୟୋଦୟ ପୂର୍ବରୁ କରିବା ଏପ୍ରକାର ଅଲିଖିତ ନିର୍ଦ୍ଦେଶନାମା ଥିଲା । ଠାକୁରଙ୍କୁ ମୁଣ୍ଡିଆ ମାରି ଚୁଡ଼ା ଗୁଡ଼ ନଡ଼ିଆ କଦଳୀ ମିଶା ଜଳଖିଆ କିମ୍ବା ବାସି ପଖାଳ ବା ମାଣ୍ଡିଆ ଜାଉ ସକାଳର ଖାଇବା ଥିଲା । ବେଳେବେଳେ ବିରି ଚକୁଳି, ମୁଗପୁଳି, ଏଣ୍ଡୁରି (ଇଡିଲି ଏତେ ଆଦୃତ ନଥିଲା) ଆଦି ମଧ ସକାଳ ଆହାରର ଅଂଶବିଶେଷ ଥିଲା । ଗାଧୁଆ ପୂର୍ବରୁ ତୈଳ ମର୍ଦ୍ଦନ ବାଧ୍ୟତାମୂଳକ ଥିଲା । ସାବୁନ ଶାମ୍ପୁ ଆଦିର ବ୍ୟବହାର ବହୁତ କମ ଥିଲା । ଘରର ବଡଲୋକମାନେ କଥା ଛଳରେ କହୁଥିଲେ – ଗାଧୁଆ ଆଗରୁ ଲଗାଅ ତେଲ, ବଇଦ ସାଙ୍ଗରେ କରିବ ଗେଲ । ସପ୍ତାହର ଥରେ ନିମ୍ବ ବା ଭୂଇଁ ନିମ୍ବ ପିତା ଓ କଞ୍ଚାହଳଦୀ ପାଣି ବା ହଳଦୀବଟା ଖାଇବା ବା ଦେହରେ ବୋଳିହେବା ଏକପ୍ରକାର ପରମ୍ପରା ଥିଲା । ବସନ୍ତ ଋତୁ ପୂର୍ବରୁ ନିମ୍ବ ଫୁଲ ତରକାରି ବା ଭଜା ଓ ଘର ଦ୍ୱାର ବନ୍ଧ ଆଗରେ ନିମ୍ବ ଡାଳ ମାଳ ବାନ୍ଧିବା ଏକ ପ୍ରଥା ଥିଲା । ଜେଜେମା କହୁଥିଲେ ଏହାଦ୍ୱାରା ହାଡଫୁଟି ଭଳି ବାୟୁବାହିତ ରୋଗ ହେବ ନାହିଁ ।

ଆଜି କିନ୍ତୁ ସମୟ ବଦଳିଛି । ଉଠିବା,ଶୋଇବା,ଖାଇବା ଆଦିରେ କୌଣସି ନୀତିକାନ୍ତି ନାହିଁ । ଯେତେବେଳେ ମନ ହେଲା ଖାଇଲେ,ଶୋଇଲେ ଉଠିଲେ । ଖାଦ୍ୟମଧ ସ୍ୱାସ୍ଥ୍ୟପ୍ରଦ ପରିବର୍ତ୍ତେ ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ ଉଦ୍ଦିଷ୍ଟ । ସେତେବେଳେ ଔଷଧ ଦୋକାନରେ ଯେତିକି ଔଷଧ ରହୁଥିଲା ଆଜିକାଲି ଘରେ ଘରେ ତାଠୁ ବେଶୀ । ଔଷଧ ଦୋକାନ ସବୁଆଡ଼େ । ଡାକ୍ତରମାନଙ୍କ ବେସରକାରୀ ଚିକିତ୍ସା ପସରା ମଧ ଖୁବ୍ ଜମୁଛି । ରୋଗୀଙ୍କ ଭିଡ଼ ମଧ ଅସମ୍ଭାଳ । ହେଲେ ଏସବୁର କାରଣ ଯେ ଆମର ବୈଚାରିକ ପରିବର୍ତ୍ତନ ଆମେ ବୁଝିପାରୁନୁ । ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ ଯେ ଏସବୁର ମୂଳ କାରଣ ଆମେ ଜାଣି ଅଜଣା ହେଉଛୁ । କେବଳ ରୋଗଶଯ୍ୟାରେ ହିଁ ଯୋଗ ଚର୍ଚ୍ଚା କରୁଥିବା ଏ ବଡ଼ ବୁଦ୍ଧିଆମାନଙ୍କୁ କହିକି କି ଲାଭ ! ଏମାନଙ୍କ ପାଇଁ ପେଟଟା କଚଡା ଡବା ଓ ଜିଭ ଟେଷ୍ଟିଙ୍ଗ ସେଣ୍ଟର ।

ଚାଲୁ । ସମୟ କିନ୍ତୁ ନିଶ୍ଚୟ ସବୁକଥା ଶିଖେଇଦେବ । ତଥାପି ଆଶା କରିବା ଏ ଉଗ୍ର ଆଧୁନିକମଣିଷ ଅନ୍ତତଃ ନିଜ ଶରୀରକୁ ନ୍ୟାୟ ଦେଉ । ନହେଲେ ବିଦେଶୀ ଔଷଧ ଡବା ଧରିବୁଲୁଥିବ ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ–୯୪୩୭୯୧୪୮୧୮

## ପାଠକ ଶ୍ରେଷ୍ଠ ବିଚାରକ

### ବାଣ ଫ୍ୟାକ୍ଟ୍ରିରେ ନାବାଳକ

ମହାଶୟ,

ବାଣ କାରଖାନା ଗୋଟିଏ ସ୍ଥାନ, ଯେଉଁଠି ଅଧିକରୁ ଅଧିକ ନିରାପଦ ବ୍ୟବସ୍ଥା ରହିବା କଥା । କିନ୍ତୁ ତାହା ହେଉନାହିଁ । ଭଦ୍ରକ ହଳଦିଆ ପାଖରେ ବାଣ ତିଆରି ବର୍ଷ ବର୍ଷ ଧରି ଚାଲିଛି । କିନ୍ତୁ ପ୍ରଶ୍ନ ଉଠୁଛି, ବାଣ କାରଖାନାରେ ବାଣ ତିଆରି କରୁଥିବା ଲୋକମାନେ ଆଇନ ମାନି ଏହା ତିଆରି କରୁଛନ୍ତି ନା ବେଆଇନ ଭାବରେ ବିନା ଲାଇସେନ୍ସରେ କାରଖାନାରେ ବାଣ କାମ ଚାଲିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି କି ଯଦି ବେଆଇନ ଭାବରେ ବାଣ କାରଖାନା ଚାଲିଛି ତା'ହେଲେ ତା' ଉପରେ ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ୫ ମେ' ୨୦୨୫ରେ ଭଦ୍ରକସ୍ଥିତ ଏକ କାରଖାନାରେ ବାଣ ତିଆରି କରୁଥିବା ସମୟରେ ତାହା ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ ୫ ଜଣ ଗୁରୁତର ହୋଇ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କାରଖାନାରେ ବାଣ ବିସ୍ଫୋରଣ ଯୋଗୁ ଗୋଟିଏ ସାନପିଲା ମଧ ଗୁରୁତର ହୋଇଛି । ବାଣ କାରଖାନାରେ ନାବାଳକ କାମ କରୁଥିବା ଦେଖାଯାଇଛି । ଯେହେତୁ ବାଣ କାରଖାନା ଗୋଟିଏ ଅସୁରକ୍ଷିତ ସ୍ଥାନ, ସେହେତୁ ନାବାଳକ ଓ ନାବାଳିକାଙ୍କୁ ସେଠାରେ କାମ କରାଇବା ଅନୁଚିତ । ଯେଉଁମାନେ ଏପରି କମ୍ ବୟସର ପିଲାଙ୍କୁ ସେଠାରେ କାମ କରାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ ।

–କାଳୀ ଦାସ, ଖୋଡ଼ାସିଙ୍ଗି, କଳିଙ୍ଗନଗର, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ ।
–(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ବୁଧବାର ଭୁବନେଶ୍ୱର ରାଜମହଲ ଛକ ନିକଟରେ ଜନପଥରେ ହୋଇଥିବା ମକ୍‌ଡ୍ରିଲ୍‌। ଜଣେ ଆହତଙ୍କୁ ଉଦ୍ଧାର କରାଯାଉଛି (ବାମ) ଓ ଏକ ଯୁଦ୍ଧାସ୍ତ୍ର ନିଷ୍କ୍ରିୟ କରିବା ପାଇଁ ପ୍ରୟାସ ଚାଲିଛି। (ଫଟୋ-ବିକାଶ)

# ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ମକ୍‌ଡ୍ରିଲ୍‌

## ୧୨ ଜିଲାରେ ବାଜିଲା ସାଇରନ୍‌

ଭୁବନେଶ୍ୱର,୭।୫(ସତ୍ୟଜିତ୍‌ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍‌ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍‌ କରାଯାଇଛି। ଏହି କ୍ରମରେ ଓଡ଼ିଶାର ୧୨ଟି ଜିଲାରେ ମକ୍‌ଡ୍ରିଲ୍‌ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟାରେ ଭୁବନେଶ୍ୱର ରାଜମହଲ ଛକ ନିକଟ ଜନପଥରେ ମକ୍‌ଡ୍ରିଲ୍‌ କରାଯାଇ ସଚେତନତା ସୃଷ୍ଟି କରାଯାଇଛି। ୩୦ ମିନିଟ୍‌ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସିଭିଲ୍‌ ଡିଫେନ୍ସ ସ୍ୱେଚ୍ଛାସେବୀମାନେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ଏୟାର ଷ୍ଟ୍ରାଇକ୍‌ ପରର ଉଦ୍ଧାର ଅଭିଯାନର ଡେମୋ ଦେଖାଇଛନ୍ତି। ଯୁଦ୍ଧ ବେଳେ ଯଦି କୌଣସି ସ୍ଥାନରେ ଏୟାର ଷ୍ଟ୍ରାଇକ୍‌ ହେବ, ସେହି ସମୟରେ ଧନଜୀବନ ସହ ନିଜକୁ କିଭଳି ସୁରକ୍ଷିତ ରଖିହେବ; ସେନେଇ ଆବଶ୍ୟକ କୌଶଳ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ସମୟରେ ଠିକ୍‌ ୪ଟାରୁ ୪ଟା ୫ଯାଏ ୱାର୍ନିଂ ସାଇରନ୍‌ ବାଜିଥିଲା। ଏହି ସାଇରନ୍‌ ବାଜିବା ପରେ ସ୍ୱେଚ୍ଛାସେବୀମାନେ କଂକ୍ରିଟ୍‌ ଛାତ ତଳକୁ ଦୌଡ଼ି ଯାଇଥିଲେ। ସେହିପରି ରାସ୍ତାରେ ରହିଯାଇଥିବା ସ୍ୱେଚ୍ଛାସେବୀମାନେ ନିଜକୁ ସୁରକ୍ଷିତ ରଖିବାକୁ ଶୋଇ ରହିଥିଲେ। ସେମାନେ ଆଖି ଓ କାନ ବନ୍ଦକରି ତଳେ ପେଟେଇ ରହିଥିଲେ। ଶୋଇଥିବାବେଳେ ଛାତି ତଳେ ନ ଲଗାଇବାକୁ ସଚେତନ କରାଯାଇଥିଲା। ସେପଟେ ସ୍ଥାନୀୟ ଅଞ୍ଚଳରେ ବୋମା ଫୁଟିବା ଭଳି ଧୂଆଁ ମଧ୍ୟ ଛଡ଼ାଯାଇଥିଲା। କେତେଜଣ ସ୍ୱେଚ୍ଛାସେବୀ ରାସ୍ତାରେ ଆହତ ଅବସ୍ଥାରେ ପଡ଼ି ରହିଥିଲେ। ୪ଟା ୧୫ ଯାଏ ୧୦ ମିନିଟ୍‌ ଧରି ସମ୍ଭାବ୍ୟ ବୋମା ପଡ଼ିବା ସମୟ ରହିଥିବାବେଳେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସତର୍କତା ଅବଲମ୍ବନ କରିଥିଲେ। ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍‌ ବେଳେ କୌଣସି ରକେଟ୍‌ ମାଡ଼ହୋଇ ରାସ୍ତାରେ ପଡ଼ିଥିବା ବେଳେ ତାହା ଉପରେ କିଭଳି ବାଲିବସ୍ତା ପକାଯାଇ ବିପତ୍ତିକୁ ଏଡ଼ାଯାଇପାରିବ ତାହା ଦେଖାଯାଇଥିଲା। ଏହାପରେ ୪ଟା ୧୫ରୁ ୪ଟା ୨୦ ଯାଏ ପୁଣି (ଆବର୍ଟିଂ) ସାଇରନ୍‌ ବାଜିଥିଲ, ଯାହା ଶତ୍ରୁ ବିମାନ ଫେରିଗଲା ବୋଲି ସୂଚିତ କରିଥିଲା। ଏହାପରେ ଏୟାର ଷ୍ଟ୍ରାଇକ୍‌ରେ କ୍ଷୟକ୍ଷତି ହୋଇଥିବା ପରବର୍ତ୍ତୀ ସ୍ଥିତିର ଉଦ୍ଧାର କାର୍ଯ୍ୟ ହୋଇଥିଲା। ଏକ ସ୍ଥାନରେ ବୋମା ପଡ଼ି ନିଆଁ ଲାଗିଥିବା ବେଳେ ଅଗ୍ନିଶମ ବାହିନୀ ପାଣି ପକାଇ ଲିଭାଇଥିଲା। ସେହିପରି ଜନପଥ ପାର୍ଶ୍ୱ ବାପୁଜୀନଗର ମାର୍କେଟ୍‌ର ଏକ କୋଠାରେ ଫସି ରହିଥିବା ଦୁଇଜଣଙ୍କୁ ରଶି ଦ୍ୱାରା କିଭଳି ଉଦ୍ଧାର କରାଯାଇଥିଲା ତାହା ଦେଖାଯାଇଥିଲା। ଏପଟେ ଆମ୍ବୁଲାନ୍ସ ଆସି ଆହତମାନଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏଥିସହ ସାଥୀ ସ୍ୱେଚ୍ଛାସେବୀମାନେ ଆହତଙ୍କୁ କାନ୍ଧରେ ଆମ୍ବୁଲାନ୍ସ ଯାଏ ଆଣିଥିଲେ। ଘଟଣାସ୍ଥଳରେ ପୋଲିସ କମିଶନର ଏସ୍‌. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ପ୍ରମୁଖ ପହଞ୍ଚି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେପଟେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଇଣ୍ଟିଗ୍ରେଟେଡ୍‌ କମାଣ୍ଡ ଆଣ୍ଡ୍‌ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଏହାକୁ ମନିଟର୍‌ କରିଥିଲେ। ବେସାମରିକ ପ୍ରତିରକ୍ଷା ନେତୃତ୍ୱରେ ପୋଲିସ, ଅଗ୍ନିଶମ, ଏନ୍‌ସିସି, ଏନ୍‌ଏସ୍‌ଏସ୍‌ ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ।



ୱାର୍ନିଂ ସାଇରନ୍‌ ବାଜିବା ପରେ ସ୍ୱେଚ୍ଛାସେବୀ, ସ୍ଥାନୀୟ ଲୋକେ ଓ ଅନ୍ୟମାନେ ନିଜ ସୁରକ୍ଷା ପାଇଁ ରାସ୍ତାରେ ଶୋଇରହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶାଶ୍ୱତ



@ ବଳରାମ



@ ସୁଜ୍ଞାନରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜୁନ୍‌ ୧୫ ଯାଏ ହେବନି ବିଦ୍ୟୁତ୍‌ କାଟ୍‌

ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ (ଟିପିସିଓଡିଏଲ୍‌) ପକ୍ଷରୁ ଆସନ୍ତା ଜୁନ୍‌ ୧୫ ପର୍ଯ୍ୟନ୍ତ ନିୟମିତ ରକ୍ଷଣାବେକ୍ଷଣ ପାଇଁ କୌଣସି ବିଦ୍ୟୁତ୍‌ କାଟ୍‌ ହେବନାହିଁ। ଗ୍ରୀଷ୍ମଋତୁରେ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ ପାଇଁ ଏହି ଅବଧିରେ ନିରବଚ୍ଛିନ୍ନ ବିଦ୍ୟୁତ୍‌ ଯୋଗାଣ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ୍‌ ପକ୍ଷରୁ କୌଣସି ଯୋଜନାବଦ୍ଧ ରକ୍ଷଣାବେକ୍ଷଣ ସଟ୍‌ଡାଉନ୍‌ କରାଯିବ ନାହିଁ। ତେବେ ନୂତନ ସେବା ସଂଯୋଗ, ବିପଜ୍ଜନକ ସ୍ଥିତିର ମୁକାବିଲାରେ ସୁରକ୍ଷା ସମ୍ପର୍କିତ ଜରୁରିକାଳୀନ ପଦକ୍ଷେପ କିମ୍ବା ଜରୁରିକାଳୀନ ପ୍ରକଳ୍ପ କାର୍ଯ୍ୟ ଭଳି ସ୍ଥିତି ଉପୁଜିଲେ ବିଦ୍ୟୁତ୍‌ ବିଭ୍ରାଟ ଘଟିପାରେ। ଏଭଳି କ୍ଷେତ୍ରରେ ପ୍ରଭାବିତ ହେବାକୁ ଥିବା ଉପଭୋକ୍ତାମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯିବ। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍‌ ସିଂହ କହିଛନ୍ତି, ଗ୍ରୀଷ୍ମଋତୁ ବିଭିନ୍ନ ଆହ୍ୱାନ ଆଣିଥାଏ ଏବଂ ଏଭଳି ସମୟରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଗୁରୁତ୍ୱପୂର୍ଣ୍ଣ।

## ଇସ୍କନ୍‌କୁ ଚିଠି ଲେଖିଲେ ଗଜପତି ମହାରାଜା

ପୁରୀ,୭।୫(ଅଜିତ୍‌ କୁମାର ମହାନ୍ତି)

### ଦୀଘା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମକରଣ ପ୍ରସଙ୍ଗ

ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମକରଣ ନେଇ ବିବାଦ ଲାଗିରହିଛି। ପଶ୍ଚିମବଙ୍ଗ ସରକାରଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ତୁରନ୍ତ ଧାମ ଶବ୍ଦ ହଟାଇବାକୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ମାୟାପୁରୀର ଇସ୍କନ୍‌ ପରିଚାଳନା ମୁଖ୍ୟ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଛନ୍ତି। ଉଲ୍ଲେଖ ଥାଉ କି, ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ବା ଟ୍ରଷ୍ଟି ଇସ୍କନ୍‌ ହାତରେ ରହିଛି।

ଗଜପତି ମହାରାଜା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଶ୍ରୀକ୍ଷେତ୍ର ତଥା ପୁରୀ ବ୍ୟତୀତ ଆଉ କୌଣସି ସ୍ଥାନ କିମ୍ବା ମନ୍ଦିରକୁ ଜଗନ୍ନାଥ ଧାମ କୁହାଯିବା ଉଚିତ ନୁହେଁ। ସନାତନ ବୈଦିକ ଧର୍ମର ସର୍ବୋଚ୍ଚ ଧାର୍ମିକ ଅଧିକାରୀ ହେଉଛନ୍ତି ପରମ ପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତିର ଆଦି ଗୁରୁ ତଥା ପରମଗୁରୁ। ସେହିପରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦୨୫ ମେ ୪ରେ ଲେଖିଥିବା ଚିଠିରେ ମଧ୍ୟ ଦର୍ଶାଇଛନ୍ତି, ଦୀଘାର ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମରେ ନାମିତ କରାଯାଇପାରିବ ନାହିଁ। ଶ୍ରୀଜଗନ୍ନାଥ ଧାମ, 'ଶ୍ରୀପୁରୁଷୋତ୍ତମ ଧାମ କିମ୍ବା ଶ୍ରୀକ୍ଷେତ୍ର ଏବଂ ଶ୍ରୀନୀଳାଚଳ ଧାମ ନାମକରଣ କେବଳ ପୁରୀର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଳପୀଠକୁ ସୂଚିତ କରେ। ମହାପ୍ରଭୁ ଜଗନ୍ନାଥଙ୍କୁ ପୂଜା କରାଯାଉଥିଲେ ମଧ୍ୟ ଅନ୍ୟ ସ୍ଥାନ କିମ୍ବା ମନ୍ଦିର ପାଇଁ ଧାମ ଶବ୍ଦ ବ୍ୟବହାର କରାଯାଇପାରିବ ନାହିଁ। ଗୋବର୍ଦ୍ଧନ ପୀଠର ପରମ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଥିବା ମୁକ୍ତିମଣ୍ଡପ ପଣ୍ଡିତ ସଭା ଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତିରେ ସର୍ବୋଚ୍ଚ ଧାର୍ମିକ ସଂସ୍ଥା। ଓଡ଼ିଶା ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ଚିଠି ଲେଖି ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ନାମ ବ୍ୟବହାରର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ବା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରିବା ହେଉଛି ଶାସ୍ତ୍ରର ଉଲ୍ଲଂଘନ। ଭଗବାନ ଜଗନ୍ନାଥଙ୍କ ଦୀର୍ଘଦିନର ପରମ୍ପରା ଉଲ୍ଲଂଘନ ଦ୍ୱାରା ବିଶ୍ୱର ଅଗଣିତ ଭକ୍ତଙ୍କ ଧାର୍ମିକ ଭାବନାକୁ କ୍ଷତି ପହଞ୍ଚିଛି ବୋଲି ଗଜପତି ମହାରାଜା ତାଙ୍କ ଚିଠିରେ ଦର୍ଶାଇଛନ୍ତି।

### ଅର୍ଥ ଉଦ୍ଦେଶ୍ୟରେ ଦୀଘାରେ ମନ୍ଦିର କରାଯାଇଛି: ଶଙ୍କରାଚାର୍ଯ୍ୟ

ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମକରଣ ନେଇ ବିବାଦ ଦେଖାଦେଇଥିବାବେଳେ ଏ ନେଇ ପୁରୀ ଗୋବର୍ଦ୍ଧନପୀଠ ଶଙ୍କରଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମୁହଁ ଖୋଲିଛନ୍ତି। ରାଜସ୍ଥାନର ଏକ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯୋଗଦେବା ଅବସରରେ ଜଣେ ସାଧୁଙ୍କ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ପୁରୀରେ ଭଗବାନ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ଅବସ୍ଥାନ କରୁଛନ୍ତି। ପ୍ରଥମେ ବ୍ରହ୍ମା ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଥିଲେ। ପରେ ଶଙ୍କରାଚାର୍ଯ୍ୟ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠା କରିଛନ୍ତି। କାଶୀରେ କାଶୀ ବିଶ୍ୱନାଥ ଅଛନ୍ତି, ତେଣୁ ଅନ୍ୟସ୍ଥାନରେ କାଶୀ ବିଶ୍ୱନାଥ ନାମ ଦେବା ଠିକ୍‌ ନୁହେଁ। ତେବେ ପୁରୀପଣ୍ଡାଙ୍କଠାରୁ ଆରମ୍ଭ କରି ଦୋକାନୀଙ୍କ ଆୟ ମୁଖ୍ୟତଃ ବଙ୍ଗାଳୀମାନଙ୍କ ଠାରୁ ହୋଇଥାଏ। ମମତା ବାନାର୍ଜୀ ବହୁତ ଚତୁର। ତେଣୁ ସେ ଭାବିଲେ କି ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଗଲେ ଦାନଦକ୍ଷିଣା ଦେବାକୁ ପଶ୍ଚିମବଙ୍ଗରୁ କେହି ପୁରୀ ଯିବେନାହିଁ। ତେବେ ଅର୍ଥ ଉଦ୍ଦେଶ୍ୟରେ ଦୀଘାରେ ମନ୍ଦିର କରାଯାଇଛି, ନାମ ଖାଲି ଜଗନ୍ନାଥଙ୍କର ରହିଛି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଏ ସଂକ୍ରାନ୍ତ ଏକ ଭିଡିଓ ବୁଧବାର ସାମ୍ନାକୁ ଆସିଛି। ସେହିପରି ଭାରତୀୟ ସୈନ୍ୟବାହିନୀ ଦ୍ୱାରା ହୋଇଥିବା 'ଅପରେଶନ ସିନ୍ଦୂର' ପରାକ୍ରମକୁ ସେ ସ୍ୱଲିଖିତ ହସ୍ତାକ୍ଷର ମାଧ୍ୟମରେ ପ୍ରଶଂସା କରିଥିବା ନେଇ ମଠ ପକ୍ଷରୁ ସୂଚନା ଦିଆଯାଇଛି।

## 'ଜଗନ୍ନାଥ ଧାମ' ନାମକରଣ ପ୍ରତିବାଦରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର, ୭।୫ (ସୌମ୍ୟରଞ୍ଜନ ରାଉତ)

ପଶ୍ଚିମବଙ୍ଗର ଦୀଘାଠାରେ ଗତ ଅକ୍ଷୟ ତୃତୀୟା ଦିନ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥଙ୍କ ଦାରୁ ବିଗ୍ରହ ସ୍ଥାପନ ପରେ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରିବା ଫଳରେ ପୁରୀ ଜଗନ୍ନାଥ ମନ୍ଦିରର ଗାରିମ ନଷ୍ଟ କରୁଛି। ଏହି ଘଟଣାରେ ଯେଉଁ ସେବାୟତମାନେ ସମ୍ପୃକ୍ତ, ସେମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ପୁରୀ ଶ୍ରୀମନ୍ଦିର ସେବାରୁ ଅବ୍ୟାହତି ଦେବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଦାବି କରାଯାଇ ବୁଧବାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅସ୍ମିତା ପରିଷଦର ଆବାହକ ରବି ବେହେରାଙ୍କ ନେତୃତ୍ୱରେ ସର୍ବଶ୍ରୀ ଅରୁଣ ଜେନା, ନାରାୟଣ ଡାଲୁଆ ଓ କରୁଣାକର ହେତା ପ୍ରମୁଖ ଏକ ପ୍ରତିନିଧି ଦଳ ଯାଇ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟପାଳ ଜଗନ୍ନାଥ ସଂସ୍କୃତିର ହଜାର ହଜାର ବର୍ଷର ଗାରିମାକୁ ଅକ୍ଷୁର୍ଣ୍ଣ ଓ ଅତୁଟ ରଖିବା ତଥା ପୁରୀ ଜଗନ୍ନାଥ ଧାମର ଆଧ୍ୟାତ୍ମିକ ଚେତନାକୁ ବଳୟ ରଖିବା। ଏଥିସହ ପଶ୍ଚିମ ବଙ୍ଗଳା ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଦୀଘା ଜଗନ୍ନାଥ ଧାମ ଦ୍ୱନ୍ଦ୍ୱକୁ ନେଇ ଓଡ଼ିଆ ଓ ପଶ୍ଚିମ ବଙ୍ଗଳା ମଧ୍ୟରେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା, ଆବଶ୍ୟକ ପଡ଼ିଲେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବି କରି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବ ପାଇଁ ପଦକ୍ଷେପ ନେବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମାନ୍ୟବର ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି।

## ନୂଆ 'ହୋମିଓପାଥ୍‌ ଗବେଷଣା ଓ ବିଶ୍ଳେଷଣ ବିଭାଗ' ଖୋଲିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)

### ଡ. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍‌ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦର ବାର୍ଷିକ ଉତ୍ସବ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ଡ. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ନୂତନ ଏମରଜେନ୍ସି ୟୁନିଟ୍‌ର ଶିଳାନ୍ୟାସ କରିବା ସହ କଲେଜରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ହୋମିଓପାଥିକ ଶିକ୍ଷାର ପ୍ରସାର ଓ ହୋମିଓପାଥିକ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡ. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ହୋମିଓପାଥିକ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଚାଲିଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି। ସେ କହିଥିଲେ, ସାରା ଭାରତରେ ଆୟୁଷ ଅର୍ଥନୀତିରେ ପ୍ରାୟ ୧୫ ପ୍ରତିଶତ ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ। ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏହା ସହ ୫୬୨ଟି ସରକାରୀ ହୋମିଓପାଥିକ୍‌ ଡାକ୍ତରଖାନା ମଧ୍ୟ ଅଛି। ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ତିନୋଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ବଜେଟରେ ୨୩ ହଜାର ୬୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ରାଜ୍ୟ ବଜେଟର ୮ ପ୍ରତିଶତରୁ ଅଧିକ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟର ୧ କୋଟିରୁ ଅଧିକ ଲୋକ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇ ପାରୁଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଏ କ୍ଷେତ୍ରରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ ବିଶ୍ୱାସ ବୋଲି ମହାଲିଙ୍ଗ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥୀ ଏସ୍‌, ଡା. ଅଶୋକ ମହାପାତ୍ର, ଡା. ଏଲ୍‌. କେ. ନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ, ଛାତ୍ର ସଂସଦର ସଭାପତି ଏଲ୍‌. ମହାପାତ୍ର ବିବରଣୀ ପାଠ ଏବଂ ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଭାରତ ସରକାର
କର୍ପୋରେଟ୍‌ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍‌ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍‌), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍‌-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍‌.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍‌: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍‌/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍‌ | ସିଆଇଏନ୍‌ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍‌୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍‌ ମାର୍କେଟିଂ ଆଣ୍ଡ ସର୍ଭିସେସ୍‌ ପ୍ରାଇଭେଟ୍‌ ଲିମିଟେଡ୍‌ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ଓ୍ୱିଲୋରାପ୍‌ ମିଡିଆ ପ୍ରାଇଭେଟ୍‌ ଲିମିଟେଡ୍‌ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍‌୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍‌ ପ୍ରାଇଭେଟ୍‌ ଲିମିଟେଡ୍‌ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍‌ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍‌ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍‌ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

## ଆତ୍ମରକ୍ଷା କୌଶଳ ପ୍ରଦର୍ଶନ

**ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ଜମ୍ମୁ କଶ୍ମୀର ପହଲଗାମରେ ଗତ ମାସ ୨୨ ତାରିଖରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଉପୁଜିଛି। ଏହାରି ମଧ୍ୟରେ ଭାରତ ସରକାର ଦେଶବାସୀଙ୍କୁ ଜାଗ୍ରତ କରିବା ନେଇ ଯୁଦ୍ଧ ପ୍ରସ୍ତୁତି ପାଇଁ ବୁଧବାର ଅସ୍ତରଙ୍ଗରେ ମକ୍‌ଡ୍ରିଲ କରାଯାଇଛି। ଏହି ଅବସରରେ ଅସ୍ତରଙ୍ଗ ବ୍ଲକସ୍ଥିତ କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ଅପରାହ୍ନ ୪ଟାବେଳେ ପ୍ରଥମ ସାଇରନ ବାଜିବା ପରେ ମକ୍‌ଡ୍ରିଲ ଆରମ୍ଭ ହୋଇଥିଲା। ଏହି ମକ୍‌ଡ୍ରିଲ ସମୟରେ ଆଶା ନୋଡାଲ ଏନ୍‌ଜିଓ ଅନସୂୟା ପରିଡ଼ା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ ନିକଟସ୍ଥ ବିଦ୍ୟାଳୟ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୫।୨୦୨୫

| | |
|---|---|
| ୩,୯୭,୧୧୧ ଟଙ୍କା | |
| ସୁନା | ୨.୧୫୦ ଗ୍ରାମ୍ |
| ରୁପା | ୬୯.୮୦୦ ଗ୍ରାମ୍ |

# ରଥଯାତ୍ରା ସମୟରେ ସ୍ୱଚ୍ଛତା, ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ

**ପୁରୀ,୭।୫(ଅଜିତ୍ କୁମାର ମହାନ୍ତି)**



ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀମାନେ।

ମହାପ୍ରଭୁଙ୍କ ରଥଯାତ୍ରା ଏକ ସାମୂହିକ ଦାୟିତ୍ୱ। ଏହା ସମସ୍ତ ବିଭାଗ ମଧ୍ୟରେ ସୁସମନ୍ୱୟର ପ୍ରତୀକ। ଏଥିରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ପରିବହନ ବିଭାଗର ଗୁରୁଦାୟିତ୍ୱ ରହିଛି ବୋଲି ବୁଧବାର ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରଥଯାତ୍ରା ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

ପ୍ରମୁଖ ଶାସନ ସଚିବ ପାଢ଼ୀ କହିଥିଲେ, ରଥଯାତ୍ରାକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀ ଆମର ଅତିଥି। ସେମାନଙ୍କୁ ଏକ ସୁନ୍ଦର ଅନୁଭବ ଦେବା ଆମର କର୍ତ୍ତବ୍ୟ। ବିଶେଷ କରି ରାସ୍ତାଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା, ପରିମଳ, ପାନୀୟଜଳ, ପରିବହନ, ପାର୍କିଂସ୍ଥଳ ବ୍ୟବସ୍ଥା ଇତ୍ୟାଦିକୁ ରଥଯାତ୍ରା ପୂର୍ବରୁ ଅତି ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପାଢ଼ୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆମ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଯାହାଫଳରେ କେବଳ ରଥଯାତ୍ରା ନୁହେଁ ସବୁ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ସୁବିଧା ପାଇପାରିବେ। ଏଥିପାଇଁ ଅର୍ଥ ବାଧକ ନୁହେଁ। ତେଣୁ ସମସ୍ତ ବିଭାଗ ଉପଯୁକ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ କହିଥିଲେ। ସ୍ୱଚ୍ଛତାକୁ ଯେଉଁମାନେ ଉଲ୍ଲଂଘନ କରୁଛନ୍ତି, ରାସ୍ତା ଅବରୋଧକରି ଗୃହ ନିର୍ମାଣ ସାମଗ୍ରୀ ରଖୁଛନ୍ତି, ବିଭିନ୍ନ ପ୍ରକାର ଯାନ ପରିବହନ ନିୟମ ଭାଙ୍ଗୁଛନ୍ତି, ପାର୍କିଂ ନ ହେବା ସ୍ଥାନରେ ପାର୍କିଂ କରୁଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆର୍ଥିକ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରିବହନ ବିଭାଗ ପକ୍ଷରୁ ରଥଯାତ୍ରା ସମୟରେ ଯାତ୍ରୀଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ବିଭାଗୀୟ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଅମିତାଭ ଠାକୁର କହିଥିଲେ। ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ପାର୍କିଂସ୍ଥଳ ଚିହ୍ନଟ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ରାଜ୍ୟ ପରିବହନ କର୍ତ୍ତୃପକ୍ଷର ଅତିରିକ୍ତ ସଚିବ ତଥା ଏସିଟି ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଦେବୀପ୍ରସାଦ ପ୍ରତାପ, ଏସ୍‌ଟିଏର ଏନ୍‌ଫୋର୍ସମେଣ୍ଟ ଏସିଟି ଲାଲମୋହନ ସେଠୀ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ତୁମ୍ବ ବିନ୍ଧ କାର୍ଯ୍ୟ



ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଅରକଣ୍ଟା ପ୍ରସ୍ତୁତ କରାଯାଉଛି।

**ପୁରୀ, ୭।୫(ଅଜିତ୍ କୁମାର ମହାନ୍ତି):** ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ ଚାଲିଛି। ବୁଧବାର ସପ୍ତମ ଦିନରେ ୩ ରଥର ମୋଟ ୪୨ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ କରତୀ ମହାରଣା ସେବକ ଆଉ ୪ଟି ତୁମ୍ବର ଘେରକଟା କାର୍ଯ୍ୟ ଶେଷ କରିଛନ୍ତି। ଗୁରୁବାର ତୁମ୍ବ ବିନ୍ଧଗୁଡ଼ିକର ସଂଶୋଧନ କାର୍ଯ୍ୟ ସହ ଅରକଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବ ବୋଲି ମୁଖ୍ୟ ମହାରଣାମାନେ ସୂଚନା ଦେଇଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ

### ଅରକଣ୍ଟା ତିଆରି ଚାଲିଛି

କମାରଶାଳରେ ୩ ରଥ ଓଝା କମାର ସେବକ ୩ ରଥର ଅରକଣ୍ଟା ପ୍ରସ୍ତୁତି ସହ ତୁମ୍ବ ଅଖ ବିନ୍ଧରେ ବସିବା ପାଇଁ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି। କାର୍ଯ୍ୟ ଶେଷ ବେଳକୁ ୩ ରଥ ଓଝା କମାର ସେବକ ତିନି ତିନୋଟି ଚକ ପାଇଁ ଆବଶ୍ୟକ ପନ୍ଦାରି ବଳା ନିର୍ମାଣ ସହ ଦୁଇ ଦୁଇଟି ଚକର ଅରକଣ୍ଟା ପ୍ରସ୍ତୁତ ସହ ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଆବଶ୍ୟକ ପ୍ରକାରେ ଜିଆଇ ଲୁହା ରଡ଼ ମାପ ପ୍ରକାରେ କାଟି ସାଇତିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ସାକ୍ଷୀଗୋପାଳ,୭।୫ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ସତ୍ୟବାଦୀ ଥାନା ଅଧୀନ ଅଳଗୁମ-ଶୁକଳ ରାସ୍ତାର ଗୋଲ ବିଂଝେଇପଡ଼ା ଛକ ନିକଟରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗୋଲ ବିଂଝେଇପଡ଼ା ଗ୍ରାମର ଦୀନବନ୍ଧୁ ବରାଳ। ତାଙ୍କ ପତ୍ନୀ ସୁଷମା ବରାଳଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୧୩୫/୨୫ରେ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟାରେ ଦୀନବନ୍ଧୁ ଓ ଇଚ୍ଛାପୁର ଗ୍ରାମର ଅକ୍ଷୟ କୁମାର ପ୍ରଧାନ ଏକ ବାଇକ୍ ଯୋଗେ ବାଣପୁର ଛକରେ ଥିବା ନିଜ ଦୋକାନ ଖୋଲିବାକୁ ଯାଉଥିଲେ। ଏହି ସମୟରେ ଛକ ଉପରେ ଏକ ପଥର ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଦୀନବନ୍ଧୁ ଓ ଅକ୍ଷୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣ ଉଭୟଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଦୀନବନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅକ୍ଷୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରାଯାଇଥିଲା। ସତ୍ୟବାଦୀ ପୋଲିସ ଦୀନବନ୍ଧୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି।

### ଅଧ୍ୟାପିକାଙ୍କୁ କ୍ରୀଡ଼ା ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ

**କଣାସ,୭।୫(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତସ୍ଥିତ ଚୌଦମୌଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଅଧ୍ୟାପିକାଙ୍କୁ କ୍ରୀଡ଼ା ଶିକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଧ୍ୟାପିକା ଜଣକ ଅଭିଯୋଗ ଆଣିଛନ୍ତି ଯେ, କ୍ରୀଡ଼ା ଶିକ୍ଷକ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥାଇ ଅସତ୍ ଉପାୟ ଅବଲମ୍ବନ କରୁଥିଲେ। ଏ ନେଇ ସେ ବିରୋଧ କରିବାରୁ କ୍ରୀଡ଼ା ଶିକ୍ଷକ ତାଙ୍କ ଫାଇଲପତ୍ର ବାହାରକୁ ଫିଙ୍ଗିଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେହିଦିନଠାରୁ କ୍ରୀଡ଼ା ଶିକ୍ଷକ ତାଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବା ସହ ସେ ଆଉ କଲେଜ ଆସିପାରିବେ ନାହିଁ ବୋଲି ଧମକ ଦେଉଛନ୍ତି। ସମ୍ପୃକ୍ତ ଅଧ୍ୟାପିକା ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କୁ ପୂର୍ବରୁ ଜଣାଇଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଫଳରେ ସେ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଏତଲା ଦେଇଛନ୍ତି। ଇତିମଧ୍ୟରେ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ନେଇ ଅଧ୍ୟକ୍ଷ ସାମନ୍ତରାୟ କହିଛନ୍ତି, ଘଟଣା ଘଟିବାର ଦିନକ ପରେ ଅଧ୍ୟାପିକା ମୋ' ନିକଟରେ ଅଭିଯୋଗ କରିଥିଲେ। ତେବେ ମୁଁ ଯାହା କହିଲି ସେ ମୋ କଥା ମାନିଲେ ନାହିଁ। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ ବୋଲି ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକ କହିଛନ୍ତି। କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ କହିଛନ୍ତି, ମନ୍ଦାରବସ୍ତ ଫାଣ୍ଡି ଏଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା ଏନେଇ ଲିଖିତ ଅଭିଯୋଗ ପାଇଥିବା ତାଙ୍କୁ ସୂଚନା ଦେଇଥିଲେ। ସେ ଏଏସ୍‌ଆଇ ବେହେରାଙ୍କୁ ତଦନ୍ତ କରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିବା ଜୁଝାରସିଂହ ପ୍ରକାଶ କରିଛନ୍ତି।

# 'ସମ୍ବିଧାନର ଗଣତାନ୍ତ୍ରିକ ଢାଞ୍ଚାକୁ ଜାତୀୟ ଶିକ୍ଷାନୀତି ଦୁର୍ବଳ କରିବ'




ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷାନୀତି -୨୦୨୦' ସଂକ୍ରାନ୍ତ କର୍ମଶାଳାରେ ମଞ୍ଚାସୀନ ଅତିଥି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୭।୫(ଅଜିତ୍ କୁମାର ମହାନ୍ତି)**

ଅଖିଳ ଭାରତ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ବୁଧବାର ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ 'ଜାତୀୟ ଶିକ୍ଷାନୀତି -୨୦୨୦' ସଂକ୍ରାନ୍ତ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହାକୁ ସମାଜ ବିଜ୍ଞାନୀ ପ୍ରଫେସର ବିଜୟ ବହିଦାର ଉଦ୍‌ଘାଟନ କରି କହିଲେ ଯେ, ଶିକ୍ଷାର ମୌଳିକ ନିର୍ଯ୍ୟାସ ହେଉଛି ବୈଜ୍ଞାନିକ ଚେତନା ବିକାଶ କରିବା ଓ ସମାନତାପୂର୍ଣ୍ଣ ସମାଜ ଗଢ଼ିବା ଦିଗରେ ବର୍ତ୍ତମାନର ବଂଶଧରଙ୍କୁ ପ୍ରସ୍ତୁତ କରିବା। ଜାତୀୟ ଶିକ୍ଷାନୀତି ଦେଶର ସମ୍ବିଧାନରେ ଘୋଷିତ ଗଣତାନ୍ତ୍ରିକ ଓ ସମାଜବାଦୀ ଢାଞ୍ଚାକୁ ଦୁର୍ବଳ କରିବ ଓ ବ୍ୟବସାୟିକ ଶିକ୍ଷାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମାନସ ବେହେରା ଯୋଗଦେଇ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣକୁ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରୋତ୍ସାହିତ କରିବ ବୋଲି ମତ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ସୁରଜମଲ ଶାହା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା କହିଲେ ଯେ, ଶିକ୍ଷକ ଓ ଭିତ୍ତିଭୂମି ନ ଥାଇ ବାଲ୍‌ବାଟିକା ଖୋଲାଯାଇଛି। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରରେ ଅଧିକ ଅଧାରୁ ପିଲା ପାଠ ଛାଡୁଛନ୍ତି ଓ ଏହାକୁ ରୋକିବା ପାଇଁ ଜାତୀୟ ଶିକ୍ଷାନୀତିରେ ନିର୍ଦ୍ଦିଷ୍ଟ ଭାବେ କିଛି ପ୍ରସ୍ତାବ ନାହିଁ। ଶିକ୍ଷା ପାଇଁ ଆବଶ୍ୟକ ବ୍ୟୟ ବରାଦ ହ୍ରାସ ଯୋଗୁ ସରକାରୀ ଶିକ୍ଷା ବ୍ୟବସ୍ଥା ଗୁରୁତର ଭାବେ ଦୁର୍ବଳ ହେଉଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବିଦ୍ୟାଳୟ ଶିକ୍ଷା ସଂଘର ସଭାପତି ଅକ୍ଷୟ ମିଶ୍ର, ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ଜଗବନ୍ଧୁ ଜେନା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଭୁ ପ୍ରସାଦ ସାହୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କର୍ମଶାଳା ପରିଚାଳନା କରିଥିଲେ। ସର୍ବଭାରତୀୟ କୋଷାଧ୍ୟକ୍ଷ ପ୍ରକାଶ ମହାନ୍ତି ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ସଂଘର ଯୁଗ୍ମସାଧାରଣ ସମ୍ପାଦକ ସୁକୁମାର ପାଇନ୍ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଅନ୍ୟତମ ସମ୍ପାଦକ ସାଲିବାଲ ରାୟ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କାକୋଲି ଭୌମିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୋହନ ଦାସ ପଣ୍ଡିତ, ନନ୍ଦନ ଚକ୍ରବର୍ତ୍ତୀ, କୁମାର ଅମରେନ୍ଦ୍ର ପ୍ରସାଦ, ବିନୋଦ ବିହାରୀ ପାଣିଗ୍ରାହୀ, ଶଙ୍କର କୁମାର ସୁବୁଦ୍ଧି, ବ୍ରହ୍ମାନନ୍ଦ ମହାରଣା, ଯୁଧିଷ୍ଠିର ପ୍ରଧାନ ଓ ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ସୁରକ୍ଷାକୁ ଗୁରୁତ୍ୱ

**ପୁରୀ,୭।୫(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ସୁରକ୍ଷା ଉପରେ ଏନ୍‌ଏସ୍‌ଜି ଗୁରୁତ୍ୱାରୋପ କରିଛି। ଏ ନେଇ ବୁଧବାର ସର୍କିଟ ହାଉସ୍‌ରେ ଏନ୍‌ଏସ୍‌ଜି ଏବଂ ଜିଲା ପ୍ରଶାସନର ବିଭିନ୍ନ ବିଭାଗ ସମେତ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ ପାଢୀ ସୂଚନା ଦେଇ କହିଛନ୍ତି, ଗତ ୩ଦିନ ଧରି ଏନ୍‌ଏସ୍‌ଜି ଟିମ୍ ବିଭିନ୍ନ ଦଗ ଉପରେ ସମୀକ୍ଷା କରିଥିଲେ। ବୁଧବାର ଶ୍ରୀମନ୍ଦିର ଓ ଏହାର ଚତୁଃପାର୍ଶ୍ୱ, ପୁରୀ ସହରର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ସମ୍ପୂର୍ଣ୍ଣ ତଥ୍ୟ ନେଇଛନ୍ତି। ଯଦି ଆତଙ୍କବାଦୀ ଆକ୍ରମଣ କିମ୍ବା କୌଣସି ଅଘଟଣ ହେଲା ତାହାକୁ କିପରି ମୁକାବିଲା କରାଯିବ ସେ ନେଇ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ବିମାନବନ୍ଦର କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ପାଢୀ ପ୍ରକାଶ କରିଛନ୍ତି।

## ଜିଲାର ୨୩ ସ୍ଥାନରେ ବାଜିଲା ସାଇରନ୍



ଜଣେ ଆହତଙ୍କୁ ଉଦ୍ଧାର କରି ନିଆଯିବାର ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

**ପୁରୀ,୭।୫(ଅଜିତ୍ କୁମାର ମହାନ୍ତି)**

### ସମ୍ଭାବ୍ୟ ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି କରାଗଲା ମକ୍‌ଡ୍ରିଲ୍

ପୁରୀ ଜିଲାର ୨୩ଟି ସ୍ଥାନରେ ବୁଧବାର ଅପରାହ୍ନ ୪ଟାରେ ସିଭିଲ ଡିଫେନ୍ସ ମକ୍‌ଡ୍ରିଲ୍ କରାଯାଇଛି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଏହି ମକ୍‌ଡ୍ରିଲ୍ ହୋଇଥିଲା। ପୁରୀ ସହରର ବଡ଼ଦାଣ୍ଡ ଟାଉନ ଥାନା ନିକଟରେ, ପେଣ୍ଟକଟା ବାତ୍ୟା ଆଶ୍ରୟସ୍ଥଳ ଓ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ମକ୍‌ଡ୍ରିଲ୍ ଆୟୋଜନ ହୋଇଥିବାବେଳେ ଏଥିରେ ଜନସାଧାରଣ ସହଯୋଗ କରିଥିଲେ। ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଅପରାହ୍ନ ୪ଟାରେ ଜିଲାର ୨୩ଟି ଯାକ ପଏଣ୍ଟରେ ୫ ମିନିଟ୍ ପାଇଁ ସାଇରନ ବାଜିଥିଲା। ସାଇରନ ଶବ୍ଦ ଶୁଣି ସମସ୍ତେ ସତର୍କ ହୋଇ ସୁରକ୍ଷିତ ଆଶ୍ରୟସ୍ଥଳ ଭାବେ ଛାତ ଓ କୋଠା ଘରେ ଆଶ୍ରୟ ନେଇଥିଲେ। ୧୫ ମିନିଟ୍ ପରେ ବିପଦ ଟଳିଯିବାର ସୂଚନା ପୂର୍ବକ ପୁନଶ୍ଚ ସାଇରନ ବାଜିଥିଲା। ପରେ ଲୋକେ ସ୍ୱାଭାବିକ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ। ଆହତ ଲୋକଙ୍କୁ ଚିକିତ୍ସା ସୁବିଧା, ଆମ୍ବୁଲାନ୍ସ ବ୍ୟବସ୍ଥା, ଲାଗିଥିବା ନିଆଁକୁ ଲିଭାଇବା ଆଦି ସମ୍ପର୍କରେ ମକ୍‌ଡ୍ରିଲ ମାଧ୍ୟମରେ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀମାନେ ମକ୍‌ଡ୍ରିଲ ପରିଚାଳନାରେ ସହଯୋଗ କରିଥିଲେ।

### କରତକଳରେ ଚଢ଼ାଉ: ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ

**ଅସ୍ତରଙ୍ଗ,୭।୫ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ଭୁବନେଶ୍ୱର ଓ କଟକ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଭୋରୁ ଅସ୍ତରଙ୍ଗ ବନାଞ୍ଚଳ ଅଧୀନ କେନ୍ଦ୍ରାପଟି ପଞ୍ଚାୟତ ନିକଟସ୍ଥ ବେଆଇନ କରତକଳ ଉପରେ ଚଢାଉ କରିଛନ୍ତି। ସେଠାରୁ ମୂଲ୍ୟବାନ କାଠ ସମେତ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଚଢାଉରେ ଅସ୍ତରଙ୍ଗ ବନ ବିଭାଗ କର୍ମଚାରୀ ଓ ପୋଲିସ ସାମିଲ ଥିଲେ। ଜବତ ଯନ୍ତ୍ରାଂଶ ମଧ୍ୟରେ ପମ୍ପ, ମୋଟର, ଡାଇନାମା, କଟର, କରତ ପ୍ରଭୃତି ସରଞ୍ଜାମ ରହିଛି। ଜବତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ପାଣିଛତ୍ର କାର୍ଯ୍ୟାଳୟରେ ରଖାଯିବ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ଭିଜିଲାନ୍ସ ଏସିଏଫ୍ ସାଧନା ସ୍ୱାଇଁ, କଟକ ଭିଜିଲାନ୍ସ ଏସିଏଫ୍ ବବିତା ସୋରେନ, ଅସ୍ତରଙ୍ଗ ବନ୍ୟପ୍ରାଣୀ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ୧୫ରୁ ଊର୍ଦ୍ଧ୍ୱ ଭିଜିଲାନ୍ସ କର୍ମଚାରୀ, ବନବିଭାଗ ସ୍କ୍ୱାଡ୍, ପୋଲିସ ଓ ବିଦ୍ୟୁତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କୃଷି ସୂଚନା, ପରାମର୍ଶ କେନ୍ଦ୍ରର ନୂତନ ସୌଧ ଲୋକାର୍ପିତ

**ଡେଲାଙ୍ଗ,୭।୫(ରଶ୍ମିରଞ୍ଜନ ପ୍ରଧାନ)**



ବିଧାୟକ ଆଶ୍ରିତ ପଟ୍ଟନାୟକ ନୂତନ ସୌଧକୁ ଲୋକାର୍ପଣ କରୁଛନ୍ତି।

ଡେଲାଙ୍ଗ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ନବନିର୍ମିତ ଦ୍ୱିତଳ ସୌଧକୁ ବୁଧବାର ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଆତ୍ମାର ନବ ନିଯୁକ୍ତ ଅଧ୍ୟକ୍ଷ ଲଡୁକିଶୋର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା ପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ, ପ୍ରାକ୍ତନ ଉପାଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ସାକ୍ଷୀଗୋପାଳ କୃଷି ଜିଲା ଅଧିକାରୀ ପରେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସୌଧ ଲୋକାର୍ପଣ ଦ୍ୱାରା କୃଷି ସମ୍ପର୍କିତ ସୂଚନା ବିନିମୟ ସୁଯୋଗ ସୃଷ୍ଟି ହେଲା ବୋଲି ଅତିଥିମାନେ କହିଥିଲେ। ନବନିଯୁକ୍ତ ଆତ୍ମା ଅଧ୍ୟକ୍ଷ ଓ ସଭ୍ୟା ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ମାନସୀ ମୃଦୁଭାଷିଣୀ ପଶାୟତ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ କୃଷି ଅଧିକାରୀ ମନୋଜ ବାରିକ, ବୈଷୟିକ ପରିଚାଳକ ଜ୍ଞାନ ରଞ୍ଜନ ହରିଚନ୍ଦନ, କୃଷି ଓଭରସିଅର ଅଳକା ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ନିରୁପମା ଚିନାରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଷ୍ଣୁପ୍ରିୟା ବେହେରା, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୋମନାଥ ଦାଶ ଓ ଡା. ପ୍ରତ୍ୟୁଷା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### 'ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ହେଉ'


**ପୁରୀ, ୭।୫(ଅଜିତ୍ କୁମାର ମହାନ୍ତି)**

ଚନ୍ଦନଯାତ୍ରା ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବା ନେଇ ବୁଧବାର ପୁରୀ ଟାଉନ ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିନିତ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୧୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଚନ୍ଦନ ଯାତ୍ରାରେ ବସିବା ପାଇଁ ବ୍ୟବସ୍ଥା କରାଯିବାକୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଦାବି କରିଥିଲେ। ଗୁରୁବାରଠାରୁ ସେମାନଙ୍କ ପାଇଁ ବସିବା ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସ୍ଥିତ ଚେୟାର ସହ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରାଯିବ। ମେଡିକାଲ ସହଯୋଗ, ବିଏଲ୍‌ଏସ୍ ଆମ୍ବୁଲାନ୍ସ ଓ ପାନୀୟଜଳ ବ୍ୟବସ୍ଥା ହେବ। ସେହିପରି ଦେବସ୍ନାନ ପୂର୍ଣ୍ଣିମା ପାଇଁ ମାର୍କେଟ ଛକ ଓ ଦୋଳବେଦି କୋଣ ଛକରେ ସହଯୋଗ କେନ୍ଦ୍ର ଖୋଲାଯିବ। ଫିଶ୍ ମାର୍କେଟ ଛକ, ଟାଉନ ଥାନା ସାମ୍ନା, ମର୍ଚ୍ଚିକୋଟ ଛକ, ଦୋଳବେଦି କୋଣ ଇତ୍ୟାଦି ସ୍ଥାନରେ ଛାୟାଯୁକ୍ତ ବିଶ୍ରାମକ୍ଷେତ୍ର କରାଯିବ। ଚାଲିବା ସାହାଯ୍ୟ ଉପକରଣ ଓ ସହାୟକ ଦଳ ରହିବେ। ହୁଇଲ ଚେୟାର ଉପଲବ୍ଧ ରହିବ। ଆଗାମୀ ଦିନରେ ସିନିୟର ସିଟିଜେନ୍ ପାସ୍ ଆଇଡି ବଣ୍ଟନ ସୁବିଧା କରାଯିବ। ସ୍ୱାସ୍ଥ୍ୟ ବିଭାଗ ସହ ମେଡିକାଲ ଟିମ୍ ଓ ଆମ୍ବୁଲାନ୍ସ ରଖାଯିବ। ପୋଲିସ ଓ ସ୍ୱେଚ୍ଛାସେବୀମାନେ ମନ୍ଦିର ପ୍ରବେଶ ପଏଣ୍ଟରେ ସହାୟକ କରିବା ପାଇଁ ରହିବେ। ବରିଷ୍ଠ ନାଗରିକଙ୍କ ପାଇଁ ଅତି ଆବଶ୍ୟକ ସମୟରେ ସହାୟତା ଲାଗି ନମ୍ବର ୬୩୭୦୯-୭୨୧୦୦ ଦିଆଯାଇଛି। ନୋଡାଲ ଅଫିସର ଭାବେ ଡିଏସ୍‌ପି ତାରା ଜାସ୍‌ମିନ୍ ଗୁରିଆଙ୍କ ୯୪୩୭୩୯୦୦୯୬ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ଯେଉଁ ବୃଦ୍ଧ ବ୍ୟକ୍ତିଙ୍କ ଘରେ ଅନ୍ୟ କେହି ନାହାନ୍ତି, ସେମାନେ ଏହି ନମ୍ବରକୁ ଯୋଗାଯୋଗ କରିପାରିବେ। ଆମ ଟିମ୍ ତାଙ୍କ ପାଖକୁ ଯାଇ ଯଥାସମ୍ଭବ ସହଯୋଗ କରିବେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ସଚିନେ ପଟେଲ ଓ ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ମନ୍ଦିର ଏସି ଘନଶ୍ୟାମ ହେମ୍ବ୍ରମ ଓ ବିଜୟ ନନ୍ଦ, ଟ୍ରାଫିକ୍ ଡିସିପି ରାଜକୁମାର ପରିଡ଼ା, ଟ୍ରାଫିକ ଅଧିକାରୀ ଜୟଦୀପ ମହାନ୍ତି, ଟାଉନ ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସିଂହଦ୍ୱାର ଅଧିକାରୀ ଶ୍ୱେତପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁଖଣ୍ଡ ଅଭୟାରଣ୍ୟର ୪୦୦ରୁ ଊର୍ଦ୍ଧ୍ୱ ପ୍ଲଟ ବିକ୍ରି ଅଭିଯୋଗ

### ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଚାଲିଛି କାର୍ଯ୍ୟ

**ଗୋପ,୭।୫(ଭାରତୀ ଭୂଷଣ ଉପାଧ୍ୟାୟ)**




ଖବରଦାତା ସମ୍ମିଳନୀରେ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଦିନ ଦ୍ୱିପ୍ରହରରେ ପ୍ଲଟିଂ କରି ବାଲୁଖଣ୍ଡ ଅଭୟାରଣ୍ୟ ଜମିକୁ ବିକ୍ରି କରିଦିଆଯାଉଛି। ସମସ୍ତ ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇ ସାଧାରଣ ଲୋକଙ୍କଠାରୁ କୋଟି କୋଟି ଟଙ୍କା ନେଇ ଯାଉଥିବାବେଳେ ଜିଲାପାଳ ଓ ଗୋପ ତହସିଲଦାର ନୀରବଦ୍ରଷ୍ଟା ସାଜିଛନ୍ତି। ଏନେଇ ବୁଧବାର ଏକ ମଣ୍ଡପରେ ପୁରୀ ଜିଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏପରି ତଥ୍ୟ ରଖାଯାଇଛି। ଯଦି ସରକାର ଏହା ଉପରେ ରୋକ ନ ଲଗାନ୍ତି, ଜଙ୍ଗଲ ଜମିକୁ ଫେରାଇ ନ ଆଣନ୍ତି, ତେବେ ୧ ସପ୍ତାହ ପରେ ଗୋପ ତହସିଲଦାର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପାର୍ଟିର ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏହି ଜଙ୍ଗଲ ଜମି କେଳେଙ୍କାରି ୨୦୨୩ରୁ ଆରମ୍ଭ ହୋଇଥିଲେ ମଧ୍ୟ କେମିତି ଏ ପର୍ଯ୍ୟନ୍ତ ଗୋପ ତହସିଲଦାର ଓ ଜିଲା ବନଖଣ୍ଡ ଅଧିକାରୀ ନୀରବଦ୍ରଷ୍ଟା ପାଲଟିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ-କୋଣାର୍କ ରାସ୍ତାକୁ ୪ ଲାଇନ୍ ବିଶିଷ୍ଟ କରାଯିବାର ଘୋଷଣା ହେବା ପରେ ଏବେ ଜମି ମାଫିଆମାନେ ବିଭିନ୍ନ କ୍ଷେତ୍ରରେ ବିଜ୍ଞାପନ ଦେଇ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ କୋଟି କୋଟି ଟଙ୍କା ହାତେଇବାକୁ ଲାଗି ପଡ଼ିଛନ୍ତି। ପୁରୀ-କୋଣାର୍କ ରାସ୍ତାର ବେଲେଶ୍ୱର ମନ୍ଦିରଠାରୁ ନାରାୟଣୀ ମନ୍ଦିର ମଧ୍ୟରେ ଜମି ଦଲାଲମାନେ ୪୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ବିକ୍ରି କରିଥିବାବେଳେ ତହସିଲ ଅଫିସ ପକ୍ଷରୁ ବେଆଇନ ଭାବେ ପଟ୍ଟା ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ୧୯୮୭ ମସିହାରେ ସରକାର ବାଲୁଖଣ୍ଡକୁ ଅଭୟାରଣ୍ୟ ଘୋଷଣା କରିବା ପରେ ୮୭ କି.ମି. ବିଶିଷ୍ଟ ଏହି ଅଭୟାରଣ୍ୟକୁ କେମିତି ବିକ୍ରି କରାଯାଉଛି ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଏପରିକି ଜମି ଦଲାଲମାନେ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ରାସ୍ତା ନିର୍ମାଣ, ବିଦ୍ୟୁତ୍ ଟାଣିବା ସହ ନୂତନ ଗୃହ ନିର୍ମାଣ କରୁଛନ୍ତି। ଏଭଳି ଜମି ବିକ୍ରି ହେବାରୁ ବାଲୁଖଣ୍ଡ ଅଭୟାରଣ୍ୟରେ ଥିବା ବିରଳ ପ୍ରଜାତିର ହରିଣଙ୍କଠାରୁ ଆରମ୍ଭ କରି ଅନ୍ୟ ଜଙ୍ଗଲୀଜନ୍ତୁ ଗାଁମୁହାଁ ହେଉଛନ୍ତି। ଏଥିସହ ସବୁଦିନ ଜଙ୍ଗଲୀ ଜନ୍ତୁ ଗାଡ଼ି ଧକ୍କା ସହିତ କୁକୁର କାମୁଡ଼ାରେ ମୃତ୍ୟୁବରଣ କରୁଥିବା ନଜିରକୁ ଆସୁଛି। ଏବେଠାରୁ ଯଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗକୁ ଜଙ୍ଗଲ ଜମି ପଦା ହୋଇଯିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜିଲା ପ୍ରଶାସନ ଏହି ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପରିବର୍ତ୍ତେ କେମିତି ପଟ୍ଟା କରୁଛି ବୋଲି ମଧ୍ୟ କୁହାଯାଇଛି। ୧ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ତହସିଲ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ମତାମତ ପାଇଁ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ, ୭।୫(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଗୋବିନ୍ଦପୁର ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ବୁଧବାର ଜବତ କରିଛି। ବୁଧବାର ସନ୍ଧ୍ୟା ସମୟରେ ଗୋବିନ୍ଦପୁର ଛକ ନିକଟ ଏକ ସରକାରୀ ସ୍କୁଲ ପଛପଟ ପଡ଼ିଆରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା କିଛି ସ୍ଥାନୀୟ ଗ୍ରାମବାସୀ ଦେଖି ଗୋଡ଼ିସାହି ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ଅଜଣା ମୃତଦେହ କିଛିଦିନ ପୂର୍ବରୁ ପଡ଼ିଥିବାର ଅନୁମାନ କରାଯାଉଛି। ମୃତଦେହର କିଛି ଅଂଶ ବିଲୁଆ, କୁକୁର ଖାଇ ଦେଇଥିବା ଜଣାପଡୁଛି। ମୃତକ ଏକ କଳାରଙ୍ଗର ପ୍ୟାଣ୍ଟ ପିନ୍ଧିଛନ୍ତି। ଏନେଇ ପୋଲିସ ସାଇଣ୍ଟିଫିକ୍ ଦଳ ସହ ତଦନ୍ତ ଆରମ୍ଭ କରିଛି।

### 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ଲୋକାର୍ପଣ

ଭୁବନେଶ୍ୱର, ୭।୫ (ସୌମ୍ୟରଞ୍ଜନ ରାଉତ)

ଡିଜିଟାଲ ମିଡିଆ କ୍ଷେତ୍ରରେ ନୂଆ ପଦକ୍ଷେପ ସ୍ୱରୂପ 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ବୁଧବାର ଲୋହିଆ ଏକାଡେମୀଠାରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି। ଲୋକାର୍ପଣ ସନ୍ଧ୍ୟାରେ ପ୍ରଫେସର ଧନେଶ୍ୱର ସାହୁ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଛାଇର ସମ୍ପାଦକ ସତୀଶ ମିଶ୍ର ପ୍ରମୁଖ ଅତିଥି ଯୋଗଦେଇ ସମ୍ବାଦ, ଇତିହାସ, ଅର୍ଥନୀତି, ଖେଳ, ସାହିତ୍ୟ ପରି ସମାଜର ବିଭିନ୍ନ ଦିଗକୁ ଏହା ଅଧିକ ଆଲୋକିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ହୋଟେଲ ଭଡ଼ା ଟଙ୍କା ନ ଦେଇ ଆକ୍ରମଣ, ୩ ଗିରଫ

ବାରଙ୍ଗ,୭।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଥିବା ଏକ ହୋଟେଲକୁ ଭଡ଼ାରେ ନେଇ ମାସିକ ଭଡ଼ା ଟଙ୍କା ନ ଦେବା ଓ ଚାବି ମାଗିବାରୁ ମାରିଦେବାକୁ ଉଦ୍ୟମ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ଆନନ୍ଦ ରାଉତ, ତାଙ୍କ ବୋଉ ଝିଲି ରାଉତ ଓ ଅଜା ପ୍ରଫୁଲ୍ଲ ରାଉତ। ଏନେଇ ଥାନା ଆଇଆଇସି ସମିତା ମିଶ୍ର ୧୭୨/୨୫ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ରଘୁନାଥପୁର ଗ୍ରାମର ଲିଙ୍ଗରାଜ ରାଉତଙ୍କ ଏକ ହୋଟେଲ ଘର ରହିଛି। ଉକ୍ତ ହୋଟେଲକୁ ଆନନ୍ଦ ଚୁକ୍ତିନାମା କରି ଭଡ଼ାସୂତ୍ରରେ ନେଇଥିଲେ। ହେଲେ ପର୍ଯ୍ୟାୟକ୍ରମେ ମାସିକ ଭଡ଼ା ଟଙ୍କା ନ ଦେବାରୁ ତାଙ୍କୁ ହୋଟେଲ ଛାଡ଼ିବାକୁ କହିବା ପରେ ବିବାଦ ଦେଖାଦେଇଥିଲା। ବଜାର କମିଟିର ହସ୍ତକ୍ଷେପରେ ଆଲୋଚନା କରାଯାଇ ପ୍ରକୃତ ସତ୍ୟାସତ୍ୟକୁ ଉପଲବ୍ଧ କରି ବିଶୃଙ୍ଖଳା ନ କରି ବକେୟା ଭଡ଼ା ଟଙ୍କା ଦେବା ସହ ହୋଟେଲ ଛାଡ଼ିବାକୁ ଆନନ୍ଦଙ୍କୁ ପରାମର୍ଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆନନ୍ଦ ହୋଟେଲ ନ ଛାଡ଼ିବାରୁ ବୁଧବାର ଲିଙ୍ଗରାଜଙ୍କ ଶଳା ଓ ତାଙ୍କ ଭାଇ ଆନନ୍ଦଙ୍କୁ ଚାବି ମାଗିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଆନନ୍ଦ ସେମାନଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ଆନନ୍ଦଙ୍କ ବୋଉ ଝିଲି ଓ ଅଜା ପ୍ରଫୁଲ୍ଲ ଲିଙ୍ଗରାଜଙ୍କ ଶଳାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବଜାର କମିଟି କର୍ମକର୍ତ୍ତା ସେଠାରେ ପହଞ୍ଚି ଯିବାରୁ ସେ ବର୍ତ୍ତିଯାଇଥିଲେ। ସେ ଏବେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହାପରେ ବଜାର କମିଟି ସହ ଲିଙ୍ଗରାଜ ନନ୍ଦନକାନନ ଥାନାକୁ ଯାଇ ଅଭିଯୋଗ କରିଥିଲେ। ତଦନ୍ତରୁ ପ୍ରଫୁଲ୍ଲ ଏକ ହତ୍ୟାକାଣ୍ଡ ଘଟଣାରେ ୧୨ ବର୍ଷ ଜେଲ ସଜା କାଟି ଫେରିଥିବା ଜାଣିବାକୁ ପାଇଛି।

# ଖରାରେ ଶିକ୍ଷାନୁଷ୍ଠାନ ନ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୭।୫(ସୁଚିସ୍ମିତା ସାହୁ)

**ଡିଇଓଙ୍କ ନଜରରେ ରହିବ ଶିକ୍ଷାନୁଷ୍ଠାନ**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟା ସମୟରୁ ମଧ୍ୟ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଖରାର ଉତ୍ତାପ ବଢୁଥିବାରୁ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଧ୍ୟାନରେ ରଖି ରାଜ୍ୟ ସରକାର ଅଙ୍ଗନୱାଡିଠାରୁ ଆରମ୍ଭକରି ସମସ୍ତ ଶିକ୍ଷାନୁଷ୍ଠାନରେ ଖରାଛୁଟି ଘୋଷଣା କରାଯାଇଛି। ତଥାପି ରାଜ୍ୟରେ ବହୁ ଶିକ୍ଷାନୁଷ୍ଠାନ ସରକାରଙ୍କ ଏହି ନିର୍ଦ୍ଦେଶନାମା ମାନୁନାହାନ୍ତି। ସେମାନେ ଖରାରେ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲାକରି ପିଲାଙ୍କୁ ପାଠପଢ଼ାଉଥିବା ନଜରି ଆସିଛି। ସରକାରଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଥିବାରୁ ବିଭାଗର ଦୃଷ୍ଟି ଆକର୍ଷଣ ହୋଇଛି। ଏମାନେ ସରକାରଙ୍କର ଏହି ନିୟମକୁ ଦୃଢ଼ତାର ସହ ପାଳନ କରିବା ନିମନ୍ତେ ବୁଧବାର ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମକୁ ଠିକ୍ ଭାବେ ପାଳନ କରିବାକୁ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ ପ୍ରଚଣ୍ଡ ଖରାରେ ମଧ୍ୟ ସେମାନେ କିଛି ଡମି ସ୍କୁଲ ଓ କୋଚିଂ ସେଣ୍ଟର ସରକାରଙ୍କର ଏହି ନିୟକୁ ମାନୁନାହାନ୍ତି। ପିଲାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଥିଲେ ମଧ୍ୟ ସେମାନେ ଦିନରାତି ପିଲାଙ୍କ ସେଠାରେ ପାଠପଢ଼ାଉଛନ୍ତି। ପିଲାଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଭଲ ନମ୍ବର ରଖାଇଦେବାର ସ୍ୱପ୍ନରେ ପିଲାଙ୍କୁ କୋଚିଂ ସେଣ୍ଟର ଅଧିକାରୀମାନେ ଲୁଟୁଛନ୍ତି। ଖରାଛୁଟିରେ ପରୀକ୍ଷା ପାଇଁ ସମସ୍ତ ପାଠ୍ୟକ୍ରମ ଶେଷ କରିବାକୁ ଚେଷ୍ଟା କରୁଛନ୍ତି। ଏନେଇ ସମସ୍ତ ଶିକ୍ଷାନୁଷ୍ଠାନକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଗିଦ କରିଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବା ପାଇଁ ଘୋଷଣା କରିଥିଲେ। ଯଦି କୌଣସି ଶିକ୍ଷାନୁଷ୍ଠାନ ଖୋଲି ସେଠାରେ ପିଲାଙ୍କୁ ପାଠପଢ଼ାଯାଉଥିବ ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ ତାଗିଦ କରି କହିଥିଲେ।

# ଆନନ୍ଦବନଠାରେ ନୂତନ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ ଶକ୍ତି ମା'ମାନଙ୍କ ସହ କଥା ହେଉଛନ୍ତି।

ଭୁବନେଶ୍ୱର, ୭।୫ (ସୌମ୍ୟରଞ୍ଜନ ରାଉତ)

ଅଟଳ ବିହାରୀ ବାଜପାୟୀ ଆନନ୍ଦବନ ପରିସରରେ ଏକ ନୂତନ ସୁଭଦ୍ରା ଶକ୍ତି କାଫେ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଭାତୀ ଓଡ଼ିଶାର ସମସ୍ତ ମହିଳାଙ୍କ ଆକାଂକ୍ଷାକୁ ସୁଯୋଗରେ ପରିଣତ କରିବାକୁ ରାଜ୍ୟ ସରକାର ଦୃଢ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିବା ସହ ମହିଳାଙ୍କ ଦ୍ୱାରା ପରିଚାଳିତ ପ୍ରତ୍ୟେକ ନୂତନ କାଫେ, ଉଦ୍ୟୋଗ କିମ୍ବା ଉତ୍ପାଦ ଆମକୁ ଏକ ସ୍ୱାବଲମ୍ବୀ ତଥା ବିକଶିତ ଓଡ଼ିଶା ଗଠନ ଦିଗରେ ଆଉ ଏକ ପାଦ ଆଗକୁ ନେଇଯାଉଅଛି। ଏହା କେବଳ ଜୀବନ ଜୀବିକାର ପ୍ରଚାର ନୁହେଁ, ଏହା ଆମ ମା'ମାନଙ୍କ ଆମେ ମର୍ଯ୍ୟାଦା, ନେତୃତ୍ୱ ଏବଂ ଆର୍ଥିକ ସ୍ୱାଧୀନତାର ପ୍ରତିଛବି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କ୍ରୀଡ଼ାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବା ଉଚିତ



କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ମହାବିଦ୍ୟାଳୟ ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ।

ଭୁବନେଶ୍ୱର,୭।୫(ସୁଚିସ୍ମିତା ସାହୁ)

**ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିଦର୍ଶନକଲେ କ୍ରୀଡ଼ା ମନ୍ତ୍ରୀ**

ଟମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟକୁ ବୁଧବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସୂରଜ ମହାବିଦ୍ୟାଳୟର ଏକାଡେମିକ ବିଲ୍ଡିଂ, ପାଠାଗାର, ଛାତ୍ରାବାସ, କ୍ରୀଡ଼ା ଭିତ୍ତିଭୂମି ଯଥା ଫୁଟ୍‌ବଲ ଗ୍ରାଉଣ୍ଡ, ଆଥ୍‌ଲେଟିକ ଟ୍ରାକ୍, ଇନ୍‌ଡୋର ସୁଇମିଂ ପୁଲ୍ ଆଦି ବୁଲି ଦେଖିଥିଲେ। ଏଥିସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଏବଂ ମହାବିଦ୍ୟାଳୟରେ ମଲ୍ଟି ପର୍‌ପୋଜ ହଲ୍ ଓ ମର୍ଡନ ଆଇସିଟି ଲାବ୍ ନିର୍ମାଣ ପାଇଁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ମହାବିଦ୍ୟାଳୟର ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାପ୍ତ କରିବା ପାଇଁ ମନ୍ତ୍ରୀ ସୂରଜ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ସୂରଜ କହିଥିଲେ, ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ନିମନ୍ତେ ତୃଣମୂଳସ୍ତରରୁ ସରକାର କାର୍ଯ୍ୟ କରୁଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବା ସହ ସେମାନଙ୍କର ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଉଚିତ। କ୍ରୀଡ଼ା କେବଳ ଏକ ପ୍ରତିଯୋଗିତା ବା ମେଡାଲ ଜିତିବାର ଲକ୍ଷ୍ୟରେ ନୁହେଁ ବରଂ ନିଜ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବା ଉଚିତ ବୋଲି ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ଟମାଣ୍ଡୋର ଭିତ୍ତିଭୂମିକୁ ଯେପରି ଆହୁରି ସୁଦୃଢ଼ କରାଯାଇପାରିବ । ଛାତ୍ରୀଛାତ୍ରଙ୍କର ଉତ୍ତମ ଭବିଷ୍ୟତ ନିର୍ମାଣ ପାଇଁ ଯେପରି ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ ସେ ସମ୍ବନ୍ଧରେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ନଗର ପରିକ୍ରମା ସହ ସରିଲା ରାମଲୀଳା ଉତ୍ସବ

ବାଲିଅନ୍ତା,୭।୫(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ଗ୍ରାମ ମା' ଜାଗୁଳାଇ ରାମଲୀଳା ମଣ୍ଡପରେ ୫ ଦିନ ଧରି ଚାଲିଥିବା ୧୮ତମ ବାର୍ଷିକ ରାମଲୀଳା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ରାତିରେ ଶ୍ରୀରାମ କଥାବସ୍ତୁକୁ ନେଇ ଗୀତିନାଟ୍ୟ ରାମଜନ୍ମ, ରାମ ବନବାସ, ସୀତା ଚୋରି, ସୀତା ଠାବ ଓ ଲଙ୍କା ପୋଡ଼ି ଓ ଶେଷ ରାତିରେ ରାବଣ ବଧ ପରିବେଷିତ ହୋଇଥିଲା। ରାମଲୀଳାର ୪ର୍ଥ ଦିବସରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଅତିଥି ରୂପେ ଯୋଗଦେଇ ଏଭଳି ପାରମ୍ପାରିକ ଲୋକକଳାକୁ ବଞ୍ଚାଇ ରଖିଥିବାରୁ ମା' ଜାଗୁଳାଇ ରାମଲୀଳା ସମିତି କର୍ମକର୍ତ୍ତା ଓ କଳାକାରଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହ ଏହି ମନ୍ଦିର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୁଧବାର ସକାଳେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଚରିତ୍ରରେ ଅଭିନୟ କରିଥିବା କଳାକାର ନଗର ପରିକ୍ରମାରେ ଯାଇ ଲୋକଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ଫିଟିଲା କୁଳପତି ଓ ଅଧ୍ୟାପକ ନିଯୁକ୍ତି ବାଟ

ଭୁବନେଶ୍ୱର,୭।୫(ସୁଚିସ୍ମିତା ସାହୁ)

ବିଶ୍ୱବିଦ୍ୟାଳୟରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ରୋକ୍‌କୁ ହଟାଇଛନ୍ତି ସୁପ୍ରିମକୋର୍ଟ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ନେଇ ହୋଇଥିବା ମାମଲାରେ ସୁପ୍ରିମକୋର୍ଟ ଶୁଣାଣିକରି ବୁଧବାର ଅନ୍ତରୀଣ ରହିତାଦେଶକୁ ଉଠାଇ ଦେଇଛନ୍ତି। ନୂଆ ସଂଶୋଧନ ଆଇନ ବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମ ସହ ମେଳ ଖାଉଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ବାଟ ଫିଟିଛି। ସୂଚନାଯୋଗ୍ୟ, ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ୟୁଜିସି ଗାଇଡ୍‌ଲାଇନ୍‌କୁ ପାଳନ କରୁ ନ ଥିବା ଦର୍ଶାଇ ୟୁଜିସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଶୁଣାଣି କରି ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରାଯାଇଥିଲା। ଫଳରେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କ ପଦବୀ ଖାଲି ପଡିବା ସହ ପିଲାଙ୍କ ପାଠପଢ଼ାରେ ମଧ୍ୟ ବ୍ୟାଘାତ ଦେଖିବାକୁ ମିଳିଥିଲା। ୪ ବର୍ଷ ଧରି ନିଯୁକ୍ତିରେ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ଅଧ୍ୟାପକଙ୍କ ପଦବୀ ପୂରଣ ହୋଇପାରୁ ନ ଥିବାରୁ ଅତିଥି ଅଧ୍ୟାପକରେ ପାଠପଢ଼ା କାମ ଚାଲିଥିଲା। ଅନ୍ୟପଟେ କୁଳପତି ନିଯୁକ୍ତି ମଧ୍ୟ ହୋଇପାରୁ ନଥିଲା।

# ପତଞ୍ଜଳି ସହ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରଭାଗର ଚୁକ୍ତି

ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)



ଚୁକ୍ତି ସ୍ୱାକ୍ଷର ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା ଏବଂ ନାକ୍ କାର୍ଯ୍ୟକାରୀ ସମିତି ଅଧକ୍ଷ ପ୍ରଫେସର ଅନିଲ ସହସ୍ରବୁଦ୍ଧେଙ୍କ ସହ ଅନ୍ୟମାନେ।

ପତଞ୍ଜଳି ବିଶ୍ୱବିଦ୍ୟାଳୟ, ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ(ପିଆର୍‌ଏଫ୍) ଏବଂ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରଭାଗ(ଆଇକେଏସ୍) ମଧ୍ୟରେ ବୁଧବାର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏ ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା ଏବଂ ନାକ୍ କାର୍ଯ୍ୟକାରୀ ସମିତି ଅଧକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ ଉପସ୍ଥିତ ରହି ଚୁକ୍ତି ସ୍ୱାକ୍ଷର କରିଥିଲେ। ଚୁକ୍ତି ଅନୁସାରେ ଆଇକେଏସ୍ ଅନ୍ତର୍ଗତ ବିଭିନ୍ନ ବିଷୟରେ ଗବେଷଣା, ପ୍ରଶିକ୍ଷଣ, କର୍ମଶାଳା ଓ ସମ୍ମିଳନୀ ଆଦିର ସୁବିଧା ମିଳିବ। ଭାରତୀୟ ଇତିହାସକୁ ନେଇ ଆଇକେଏସ୍ ଏବଂ ପତଞ୍ଜଳି ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଆଚାର୍ଯ୍ୟ ବାଲକ୍ରିଷ୍ଣା ସୂଚନା ଦେଇଛନ୍ତି। ଭାରତର ପ୍ରାଚୀନ ଜ୍ଞାନର ଦସ୍ତାବିଜକରଣ ଏବଂ ସଂରକ୍ଷଣ ଦିଗରେ ପତଞ୍ଜଳି ସହଯୋଗ କରିବ। ବିଶେଷକରି ପ୍ରାଚୀନ ଅନୁଷ୍ଠାନ, ସଙ୍ଗୀତ, ପାଣ୍ଡୁଲିପି, ପ୍ରାଚୀନ ସଭ୍ୟତା, ସାମାଜିକ ଆର୍ଥିକ ବ୍ୟବସ୍ଥା ଭାଷା, ଚିକିତ୍ସା, ଉପଚାର ପଦ୍ଧତି, ଶାସନ ପଦ୍ଧତି, ରକ୍ଷା ପ୍ରଣାଳୀ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ସ୍ୱଦେଶୀ କୌଶଳର ସଂରକ୍ଷଣ କରାଯିବ। କାର୍ଯ୍ୟକ୍ରମରେ ଆଇକେଏସ୍‌ର ରାଷ୍ଟ୍ରୀୟ ସମନ୍ୱୟକ ପ୍ରଫେସର ଜି. ସୂର୍ଯ୍ୟନାରାୟଣ ମୂର୍ତ୍ତି, ପତଞ୍ଜଳି ବିଶ୍ୱବିଦ୍ୟାଳୟର ପ୍ରତି କୁଳପତି ଡା. ମୟଙ୍କ ଅଗ୍ରୱାଲ, ପତଞ୍ଜଳି ହର୍ବାଲ ରିସର୍ଚ୍ଚ ଡିଭିଜନର ଡା. ବେଦପ୍ରିୟା ଆର୍ଯ୍ୟା ପ୍ରମୁଖ ଯୋଗଦେଇଥିଲେ।

# ଭୁବନେଶ୍ୱର ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ଅନୁମୋଦନ

ଭୁବନେଶ୍ୱର,୭।୫(ସୁଚିସ୍ମିତା ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତୀକରଣ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ମିଳିଛି। ଏହି ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଏବଂ ଲୁଧିଆନାସ୍ଥିତ ଆଇଟିଆଇ ରହିଛି। ଏହି ଜାତୀୟ ଯୋଜନାକୁ ୨୦୨୪-୨୫ ବଜେଟ ଏବଂ ୨୦୨୫-୨୬ ବଜେଟ ଅନ୍ତର୍ଗତ ଘୋଷିତ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୬୦,୦୦୦ କୋଟି ଟଙ୍କାରୁ କେନ୍ଦ୍ରୀୟ ଅଂଶ ୩୦,୦୦୦ କୋଟି ଟଙ୍କା, ରାଜ୍ୟ ଅଂଶ ୨୦,୦୦୦ କୋଟି ଟଙ୍କା ଏବଂ ଶିଳ୍ପ ଅଂଶ, ୧୦,୦୦୦ କୋଟି ଟଙ୍କା ହେବ। ଏସୀୟ ବିକାଶ ବ୍ୟାଙ୍କ ଏବଂ ବିଶ୍ୱବ୍ୟାଙ୍କ କେନ୍ଦ୍ରୀୟ ଅଂଶର ୫୦% ପରିମାଣକୁ ସମାନ ଭାବରେ ଭାଗ କରିବେ। ଏହି ଯୋଜନାରେ ହବ୍ ଏବଂ ସ୍ପୋକ୍ ବ୍ୟବସ୍ଥା ଅଧୀନରେ ୧,୦୦୦ ସରକାରୀ ଆଇଟିଆଇଗୁଡ଼ିକର ଉନ୍ନତୀକରଣ ଉପରେ ଧ୍ୟାନ ଦିଆଯିବ। ଆଗାମୀ ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଦେଶର ୨୦ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷ କରାଯିବ। ଏହା ସହ ୫୦,୦୦୦ ପ୍ରଶିକ୍ଷକଙ୍କୁ ପ୍ରାକ୍-ସେବା ଏବଂ ସେବା ମଧ୍ୟରେ ତାଲିମ ପ୍ରଦାନ କରାଯିବ। ଭିତ୍ତିଭୂମି, ପର୍ଯ୍ୟାୟକ୍ରମର ପ୍ରାସଙ୍ଗିକତା, ନିଯୁକ୍ତି ଯୋଗ୍ୟତା ଏବଂ ବୃତ୍ତିଗତ ତାଲିମକୁ ପ୍ରୋତ୍ସାହିତ କରାଯିବ। ଏହା ଶିଳ୍ପର ଚାହିଦା ଅନୁଯାୟୀ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବ, ଏହାଦ୍ୱାରା ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ ଏବଂ ନବୀକରଣୀୟ ଶକ୍ତି ଭଳି ଉଚ୍ଚ-ବିକାଶ କ୍ଷେତ୍ରଗୁଡ଼ିକରେ ଦକ୍ଷତା ଅଭାବକୁ ପୂରଣ କରିବ। ସୂଚନା ଥାଉକି, ୨୦୧୪ ପରଠାରୁ ଦେଶରେ ଆଇଟିଆଇ ନେଟ୍‌ୱର୍କ ପ୍ରାୟ ୪୭% ବୃଦ୍ଧି ପାଇଛି। ଓଡ଼ିଶାର ଯୁବବର୍ଗଙ୍କ ମଧ୍ୟରେ ଦକ୍ଷତା ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦେଇ ଭୁବନେଶ୍ୱରଠାରେ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିବାରୁ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଏହି ଅର୍ଥ ଓଡ଼ିଶାର ଯୁବବର୍ଗଙ୍କ ମଧ୍ୟରେ ନବସୃଜନ, ଆତ୍ମନିର୍ଭରଶୀଳତା ଏବଂ ଯୁବ ନେତୃତ୍ୱାଧୀନ ପ୍ରଗତି ପାଇଁ ବାଟ ଫିଟାଇବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍‌ଆଇପି ଆବାକସ୍‌ର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭୁବନେଶ୍ୱର,୭।୫ (ଅଭୟ ଦାଶ)

ଏସ୍‌ଆଇପି ଆବାକସ୍‌ର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ଗୃହ ବୁଧବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ଆଇପି ଏକାଡେମୀ ଇଣ୍ଡିଆର ନିର୍ଦ୍ଦେଶିକା ସର୍ଲା କୁଳଶେଖରନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇପି ଏକାଡେମୀ ଇଣ୍ଡିଆର ଆରଏମ (ଇଷ୍ଟ) ଶୁଭଜିତ ମୁଲ୍ଲିକ ଏବଂ ଓଡିଶା ଷ୍ଟେଟ୍ ହେଡ୍ ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଭାରତରେ ଏସ୍‌ଆଇପି ଆବାକସ୍‌ର ୧୦୦୦ରୁ ଅଧିକ ଶାଖା କାର୍ଯ୍ୟ କରୁଥିଲାବେଳେ ଓଡ଼ିଶାରେ ମଧ୍ୟ ଏହାର ୨୨ଟି ଶାଖା କାର୍ଯ୍ୟ କରୁଛି। ଏହି ସମସ୍ତ ଶାଖାରେ ବର୍ତ୍ତମାନ ୫୦୦୦ରୁ ଅଧିକ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି କୁଳଶେଖରନ ଏସ୍‌ଆଇପି ଆବାକସ୍‌ର ଆଭିମୁଖ୍ୟ ଏବଂ ଆଗାମୀ ସମ୍ପ୍ରସାରଣ ସାଙ୍ଗକୁ ଛାତ୍ରମାନଙ୍କୁ କିଭଳି ଅଧିକରୁ ଅଧିକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ସେ ନେଇ ସର୍ଲା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ବିଶ୍ୱ କୌଶଳ କେନ୍ଦ୍ର ପରିଦର୍ଶନକଲେ ରାଜ୍ୟପାଳ

ଭୁବନେଶ୍ୱର,୭।୫(ସୁଚିସ୍ମିତା ସାହୁ)



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବିଶ୍ୱ କୌଶଳ କେନ୍ଦ୍ରକୁ ବୁଲି ଦେଖୁଛନ୍ତି।

**ଦକ୍ଷତା ବିକାଶ ତାଲିମରେ ଉଦ୍ୟୋଗୀ ମନୋନିବେଶ ହେଉ**

ଦକ୍ଷତା ବିକାଶ ମାଧ୍ୟମରେ କେବଳ ନିଯୁକ୍ତି ସୃଷ୍ଟି କରିବା ନୁହେଁ, ବରଂ ଉଦ୍ୟୋଗିକତାକୁ ପୋଷଣ କରିବାକୁ ଲକ୍ଷ୍ୟ ରହିବା ଉଚିତ। ଦକ୍ଷତା ବିକାଶ ତାଲିମରେ ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ବୁଧବାର ମଞ୍ଚେଶ୍ୱରସ୍ଥିତ ବିଶ୍ୱ କୌଶଳ କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି)କୁ ପରିଦର୍ଶନକରି କହିଛନ୍ତି, ଦକ୍ଷତା ବିକାଶ ଅନୁଷ୍ଠାନଗୁଡ଼ିକ ବୈଷୟିକ ଦକ୍ଷତା ଶିକ୍ଷା ଦେବାଠାରୁ ବ୍ୟବସାୟିକ ମଡେଲ ନିର୍ମାଣରେ ଉଦ୍ୟୋଗୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପ୍ରୋତ୍ସାହନ ଯୋଗାଇବା ଉଚିତ। ଏହି ଗସ୍ତ ସମୟରେ ରାଜ୍ୟପାଳ ଡବ୍ଲ୍ୟୁଏସ୍‌ସିରେ ସ୍ଥାପିତ ବିଭିନ୍ନ ପ୍ରୟୋଗଶାଳାଗୁଡ଼ିକୁ ପରିଦର୍ଶନ କରିଥିଲେ। ଲିଫ୍ଟ ସିମୁଲେଟର ପ୍ରୟୋଗଶାଳା, ଏସ୍କାଲେଟର ଓ ଟ୍ରାଭେଲେଟର ପ୍ରୟୋଗଶାଳା, କମର୍ସିଆଲ ରେଫ୍ରିଜରେଶନ ପ୍ରୟୋଗଶାଳା ଏବଂ ଲର୍ଜି ରିସୋର୍ସ ସେଣ୍ଟର, ସିଓଇ ଇନ ଆଡଭାନ୍ସଡ ୱେଲ୍‌ଡିଂ ଓ ବେସକ୍ ରୋବୋଟିକ୍ସ ଏବଂ ହେୟାର ଫ୍ୟାଶନ ଡିଜାଇନ ପ୍ରୟୋଗଶାଳାକୁ ମଧ୍ୟ ରାଜ୍ୟପାଳ ପରିଦର୍ଶନ କରିଥିଲେ। କେନ୍ଦ୍ରର ଅଧିକାରୀ, ପ୍ରଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ପରେ ଡବ୍ଲ୍ୟୁଏସ୍‌ସିର ବରିଷ୍ଠ ପଦାଧିକାରୀଙ୍କ ସହ ରାଜ୍ୟପାଳ ଓଡ଼ିଶାରେ କୌଶଳ ବିକାଶ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷା ଓ ଶିଳ୍ପ ଆବଶ୍ୟକତା ମଧ୍ୟରେ ସଂଯୋଗ ସ୍ଥାପନ କରିବାରେ ବିଶ୍ୱ କୌଶଳ କେନ୍ଦ୍ରର ଭୂମିକା, ଓଡ଼ିଶାର ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ କୌଶଳ ପ୍ରଦାନ କରି ଦକ୍ଷ କରିବା ସହ ଅର୍ଥନୈତିକ ଅଭିବୃଦ୍ଧି ଓ ନବସୃଜନ ପାଇଁ ଏହି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଡବ୍ଲ୍ୟୁଏସ୍‌ସି ଓ ଓଡ଼ିଶା କୌଶଳ ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା, ଡବ୍ଲ୍ୟୁଏସ୍‌ସିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପିନାକୀ ପଟ୍ଟନାୟକ, ମୁଖ୍ୟ କୌଶଳ ଅଧିକାରୀ ବ୍ରୁସ ପୋହ, ଡବ୍ଲ୍ୟୁଏସସିର ଉପାଧକ୍ଷା ଜୀତାମିତ୍ର ଶତପଥୀ ଏବଂ ସ୍କୁଲ ଅଫ୍ ସର୍ଭିସେସ୍‌ର ବରିଷ୍ଠ ନିର୍ଦ୍ଦେଶିକା ଲିମ ଲାଇ ସୁନ ଉପସ୍ଥିତ ଥିଲେ ।

**ବାଦୀପାଲା ଉଦ୍‌ଯାପିତ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପାଟଣା ଗ୍ରାମର ଗାଦି ଗୋସାଇଁଙ୍କ ପୀଠରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲାର ଅଜୟ କୁମାର ଦୀକ୍ଷିତ ଓ କଟକ ଜିଲାର ଅଜୟ କୁମାର ଜେନା ପାଲା ପରିବେଷଣ କରିଥିଲେ।

## ସଂକ୍ଷେପରେ

### ପୋଚ ନଷ୍ଟ, ଦେଶୀମଦ ଜବତ

ବେଗୁନିଆ,୭।୫(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲା ଭ୍ରାମ୍ୟମାଣ ଅବକାରୀ ଓ ବେଗୁନିଆ ଥାନା କର୍ମଚାରୀ ବୁଧବାର ବରପଦା ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ପୂର୍ବରୁ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ୮୮୦ ଲିଟର ଦେଶୀ ମଦ, ବ୍ୟବହୃତ ସରଞ୍ଜାମ ଜବତ ହୋଇଛି। ୧୦ ହଜାର ୩୦୦ ଲିଟର ପୋଚ ନଷ୍ଟ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି।

### ଚକ୍ଷୁ ଚିକିତ୍ସା ଶିବିର

ବାଲୁଗାଁ/ବାଣପୁର,୭।୫
(ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ଚିଲିକା ବ୍ଲକ ସିଙ୍ଗେଶ୍ୱର ପଞ୍ଚାୟତ ଅଧୀନ କୁମ୍ଭୀରପଡ଼ାସ୍ଥିତ ବରିଷ୍ଠ ନାଗରିକ ଆଶ୍ରମଠାରେ ସୁକାନ୍ତ ବିଶ୍ୱାଳ ଚ୍ୟାରିଟେବଲ ଟ୍ରଷ୍ଟ ଏବଂ ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ବୁଧବାର ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଡା. ଶିବ ନାରାୟଣ ଶତପଥୀ ଏବଂ ତାଙ୍କ ଟିମ୍ ରୋଗୀଙ୍କ ପରୀକ୍ଷା କରିଥିଲେ। ଟ୍ରଷ୍ଟି ସୁକାନ୍ତ ବିଶ୍ୱାଳ, ସତ୍ୟେନ୍ଦ୍ର ସ୍ୱାଇଁ, ସମ୍ପାଦକ ଅଶୋକ ପାଇକରାୟ, ଆଡଭୋକେଟ ରବୀନ୍ଦ୍ର ନାଥ ମାନସିଂହ, ରଙ୍ଗନାଥ ସେଠୀ, ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡା. ଯୋଗୀନ୍ଦ୍ର ସେନାପତି, ସମ୍ପାଦକ ମୁରଲୀଧର ସାମନ୍ତସିଂହାର, ଶଶିଭୂଷଣ ବରାଳ, ଶୁକଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗା ଚରଣ ଚିଲିକା ଡିଗ୍ରୀ କଲେଜ ସରକାରୀ ଅନୁଦାନଭୁକ୍ତ ହେଲା

ଟାଙ୍ଗୀ,୭।୫(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସଦର ମହକୁମାରେ ୧୯୭୮ ମସିହାରେ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସରକାରଙ୍କ ବିଭାଗୀୟ ନିଷ୍ପତ୍ତିକ୍ରମେ ୧୯୯୪ ମସିହାରେ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଭାବେ ଦୁଇଟି ଅନୁଷ୍ଠାନ ଗୋଟିଏ କ୍ୟାମ୍ପସ୍‌ରେ ଚାଲିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସରକାରୀ ଅନୁଦାନଭୁକ୍ତ ଶିକ୍ଷାନୁଷ୍ଠାନ ଭାବେ କାର୍ଯ୍ୟ କରୁଥିବା ବେଳେ ଡିଗ୍ରୀ କଲେଜରେ କାର୍ଯ୍ୟ କରୁଥିବା ଅଧ୍ୟାପକ, କର୍ମଚାରୀମାନେ ବିନା ସରକାରୀ ଅନୁଦାନରେ ଦୀର୍ଘ ୩୦ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଏହା ମଧ୍ୟରେ କର୍ମଚାରୀ ସତ୍ୟ ନାରାୟଣ ମହାପାତ୍ର ଅବସର ନେଇସାରିଥିବା ବେଳେ ଜଣେ ଅଧ୍ୟାପକ ନୀଳାଦ୍ରି ସାହୁଙ୍କ ପରଲୋକ ହୋଇଯାଇଛି। ଭାଜପା ସରକାର ଆସିବା ପରେ ଖୋର୍ଦ୍ଧା ବିଧାୟକଙ୍କ ସହଯୋଗକ୍ରମେ ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଡିଗ୍ରୀ କଲେଜକୁ ସରକାରୀ ଅନୁଦାନଭୁକ୍ତ ଶିକ୍ଷାନୁଷ୍ଠାନର ମାନ୍ୟତା ମିଳିଲା। ଅଧ୍ୟାପକ ସୁଶାନ୍ତ ଶତପଥୀ, ସ୍ୱର୍ଗତ ଅଧ୍ୟାପକ ନୀଳାଦ୍ରି ସାହୁ, କାର୍ଯ୍ୟାଳୟ ସହାୟକ ତାରା ପ୍ରସାଦ ମହାପାତ୍ର, ପିଅନ ସଞ୍ଜୁକ୍ତା ବେହେରା, ପିଅନ ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ୨୦୦୮ ମସିହା ଅନୁଦାନ ନିୟମ ଅନୁଯାୟୀ ଅନୁଦାନଭୁକ୍ତ କର୍ମଚାରୀର ମାନ୍ୟତାଲାଭ କରିଛନ୍ତି। ଉକ୍ତ ଅଧ୍ୟାପକ ଓ କର୍ମଚାରୀମାନେ ବୁଧବାର ସରକାରୀ ଅନୁଦାନ ଗ୍ରହଣ ମଧ୍ୟ କରିଛନ୍ତି। ରାଜ୍ୟ ସରକାର, ଉଚ୍ଚ ଶିକ୍ଷା ବିଭାଗ, ବିଧାୟକ ଜଗଦ୍ଦେବଙ୍କୁ କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ, ସରପଞ୍ଚ କିଶୋର ବେହେରା, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

# ‘ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବା ପ୍ରୟାସ ଜାରି ରହିବ’

**ବୋଲଗଡ଼ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ**

ବୋଲଗଡ଼,୭।୫(ଦେବବ୍ରତ ହୋତା)


ବୋଲଗଡ଼ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନରେ ଦୁଇ ବିଧାୟକ ପ୍ରଦୀପ ସାହୁ, ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

ବୋଲଗଡ଼ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକକୁ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏବିଡିଓ ରତିକାନ୍ତ ମିଶ୍ର ପୂର୍ବ ବୈଠକର ବିବରଣୀ ପଠନ ପରେ ଦୃଢ଼ୀକରଣ କରାଯାଇଥିଲା। ବୈଠକରେ ମୁଖ୍ୟତଃ ବିକଶିତ ଗାଁ ବିକଶିତ ଓଡ଼ିଶା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଖାଉଟି କଲ୍ୟାଣ ବିଭାଗର କାର୍ଯ୍ୟଧାରା ନେଇ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିମଳ, କୃଷି ଏବଂ ପଶୁ ପାଳନ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚମ ଓ ପଞ୍ଚଦଶ ଅର୍ଥ କମିଶନ ଏବଂ ଅନ୍ୟାନ୍ୟ ବିଷୟରେ ଆଗତ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ଅନିୟମିତତା ନେଇ କେତେକ ସଦସ୍ୟ ଅଭିଯୋଗ କରିଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଏହି ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଡିଓ ସୁମନସୁଧା କୁଣ୍ଡୁ, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ ଛୋଟରାୟ, ସୁନନ୍ଦିତା ସାହୁଙ୍କ ସମେତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ମଞ୍ଚାସୀନ ଥିଲେ। ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବା ପ୍ରୟାସ ଜାରି ରହିବ ବୋଲି ବିଧାୟକ ସାହୁ କହିଥିଲେ। ବ୍ଲକର ୧୯ଟି ପଞ୍ଚାୟତର ସମିତି ମେମ୍ବର ଏବଂ ସରପଞ୍ଚମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ନ ଥିବାରୁ ଏନେଇ ବିଭାଗକୁ କୈଫିୟତ ତଲବ କରାଯାଇଛି। ବ୍ଲକର ଅନ୍ୟ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟାଙ୍ଗୀ ପୂର୍ବତନ ତହସିଲଦାରଙ୍କ ନାମରେ ମାମଲା

**ଆଗୁଆ ଖଣି ଖନନ ପାଇଁ ଅନୁମତି ଦେବା ମହଙ୍ଗା ପଡ଼ିଲା**

ଟାଙ୍ଗୀ,୭।୫(ରଘୁନାଥ ସାହୁ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଞ୍ଜୁରି ପୂର୍ବରୁ ଟାଙ୍ଗୀର ପୂର୍ବତନ ତହସିଲଦାର ଯୁଗଳ କିଶୋର ମିଶ୍ର ଖଣି ବେପାରୀଙ୍କୁ ଆଗୁଆ ଖନନ ପାଇଁ ଅହେତୁକ ଅନୁକମ୍ପା ଦେଖାଇବା ମହଙ୍ଗା ସାବ୍ୟସ୍ତ ହୋଇଛି। ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଖଣି ଉପନିର୍ଦ୍ଦେଶକ ପୂର୍ବତନ ତହସିଲଦାର ମିଶ୍ରଙ୍କ ନାମରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସରକାରୀ ନିୟମ ଅନୁଯାୟୀ, ଖଣି ନିଲାମ ଦିଆଯିବା ପୂର୍ବରୁ ପରିବେଶ ମଞ୍ଜୁରୀ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମଞ୍ଜୁରୀର ଆବଶ୍ୟକତା ରହିଛି। ୨୦୨୦ ଡିସେମ୍ବର ୧୭ରେ ପରିବେଶ ମଂଜୁରୀ ମିଳିଥିଲା। କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଟିଇ (କନସେଣ୍ଟ ଟୁ ଏଷ୍ଟାବ୍ଲିସ) ଓ ସିଟିଓ( କନସେଣ୍ଟ ଟୁ ଅପରେଟ) ବିନା ଖଣିରୁ ଖଣ୍ଡିଏ ପଥର ଖୋଳାଯାଇ ପାରିବ ନାହିଁ କି ଚାଲାଣ କରାଯାଇପାରିବ ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୨୨ ଡିସେମ୍ବର ୩ ଏବଂ ୨୦୨୩ ଜାନୁଆରୀ ୫ରେ ଉଭୟ ନିୟମକୁ ମଞ୍ଜୁର କରିଥିଲେ। କିନ୍ତୁ ଏହି ମଞ୍ଜୁର ମିଳିବାର ଦେଢ଼ବର୍ଷ ପୂର୍ବରୁ ତଥା ୨୦୨୧ ମସିହା ମାର୍ଚ୍ଚ ୪ରେ ଖଣି ଆବେଦନକାରୀଙ୍କ ହାତକୁ ଟ୍ରାନଜିଟ୍ ଅନୁମତି ତହସିଲଦାର ଦେଇଥିଲେ। ଫଳରେ ଏହି ଖଣିରୁ ପଥର ଖନନ କରାଯିବା ଚାଲାଣ କରାଯାଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏହି ଘଟଣାକୁ ନେଇ ଖଣି ନିଲାମଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଖଣି ବିଭାଗର ଏତଲାକ୍ରମେ ଟାଙ୍ଗୀ ଥାନାରେ ପୂର୍ବତନ ତହସିଲଦାରଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏନେଇ ପୂର୍ବତନ ତହସିଲଦାର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଭାଜପାର ମିଶ୍ରଣ ପର୍ବ, ଶୋଭାଯାତ୍ରା

**ପଦ୍ମ ଧରିଲେ ଶତାଧିକ ନେତା ଓ କର୍ମୀ**

ଖୋର୍ଦ୍ଧା/ବେଗୁନିଆ,୭।୫
(ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନୂତନ କର୍ମୀଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରୁଛନ୍ତି।

ବେଗୁନିଆରେ ଭାରତୀୟ ଜନତା ପାର୍ଟି(ଭାଜପା)ର ଏକ ବିଶାଳ ସମାବେଶ ଏବଂ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ, ନାରୀ ନେତ୍ରୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ତେବେ ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏକାଧିକ ବିଜେଡିର ନେତା ଓ କର୍ମୀ ରହିଛନ୍ତି।

ଅପରାହ୍ଣରେ ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ବେଗୁନିଆ ପୋଷ୍ଟ ଅଫିସଠାରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ହୋଇଥିଲା। ପରେ ମିନି ଷ୍ଟାଡିୟମରେ ଆୟୋଜିତ ସଭା ଓ ମିଶ୍ରଣ ପର୍ବରେ ଭାଜପାରେ ସାମିଲ ହୋଇଥିବା ପ୍ରତ୍ୟେକ ନେତା ଓ କର୍ମୀଙ୍କୁ ଦଳୀୟ ଉପଢୌକନ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ସଂସଦୀୟ କ୍ଷେତ୍ରର ବିକାଶ, ଲୋକଙ୍କ ସେବା ଏବଂ ସମସ୍ୟାର ସମାଧାନକୁ ପ୍ରାଧାନ୍ୟ ଦେଇଛି। ସରକାରଙ୍କ ଉନ୍ନୟନମୂଳକ ଯୋଜନାରୁ ଯେପରି କେହି ବଞ୍ଚିତ ନ ହୁଅନ୍ତୁ, ସେଥିଲାଗି ନିରନ୍ତର ପ୍ରୟାସ ଜାରି ରହିଛି। ସେହିପରି ବିଧାୟକ ଜଗଦ୍ଦେବ କହିଥିଲେ, ଶତାଧିକ ନେତା ଓ କର୍ମୀ ଭାଜପା ସହ ଯୋଡି ହୋଇଛନ୍ତି। ଆଗକୁ ଏହି ନିର୍ବାଚନମଣ୍ଡଳୀର ବିକାଶକୁ ପ୍ରାଥମିକତା ଦିଆଯିବ। ଏହି ମିଶ୍ରଣ ପର୍ବରେ ଭାଜପା ନେତା ପ୍ରକାଶ ବିଜୁଳି, ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ଏମ୍‌ପିଙ୍କ ପ୍ରତିନିଧି ବିଦ୍ୟୁତ୍ କାଣ୍ଡି, ନିକୁଞ୍ଜ ପଟ୍ଟନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଭାରତୀୟ ସେନାଙ୍କ ସଫଳତାରେ ଦୀପଦାନ

ବୋଲଗଡ଼,୭।୫(ଦେବବ୍ରତ ହୋତା)

ପହଲଗାମ୍‌ରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ୧୪ଦିନ ପରେ ଏହାର ପ୍ରତିଶୋଧ ନେଇଛି ଭାରତ। ଭାରତୀୟ ସେନା ବାହିନୀର ମନୋବଳ ବଢ଼ାଇବା ପାଇଁ ବୁଧବାର ବୋଲଗଡ଼ ଅଞ୍ଚଳବାସୀଙ୍କ ପକ୍ଷରୁ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାପାତ୍ର, ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସଂଘର ସମ୍ପାଦକ ରଘୁନାଥ ଦଳବେହେରା, ବୋଲଗଡ଼ ଉନ୍ନୟନ ପରିଷଦ ସଭାପତି ଗୋପୀନାଥ ଖାଡ଼ଙ୍ଗା, ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ଦିବାକର ପରମଗୁରୁ, ଉଚ୍ଚ ପ୍ରାଥମିକବିଦ୍ୟାଳୟ ଦିଘିରୀର ପ୍ରଧାନଶିକ୍ଷକ ଭିକାରୀ ପୃଷ୍ଟି, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ସାମାଜିକ କର୍ମୀ ସଂସାରୀ ସାହୁ, ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ରାଧାଶ୍ୟାମ ରାୟଗୁରୁ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତୀୟ ସେନାବାହିନୀର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଶ୍ରୀଜଗନ୍ନାଥ ଭାରତବର୍ଷକୁ ରକ୍ଷା ପାଇଁ ସମସ୍ତେ ପ୍ରାର୍ଥନା କରିଥିଲେ।

# ଅପରେଶନ ‘ସିନ୍ଦୂର’କୁ ସ୍ୱାଗତ



ଟ୍ରାଫିକ ଛକ ବ୍ୟବସାୟୀ ସଂଘ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)

ପହଲଗାମ୍‌ରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ୧୪ ଦିନ ପରେ ଏହାର ପ୍ରତିଶୋଧ ନେଇଛି ଭାରତ। ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକ୍–ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ଟି ସ୍ଥାନରେ କେତେକ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟାଳୟ ଓ ଶିବିରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ମିଶାଇଲ ମାଡ଼ରେ ୭୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରେଶନ ସିନ୍ଦୂରକୁ ସ୍ୱାଗତ ଜଣାଇ ଖୋର୍ଦ୍ଧା ଟ୍ରାଫିକଛକ ବ୍ୟବସାୟୀ ସଂଘ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଟ୍ରାଫିକ ଛକ ନିକଟରେ ବ୍ୟବସାୟୀମାନେ ଏକାଠି ହୋଇ ପ୍ରଧାନମନ୍ତ୍ରୀ ଏବଂ ଭାରତୀୟ ସେନାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଭାରତ ମାତା କୀ ଜୟ ଘୋଷା ଦେଇଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ ରଞ୍ଜିତ ସାମନ୍ତରାୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଶୁଭକାନ୍ତ ମହାପାତ୍ର, ପ୍ରକାଶ ହାତୀ, ନିବାସ ମହାରଣା, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ଭାରତୀୟ ସେନାକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସମ୍ପାଦକ ପାଣିଗ୍ରାହୀ କହିଥିଲେ, ଆମ ସଂସ୍କୃତିରେ ସିନ୍ଦୂର କେବଳ ଏକ ପରମ୍ପରା ନୁହଁ, ଏହା ତ୍ୟାଗ ଏବଂ ସଙ୍କଳ୍ପର ପ୍ରତୀକ। ଏହି ଭାବନା ଆମ ସୈନିକମାନଙ୍କ ମନରେ ମଧ୍ୟ ରହିଛି। ତିନି ସେନା ପାଇଁ ଆମେ ଗର୍ବିତ। ଭାରତ ସାର୍ବଭୌମତ୍ୱ ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଦୃଢ଼ କରିଛି।

# ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ନ ପଡ଼ିବାରୁ ଯାତାୟାତରେ ବାଧା

ବେଗୁନିଆ,୭।୫(ସନ୍ଧ୍ୟାରାଣୀ ମିଶ୍ର)

**କଲ୍‌ଭର୍ଟ ନିର୍ମାଣ କାର୍ଯ୍ୟ ଶେଷ**



ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁରଠାରୁ ଦଳକ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ କାର୍ଯ୍ୟ ଚାଲିଛି। ରାସ୍ତାରେ କଲ୍‌ଭର୍ଟ ନିର୍ମାଣ କରାଯାଇଥିଲେ ମଧ୍ୟ ଉଭୟ ପାର୍ଶ୍ୱରେ ମାଟି ଫିଲିଂ ନ ହେବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପୂର୍ବରୁ ଠିକା ସଂସ୍ଥା ନିର୍ମାଣ ସମୟରେ ରାସ୍ତା ଖୋଳି ହ୍ୟୁମ୍ ପାଇପ୍‌ଗୁଡ଼ିକ ରାସ୍ତା ଉପରେ ପକାଇବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହୋଇଥିଲେ। ଏ ସମ୍ପର୍କିତ ଖବର ‘ଧରିତ୍ରୀ’ରେ ପ୍ରକାଶ ପାଇବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କଲ୍‌ଭର୍ଟ କାର୍ଯ୍ୟ ସରିଥିଲେ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଫିଲିଂ ନ ହେବାରୁ ରାସ୍ତାପାର୍ଶ୍ୱରେ ଥିବା ପାଦଚଲା ରାସ୍ତା ଦେଇ ଜନସାଧାରଣ ଏବଂ ଗାଡ଼ି ଯାତାୟାତ କରୁଛି। ବର୍ଷା ଅସରାଏ ହେଲେ ଉକ୍ତ ପାଦଚଲା ରାସ୍ତାରେ ଯିବା ସମ୍ଭବ ହେଉନାହିଁ। ନିର୍ମାଣ ହୋଇଥିବା କଲ୍‌ଭର୍ଟରେ ଉଭୟ ପାର୍ଶ୍ୱ ରାସ୍ତା କାମ ତୁରନ୍ତ ଶେଷ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଅନ୍ୟପଟେ ଦୁଇଦିନ ମଧ୍ୟରେ ମାଟି ଫିଲିଂ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର କୁମାର ପଟ୍ଟନାୟକ କହିଛନ୍ତି।

# ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେଗୁନିଆ,୭।୫
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ନୂତନ ପ୍ରଧାନ ଶିକ୍ଷକ ଭାବେ ପ୍ରମୋଦ କୁମାର ସାଇଁ ଯୋଗଦେଇଛନ୍ତି। ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ଉକ୍ତ ବିଦ୍ୟାଳୟର ପରିଚାଳନା ଏବଂ ଆଲୁମ୍‌ନି କମିଟି ସହିତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ମିଳିତଭାବେ ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୁମ୍‌ନି କମିଟି ସଭାପତି ଡ. ହରିପ୍ରସାଦ ଦାସ, ସମ୍ପାଦକ ଇଂ. ଦେବାଶିଷ ସାହୁ, ଇଂ. ରାମ ମାନସ ପଣ୍ଡା, ଶିବ କୁମାର ମୁନି, ସର୍ବେଶ୍ୱର ସାହୁ, ପଦ୍ମଚରଣ ବେହେରା, ସ୍ମୃତିସ୍ମିତା ବେହେରା, ସୌମ୍ୟରଞ୍ଜନ ସାହୁ, ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ ନିଶଙ୍କ, ସୁରଜିତା ଦଳେଇ, ମୋହିନୀ କାନ୍ତି ଦାସ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ଆଲୁପାଟଣା ଏଭରଗ୍ରୀନ୍ ଟିମ୍ ଚାମ୍ପିୟନ

କୃଷ୍ଣପ୍ରସାଦ,୭।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ତିଛିଣିର ମହାତ୍ମା ଗାନ୍ଧୀ ଯୁବକ ସଂଘ ଆନୁକୂଲ୍ୟରେ ତ୍ରିଲୋଚନେଶ୍ୱର ଦେବ ଷ୍ଟାଡିୟମଠାରେ ଚାଲିଥିବା ୨୨ତମ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଆଲୁପାଟଣା ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ତିଛିଣିର ତ୍ରିଲୋଚନେଶ୍ୱର ଦେବ କ୍ରିକେଟ ଟିମ୍ ଏବଂ ଆଲୁପାଟଣାର ଏଭରଗ୍ରୀନ୍ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆଲୁପାଟଣା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ତିଛିଣି ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ଫଳରେ ଆଲୁପାଟଣା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରକାଶ କୁମାର ପଲେଇ ଏବଂ ଯଶୋବନ୍ତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଅଜୟ କୁମାର ପ୍ରଧାନ, ହିରଣ୍ୟ ସାହୁ, ତପନ କୁମାର ଜେନା ଧାରାବିବରଣୀ ଏବଂ ମୁନ୍ମୟ ସାହୁ ସ୍କୋରବୋର୍ଡରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ତିଛିଣି ଗ୍ରାମ୍ୟ କମିଟି ସମ୍ପାଦକ କୁମର ସାହୁ, ବୀଣାପାଣି ୟୁଥ୍ କ୍ଲବ ସମ୍ପାଦକ ବୈକୁଣ୍ଠ ଜେନା, ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଦଳାଇ ପ୍ରମୁଖ ଯୋଗଦେଇ ଉଭୟ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**ଫଟୋରେ ଖବର**


ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତାଳଡିହ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ମଙ୍ଗଳବାର ଅନୁଷ୍ଠିତ ରାମଲୀଳା ନାଟକ ‘ଲଙ୍କା ଦହନ’ର ଏକ ଦୃଶ୍ୟ। (ଫଟୋ: ରଘୁନାଥ ସାହୁ)


କାଶୀପୁର ବଡ଼ପାଟଣା ଗ୍ରାମରେ ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ରାମଲୀଳା ନାଟକ ବାଳି ବଧର ଏକ ଦୃଶ୍ୟ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

**ଗାଡ଼ି ବ୍ୟାଟେରି ଚୋରି କରି ୩ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ବିଭିନ୍ନ ଗାଡ଼ିରୁ ବ୍ୟାଟେରି ଚୋରି କରି ବିକ୍ରୟ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଓଟିଏମ୍ ୮ ନଂ. ୱାର୍ଡ ଦୁର୍ଗାବଜାରର ରଞ୍ଜିତ ପ୍ରସାଦ, ପଶ୍ଚିମବଙ୍ଗ ଅଞ୍ଚଳର ଏବେ ଜଗତପୁରରେ ରହୁଥିବା ଜାହାଙ୍ଗୀର ସୋରେନ ଓ ରାଜୁ କେଶରୀ। ପୋଲିସ ସୂଚନା ଅନୁଯାୟୀ ରଞ୍ଜିତ ଗତ ୪ ଓ ୫ ତାରିଖରେ ବିଭିନ୍ନ ସ୍ଥାନରୁ ଘର ବାହାରେ ଥିବା ୪ ଚକିଆ ଓ ୩ ଚକିଆ ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ରଞ୍ଜିତଙ୍କୁ ଗିରଫ କରିଥିଲା। ରଞ୍ଜିତ ଜଗତପୁରରେ କବାଡି ଦୋକାନ କରିଥିବା ଜାହାଙ୍ଗୀର ଓ ରାଜୁଙ୍କୁ ବିକ୍ରି କରିଥିବା ସ୍ୱିକାର କରିଥିଲା। ପରେ ପୋଲିସ ସେମାନଙ୍କ ନିକଟରୁ ୧୦ଟି ବିଭିନ୍ନ କମ୍ପାନୀର ବ୍ୟାଟେରୀ ଜବତ ହୋଇଛି।

# ‘ବନ୍ଦ ବିଦ୍ୟାଳୟ ଖୋଲାଯାଉ’

କଟକ,୭।୫(କାର୍ତ୍ତିକ ସାହୁ)


ଜିଲା ପରିଷଦ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଶମ ଜିଲା ପରିଷଦ ବୈଠକରେ ଉପସ୍ଥିତ ଅତିଥି।

**ଦଶମ ଜିଲା ପରିଷଦ ବୈଠକ**

ଜିଲାର ବିଭିନ୍ନ ବ୍ଲକରେ ବନ୍ଦ ହୋଇଯାଇଥିବା ବିଦ୍ୟାଳୟଗୁଡ଼ିକୁ ଖୋଲିବା ଉପରେ ପଦକ୍ଷେପ ନେବାକୁ ଦଶମ ଜିଲା ପରିଷଦ ବୈଠକରେ ବୁଧବାର ମତପ୍ରକାଶ ପାଇଛି। ଏଥିପାଇଁ ଆବଶ୍ୟକ ସ୍ଥଳେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସ୍ଥାନାନ୍ତରଣ କରି ବିଦ୍ୟାଳୟଗୁଡ଼ିକରେ ନିୟୋଜିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଦଶମ ଜିଲା ପରିଷଦ ବୈଠକରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଠଗଡ଼, କଟକ, ଚନ୍ଦକା, ସାତକୋଶିଆ, ଖୋର୍ଦ୍ଧା, ଭୁବନେଶ୍ୱର ନଗର ବନଖଣ୍ଡଗୁଡ଼ିକର ଉନ୍ନତିକରଣ ସାଙ୍ଗକୁ ଶିକ୍ଷା, ଖଣି, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ପାଣି ପଞ୍ଚାୟତ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବ୍ଲକରେ ପାଣି ପଞ୍ଚାୟତ ଗଠନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା, ସ୍ୱାସ୍ଥ୍ୟ ବିଭାଗରେ ଆବଶ୍ୟକ ଅନୁଯାୟୀ ଆଉଟ ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦିଆଯିବା, ପ୍ରସ୍ତାବିତ ନୂତନ ରାସ୍ତା ନିର୍ମାଣ ଓ ମରାମତି, ରାଶନ କାର୍ଡ ଇକେୱାଇସି ଅପଡେଟ୍ ପାଇଁ ସରଳୀକରଣ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଂଯୋଜନାରେ ଜିଲା ପରିଷଦର ସଭ୍ୟାସଭ୍ୟମାନେ ଉତ୍ଥାପନ କରୁଥିବା ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡିକ ସମାଧାନ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବନ୍ୟପ୍ରାଣୀ ଏବଂ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷର କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବା, ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ସ୍ଥିତି ଯାଞ୍ଚ କରି ସେଗୁଡ଼ିକର ମରାମତି ଉପରେ ବିଶେଷ ଗୁରୁତ୍ୱ ଦେବା, ଦୁର୍ବଳ ନଦୀବନ୍ଧକୁ ସୁଦୃଢ଼ କରିବା ପାଇଁ ଜିଲାପାଳ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ନବମ ଜିଲା ପରିଷଦ ବୈଠକରେ ଉତଥାପିତ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ଅଗ୍ରଗତି ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା।

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ସମୀକ୍ଷା କରିବା ସହ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବା ନେଇ ମତ ରଖିଥିଲେ।

ବିଶେଷ କରି ନଳକୂପ ସ୍ଥାପନ, ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ପୂରଣ କରାଯିବା ଆଦି ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିବ୍ୟଲୋଚନ ମହାନ୍ତ, ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତିଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ବିଡିଓ, ବ୍ଲକ ଅଧ୍ୟକ୍ଷ ଓ ପ୍ରତିନିଧି, ଜିଲା ପରିଷଦ ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତିର ଅଧ୍ୟକ୍ଷାଅଧ୍ୟକ୍ଷବୃନ୍ଦ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଦେଇଥିଲେ।

## ମେଡିକାଲ ପରିସରରୁ ଦୋକାନ ଉଚ୍ଛେଦ

ବାଙ୍କୀ, ୭।୫(ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଏକ ସରକାରୀ ଆୟୁର୍ବେଦିକ ମେଡିକାଲ ଖୋଲାଯାଇଥିଲା। ଉକ୍ତ ମେଡିକାଲ୍ ପରିସର ମଧ୍ୟରେ ସ୍ଥାନୀୟ ଲୋକେ ଜବରଦଖଲ କରି ଦୋକାନ ଗୃହ ଓ ଗୃହ ନିର୍ମାଣ କରି ଚଳିଆସୁଥିଲେ। ଏହାକୁ ବୁଧବାର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ମେଡିକାଲ ପକ୍ଷରୁ ଜବରଦଖଲକାରୀଙ୍କୁ ସ୍ଥାନ ଛାଡ଼ିବାକୁ ବାରମ୍ବାର କୁହାଯାଉଥିଲା। ହେଲେ ସେମାନେ କର୍ଣ୍ଣପାତ କରୁ ନ ଥିଲେ, ଯାହାକୁ ନେଇ ଉପରିସ୍ଥ କଟକ ଜିଲା ଆୟୁର୍ବେଦିକ ମେଡିକାଲର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବାଙ୍କୀର ବନ୍ଦାଳ ମେଡିକାଲ ଅଧିକାରୀ ଡା. ମହେଶ୍ୱତା ବିଶ୍ୱାଳ ଜଣାଇଥିଲେ। ମେଡିକାଲ ପରିସର ମଧ୍ୟରେ ସରକାରୀ ଜମି ଜବରଦଖଲ କରିଥିବା ଏବଂ ଉଚ୍ଛେଦ କରିବାକୁ କଟକ ଜିଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିଶାକର ପଟ୍ଟନାୟକ ବାଙ୍କୀ ତହସିଲଦାରଙ୍କୁ ଚିଠି କରିଥିଲେ। ପରେ ସରକାରୀ ମେଡିକାଲ ଜମିର ମାପଚୁପ ପାଇଁ ବନ୍ଦାଳ ସରକାରୀ ଆୟୁର୍ବେଦିକ ମେଡିକାଲ ଅଧିକାରିଣୀ ବିଶ୍ୱାଳ ବାଙ୍କୀ ତହସିଲକୁ ଚିଠି କରିଥିଲେ। ଏହାପରେ ଉକ୍ତ ମେଡିକାଲର କାଗଜପତ୍ର ଅନୁଯାୟୀ, ମାପଚୁପ କରାଯାଇ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରିର ଅବଧି ପରେ ବୁଧବାର ବାଙ୍କୀ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଅଶେଷ କୁମାର ନାୟକ, ସହକାରୀ ଜିଲାପାଳ ପ୍ରିୟଙ୍କା ଜୁଝାର ସିଂ, ସରଣ୍ଡା ଆର୍‌ଆଇ ପାର୍ଥସାରଥି ବେହେରା, ରତାଗଡ଼ ଆର୍‌ଆଇ ଗୋପୀନାଥ ରାଉତରାୟ, ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣାସ୍ଥଳରେ ପହଞ୍ଚି ଜବରଦଖଲକୁ ଜେସିବି ଲଗାଇ ଉଚ୍ଛେଦ କରିଥିଲେ।


ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି।

## ସିନ୍ଦୂର ଖେଳି ଉତ୍ସବ ପାଳିଲା କଟକ ଭାଜପା ଯୁବମୋର୍ଚ୍ଚା

କଟକ,୭।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭାରତୀୟ ସେନାଙ୍କୁ ଧନ୍ୟବାଦ ଜଣାଇବା ସହ ଉତ୍ସବ ପାଳନ କରାଯାଇଛି। କାଠଗଡ଼ା ସାହିଠାରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ବାଜା, ବାଣ ଫୁଟାଇବା ସହିତ କର୍ମୀମାନେ ବୁଧବାର ପରସ୍ପରଙ୍କୁ ସିନ୍ଦୂର ଲଗାଇ ଉତ୍ସବ ପାଳିଥିଲେ। ଗତ କିଛିଦିନ ପୂର୍ବେ ଜମ୍ମୁ-କଶ୍ମୀରସ୍ଥିତ ପହଲଗାମ୍ ଆତଙ୍କୀ ହମଲାର ପ୍ରତିଶୋଧ ନେବା ପାଇଁ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସେନା ପାକିସ୍ତାନର ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଦ୍ୱାରା ବହୁ ଆତଙ୍କବାଦୀ ନିହତ ହୋଇଥିବାରୁ ଏହି ଉତ୍ସବ ପାଳନ କରାଯାଇଥିଲା। ଏ ନେଇ ଓଝା କହିଛନ୍ତି, ଆତଙ୍କୀ ହମଲାର ବଡ଼ ପ୍ରତିଶୋଧ ଭାରତୀୟ ସେନା ନେଇଛି ଏବଂ ବିଜୟୀ ହୋଇଛି। ଏହା କେବଳ ଆରମ୍ଭ ମାତ୍ର ଏବଂ ଆଗାମୀ ଦିନରେ ଆହୁରି କଡ଼ା ଜବାବ ଦେବ ଭାରତ। ଏହି ଆରମ୍ଭର ବିଜୟକୁ ଆମେ ପାଳିଛୁ ବୋଲି ଓଝା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସ, ଶିବ ନାରାୟଣ ନାୟକ, କେଶବ କୁଣ୍ଡୁ, ରାଜେଶ ମହାରଣା, ରତ୍ନାକର ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ଶିବସଙ୍କର ମଲ୍ଲିକ, ପବନ ଓଝା, ଯତୀନ ମହାରଣା, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ସମସ୍ୟା ସମାଧାନ କର


ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି କଟକ ଜିଲା କଂଗ୍ରେସ ପ୍ରତିନିଧି ମଣ୍ଡଳୀ।

କଟକ,୭।୫(ଶିଳ୍ପା ପ୍ରିୟଦର୍ଶିନୀ)

**କଟକ ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର**

ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡ଼ିଲା କଟକ ଜିଲା କଂଗ୍ରେସ। କଟକ ଜିଲା କଂଗ୍ରେସ ପକ୍ଷରୁ ପ୍ରାକ୍ତନ ଉପସଭାପତି ତଥା ଯୁବନେତା ମନୋଜ ବିଶ୍ୱାଳଙ୍କ ନେତୃତ୍ୱରେ ବୁଧବାର ଏକ ପ୍ରତିନିଧି ମଣ୍ଡଳୀ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ନୂଆପଡ଼ାସ୍ଥିତ କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶ୍ରମିକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ, ଏପ୍ରିଲରୁ ଜୁନ ଯାଏ ଗ୍ରୀଷ୍ମ ପ୍ରବାହ ପାଇଁ ଖୋଲା ଆକାଶ ତଳେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ କାମ କରାଯିବାରେ ବାରଣ ସତ୍ତ୍ୱେ ମଧ୍ୟ ଏହି ନିୟମ ବହୁ ଠିକା ସଂସ୍ଥା ଉଲ୍ଲଂଘନ କରୁଛନ୍ତି। ଏପରି କି ବିନା ସେଫ୍ଟି ବେଲ୍ଟ, ହେଲମେଟ ଓ ସେଫ୍ଟି ଜୋତାରେ ଶ୍ରମିକମାନଙ୍କୁ ବିପଦସଙ୍କୁଳ ଅବସ୍ଥାରେ ଠିକାଦାରମାନେ କାର୍ଯ୍ୟରେ ନିୟୋଜିତ କରୁଛନ୍ତି, ସାପ୍ତାହିକ ୭ଦିନରୁ ୬ ଦିନ କାର୍ଯ୍ୟ କରିବା ପରେ ଗୋଟେ ଦିନ ଛୁଟି ପାଇବା ଶ୍ରମିକମାନଙ୍କ ଅଧିକାର ଥିବା ବେଳେ ଏହି ନିୟମ ଅନେକ କ୍ଷେତ୍ରରେ ଉଲ୍ଲଂଘନ କରାଯିବା, ଅନେକ ଶିଳ୍ପ ସଂସ୍ଥାରେ ଶ୍ରମିକମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପାଇଁ ଏସ୍‌ଆଇ ଓ ଇପିଏଫ୍ କଟା ନ ଯିବା, ଅତ୍ୟଧିକ ନିଆଁ ଗରମ ପାଖରେ ଶ୍ରମିକମାନଙ୍କୁ କାମ କରେଇଲେ ମଜୁରି ସହିତ ଆଉ ଏକ ହିଟ୍ ଆଲାଉନସ୍ ଦିଆଯିବା ନିୟମ ଥିବାବେଳେ ଅନେକ ଶିଳ୍ପ ସଂସ୍ଥା ଏହାକୁ ନ ମାନିବା ଭଳି ଅନେକ ସମସ୍ୟା ଉଲ୍ଲେଖ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, କଟକ ନଗର (ଜିଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ବିପନ ପଶାୟତ, ୱାର୍ଡ ସଭାପତି ରଜନୀ ବଡ଼ିଆ, ସନ୍ତୋଷ ବିଶ୍ୱାଳ, ନଗର କଂଗ୍ରେସ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମେଗା ରକ୍ତଦାନ ଶିବିରରେ ୨୫୦ ୟୁନିଟ୍ ସଂଗ୍ରହ

ଫୁଲନଖରା,୭।୫(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ପରିସରରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଡିପିଏସ୍ କଳିଙ୍ଗର ପ୍ରତିଷ୍ଠାତା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୨୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଦ୍ୟାଳୟର ପ୍ରୋ ଭାଇସ ଚେୟାରପର୍ସନ ମାଲା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକ୍‌ଜିକ୍ୟୁଟିଭ୍ ଟ୍ରଷ୍ଟି ସୁନୟନା ପାତ୍ରୋ, ଓଏସ୍‌ଏଲ୍ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡା, ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟର ଯୁଗ୍ମ ପ୍ରଶାସକ ପ୍ରଶାନ୍ତ କୁମାର ପାଙ୍ଗୀ, ରେଡ୍‌କ୍ରସ୍ ଭଣ୍ଡାରର ସଂଯୋଜକ ଅବିନାଶ ଦାଶ, ଡଃ. ବିନୟ ପ୍ରସାଦ ପୃଷ୍ଟି, ବିଦ୍ୟାଳୟ ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସାତୀ ନାଥ ଓ ପ୍ରଧାନ ଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ମହିମାନନ୍ଦ ମିଶ୍ର ୨୩ ବର୍ଷ ତଳେ ଡିପିଏସ୍ କଳିଙ୍ଗର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ଏକ ଅଗ୍ରଣୀ ତଥା ସିବିଏସଇ ସ୍କୁଲ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ରକ୍ତଦାନ କରି ମିଶ୍ରଙ୍କ ଦୀର୍ଘ ଜୀବନ କାମନା କରିଥିଲେ।

## ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସାମୂହିକ ପ୍ରାର୍ଥନା

କଟକ,୭।୫(କାର୍ତ୍ତିକ ସାହୁ)

ଭାରତ ପକ୍ଷରୁ ହୋଇଥିବା ଆତଙ୍କବାଦ ବିରୋଧୀ ଅପରେଶନ ସିନ୍ଦୂର ସଫଳତା ସହ ଆତଙ୍କବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଭାରତର ସୈନ୍ୟବାହିନୀକୁ ଆଲ୍ଲା ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ବୋଲି କିଲ୍ଲାଖାଇସ୍ଥିତ ବାବା ବୁଖାରୀଙ୍କ ମଜାର ସରିଫଠାରେ ବୁଧବାର ସାମୂହିକ ପ୍ରାର୍ଥନା (ଦୁଆ) କରାଯାଇଛି। ଅଞ୍ଜୁମନ ଇସଲାମୀୟା ଅହେଲେ ସୁନ୍ନତ ଓ ଜମାତ ଓଡ଼ିଶା ଏବଂ କଟକ ସଂଖ୍ୟାଲଘୁ ସମାଜ ପକ୍ଷରୁ ବାବା ବୁଖାରୀଙ୍କ ମଜାର ସରିଫରେ ଚାଦର ଚଢ଼ା ଯାଇଥିଲା। ଅଞ୍ଜୁମନ ଇସଲାମୀୟା ଅହେଲେ ସୁନ୍ନତ ଓ ଜମାତ ଓଡ଼ିଶାର ସଭାପତି ଅଲହାଜ ଅବ୍ଦୁଲ ଆହାଦ, ଉପସଭାପତି ତଥା ଓଡ଼ିଶା ବୋର୍ଡ ଅଫ ୱକଫର ପ୍ରାକ୍ତନ ଚେୟାରମ୍ୟାନ ସୈୟଦ ଏକ୍ରାମ ହୁସେନ, ସମ୍ପାଦକ ଲିୟାକତଦ୍ଦିନ ଅହମ୍ମଦ, ସହ ସମ୍ପାଦକ ରମଜାନ ଖାନ, ଇଦଗାହା ପରିଚାଳନା କମିଟି ସମ୍ପାଦକ ମୋକିମ ଖାନ, ରିୟାଜ ଖାନ, କଦମ-ଏ-ରସୁଲ ଯୁବକ ସଂଘ ସଭାପତି ହାଜି ଅଜିଜୁର୍ ରହିମ, ମୌଲାନା ନୌସାଦ ଆଲାମ, ମୌଲାନା ଗୁଲାମ ମୁର୍ତ୍ତୁଜା, ମୌଲାନା ଆସିକୁଲ କାଦରି ମିସବାହୀ, ଶେଖ ଆରିଫଙ୍କ ସମେତ ବିଭିନ୍ନ ମସଜିଦ ପରିଚାଳନା କମିଟି ଓ ମହଲ୍ଲା କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

### ‘ଅପରେଶନ ସିନ୍ଦୁର’କୁ ସ୍ୱାଗତ

ଚୌଦ୍ୱାର,(ଆଶୁତୋଷ ଦାସ): ‘ଅପରେଶନ ସିନ୍ଦୁର’କୁ ଚୌଦ୍ୱାର ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଚୌଦ୍ୱାର ଲିଗାଲ ଏଡ ୱାର୍କର୍ସ ପକ୍ଷରୁ ରାଲି ବହାରି ଚୌଦ୍ୱାର ଗ୍ରାମ ପରିକ୍ରମା କରିଥିଲା। ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମାନସ କୁମାର ସାହୁ, ମଳୟ କୁମାର ମହାପାତ୍ର, ପ୍ରକାଶ କୁମାର ନାୟକ, ରମେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


କିଲ୍ଲାଖାଇସ୍ଥିତ ବାବା ବୁଖାରୀଙ୍କ ମଜାର ସରିଫଠାରେ ଅପରେଶନ ସିନ୍ଦୂର ସଫଳ ପରେ ଖୁସି ମନାଯାଉଛି।

## ଅର୍ଥ ହେରଫେର ଘଟଣାର ଏଆର୍‌ସିଏସ୍‌ଙ୍କ ତଦନ୍ତ

ବାଙ୍କୀ, ୭।୫(ଶୁଭେନ୍ଦୁ ମହାପାତ୍ର)


ଏଆର୍‌ସିଏସ ଏସଏଚଜି ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି।

**କଳାପଥର ପ୍ରାଥମିକ ସେବା ସମବାୟ ସମିତି**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ କଳାପଥର ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ରେ କାର୍ଯ୍ୟରତ ସମ୍ପାଦକ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଛନ୍ତି ଫଳରେ ବ୍ୟାପକ ଅର୍ଥ ହେରଫେର କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମବାୟ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଚାପି ଦିଆଯାଉଛି। କେତେଜଣ ଚାଷୀ ନିରପେକ୍ଷ ତଦନ୍ତ ଦାବିକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ବାଙ୍କୀ ଏଆର୍‌ସିଏସ୍ ସୁରେନ୍ଦ୍ର କୁମାର ଜେନା ତଦନ୍ତ କରିବାକୁ କଳାପଥର ପାକ୍ସ କାର୍ଯ୍ୟାଳୟରେ ପହଞ୍ଚି ବୁଧବାର ଅଭିଯୋଗ ଶୁଣିଥିଲେ। ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ଋଣ ଟଙ୍କାରୁ ସମ୍ପାଦକ ୨୦ପ୍ରତିଶତ କମିଶନି କାଟି ରଖିବା ଅଭିଯୋଗ କରିଥିଲେ। ବହୁ ମହିଳା ଏ ବାବଦରେ ଏଆର୍‌ସିଏସ୍‌ଙ୍କ ସମ୍ମୁଖରେ ସମସ୍ତ କାଗଜପତ୍ର ଦେଖାଇ ଥିଲେ। ପାକ୍ସରେ ପ୍ରକୃତ ଜମି ଥିବା ଚାଷୀଙ୍କୁ ଋଣ ପ୍ରଦାନ କରା ନ ଯାଇ ନିଜ ସମର୍ଥକଙ୍କୁ ଋଣ ପ୍ରଦାନ କରିବା, ପରିଚାଳନା ପରିଷଦର ସଭ୍ୟଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦେବା, ମାସିକ ଦରମା ଦେବାରେ ନିୟମ ଉଲ୍ଲଂଘନ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସମ୍ପାଦକ ଜଣକ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିବାରୁ ଜାଣିଶୁଣି ସମିତିରେ ନୂଆ ଚାଷୀଙ୍କୁ ସଭ୍ୟଭୁକ୍ତ କରୁନାହାନ୍ତି। ସମବାୟ ବିଭାଗ ପକ୍ଷରୁ ୮ ବର୍ଷ ଧରି ଅଡିଟ୍ ହୋଇ ନ ଥିବାରୁ ଟଙ୍କା ହେର୍‌ଫେର୍ ହୋଇଛି। ପୂର୍ବରୁ ସମ୍ପାଦକଙ୍କ ଉପରେ ଥିବା ଅଡିଟ୍ ଅନାଦେୟ ୯ ଲକ୍ଷ ୩୦ ହଜାର ଟଙ୍କା ଆଦାୟ କରିବାକୁ ଦାବି କରିଥିଲେ। ବାଙ୍କୀ ଏଆର୍‌ସିଏସ୍ ଚାଷୀମାନଙ୍କଠାରୁ ସମସ୍ତ ଅଭିଯୋଗ ଶୁଣି ସମିତି ସମ୍ପାଦକ ମିର୍ଜା ଅନୁଆର ଅଲିବେଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ବାଙ୍କୀ ଏଆର୍‌ସିଏସ୍ ସୁରେନ୍ଦ୍ର କୁମାର ଜେନା କହିଛନ୍ତି। ଏସଏଚଜିର ମୀନା ପ୍ରଧାନ, ଅକ୍ରୂର ରଣା, ବଂଶୀଧର ସାହୁ, ବାଙ୍କୀ ବ୍ଲକ୍ କଂଗ୍ରେସ କମିଟି ସଭାପତି ନରେଶ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଥିଲେ। ଏଆର୍‌ସିଏସ୍ ଜେନାଙ୍କୁ ପଚାରିବାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ଶୁଣାଣି ଚାଲିଛି। ଶୁଣାଣି ସମୟରେ ଅନ୍ୟମାନେ ଆସି ନୂଆ ଅଭିଯୋଗପତ୍ର ଦଖଲ କରିଥିଲେ, ଯାହା ତଦନ୍ତ କରିବା ସମ୍ଭବ ନ ଥିବା କହିଲା ପରେ ସେମାନେ ହୋହଲ୍ଲା କରିଥିଲେ। ଫଳରେ ଅଭିଯୋଗକାରୀଙ୍କ ପୂର୍ବ ଅଭିଯୋଗର ଶୁଣାଣିରେ ବ୍ୟାଘାତ ସୃଷ୍ଟି ହୋଇଥିଲା ବୋଲି ସେ କହିଛନ୍ତି।

# ‘ଭାଷା ଆଧାରରେ ବିକଶିତ ହୋଇଥାଏ ଜାତି’

କଟକ,୭।୫(କାର୍ତ୍ତିକ ସାହୁ)


ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସରେ ବିଶ୍ୱରଞ୍ଜନଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଉଛି, ନିକଟରେ ଅଛନ୍ତି ଅନ୍ୟ ଅତିଥି।

**ଉତ୍କଳ ସାହିତ୍ୟ ସମାଜର ୧୨୩ତମ ପ୍ରତିଷ୍ଠା ଦିବସ**

**ଅଧ୍ୟାପକ ବିଶ୍ୱରଞ୍ଜନ ପାଇଲେ ଜେମା-ସାମନ୍ତ ସୃଜନୀ ପୁରସ୍କାର**

ସାହିତ୍ୟର ସଫଳତା ସାଧନା, ନିଷ୍ଠା, ଗବେଷଣା ଓ ମୌଳିକ ଚିନ୍ତନ ଉପରେ ନିର୍ଭର କରେ। ଓଡ଼ିଶା ସାହିତ୍ୟରେ ବିକାଶ ପର୍ବରେ ଉତ୍କଳ ସାହିତ୍ୟ ସମାଜର ଅବଦାନ ସ୍ମରଣଯୋଗ୍ୟ ବୋଲି ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଉତ୍କଳ ସାହିତ୍ୟ ସମାଜର ୧୨୩ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ବୀରବର ସାମନ୍ତ ଓ ରତ୍ନମାଳୀ ଜେମା ସ୍ମୃତି ସମର୍ପିତ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଥିଲା।

ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ୍ ତଥା ଚିକିତ୍ସକ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ସାହିତ୍ୟ ସାଧନାରେ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ଗୌରହରି ଦାସ କହିଲେ, ସମାଜରେ ଭାଷା ଓ ଧର୍ମ ଗୁରୁତ୍ୱପୂର୍ଣ୍ଣ। ଏହା ସମାଜକୁ ଯୋଡ଼େ ଓ ସମାଜକୁ ମଧ୍ୟ ବିଭାଜିତ କରିଥାଏ। ଭାଷା ଗୋଟିଏ ସଭ୍ୟତାର ମୂଳଭିତ୍ତି। ଭାଷା ଆଧାରରେ ଏକ ଜାତି ବିକଶିତ ହୋଇଥାଏ। ଉତ୍କଳ ସାହିତ୍ୟ ସମାଜ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏବେ ଏହି ଅନୁଷ୍ଠାନ ନିଜର ଦାୟବଦ୍ଧ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ପୁରସ୍କାର ଗ୍ରହଣ କରି ଅଧ୍ୟାପକ ବିଶ୍ୱରଞ୍ଜନ ନିଜ ସାରସ୍ୱତ ଜୀବନର ଅନୁଭବ ଓ ଅନୁଭୂତି ଉଲ୍ଲେଖ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା କମିଟି ସଭ୍ୟ ଶଶିକାନ୍ତ ରାଉତ ଅତିଥି ଆମନ୍ତ୍ରଣ, ସରୋଜିନୀ ମିଶ୍ର ମାନପତ୍ର ପାଠ ଓ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟ ନିର୍ବାହିକା କମିଟି ସଦସ୍ୟ ସରୋଜ କୁମାର ସାମଲ, ରାଧାଶ୍ୟାମ ରାଉଳ, ମୁରଲୀଧର ଶତପଥୀ ଓ ତପନ କୁମାର ସ୍ୱାଇଁଙ୍କ ସମେତ ପୂର୍ବତନ ସଭାପତି ତରୁଣ କୁମାର ସାହୁ, ପ୍ରଫେସର ବିଜୟ କୁମାର ଶତପଥୀ, ବାବାଜୀ ଚରଣ ପଟ୍ଟନାୟକ, ଡାକ୍ତର ବାଣୀ ସାମନ୍ତ, ଡ. ବିଜୟିନୀ ସିଂହଦେଓ, ଡ. ପ୍ରଭାତୀ ମିଶ୍ର, ଉମାଶଙ୍କର ମିଶ୍ର, ରାଜ କିଶୋର ଦାଶ, ପୂର୍ବତନ ଉପସଭାପତି ସତ୍ୟ ରାୟ ଓ ସଂଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସୈନିକମାନେ ଭାରତ ସଂକଳ୍ପର ସମ୍ମାନ ରକ୍ଷାକରନ୍ତି: ମୋହନ



## ସୈନ୍ୟବାହିନୀକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ଅପରେଶନ ସିନ୍ଦୂର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭାରତୀୟ ସେନାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନକରି ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରେଶନ ସିନ୍ଦୂର ହେଉଛି ପ୍ରକୃଷ୍ଟ ନିଦର୍ଶନ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିନ୍ଦୂର ହେଉଛି ଆମ ପରମ୍ପରା, ତ୍ୟାଗ ଓ ସଂକଳ୍ପର ପ୍ରତୀକ। ଭାରତର ସୈନ୍ୟମାନେ ସେହି ସଂକଳ୍ପର ସମ୍ମାନ ରକ୍ଷା କରିବାକୁ ସଦାସର୍ବଦା ପ୍ରସ୍ତୁତ। କୌଣସି ପରିସ୍ଥିତିରେ ଆତଙ୍କବାଦକୁ ବରଦାସ୍ତ କରାଯିବ ନାହିଁ। ମୋଦିଙ୍କ ନେତୃତ୍ୱରେ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି।

## ଆତଙ୍କବାଦୀ କାର୍ଯ୍ୟକଳାପକୁ ସମୂଳେ ଧ୍ୱଂସ କରାଯାଉ: ଶ୍ରୀଶ୍ରୀ ରବିଶଙ୍କର



ମାନବିକତା ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମୂଳେ ଧ୍ୱଂସ କରାଯିବାର ଆବଶ୍ୟକତା ରହିଛି ବୋଲି ବୁଧବାର ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି। ସେ କହିଛନ୍ତି, ଯେଉଁମାନେ ଆଲୋଚନା ମାଧ୍ୟମରେ ବୁଝନ୍ତି ନାହାନ୍ତି ସେମାନଙ୍କୁ ସେମାନଙ୍କ ଉପାୟରେ ଶିକ୍ଷା ଦିଆଯିବା ଉଚିତ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର 'ଅପରେଶନ ସିନ୍ଦୂର' ଅତ୍ୟନ୍ତ ବୁଦ୍ଧିମତ୍ତାର କାର୍ଯ୍ୟ ହୋଇଥିବା ସେ କହିଛନ୍ତି। ଏହି ଅପରେଶନରେ ଆତଙ୍କବାଦୀଙ୍କୁ ଠିକଣାଗୁଡ଼ିକୁ ଧ୍ୱଂସ କରାଯାଇଛି, ଯାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଲଢ଼େଇ ଲଢୁଛି।

## ଦେଶ ଆତଙ୍କବାଦ ବିରୋଧରେ ଏକଜୁଟ: ଭକ୍ତ ଦାସ

ଭୁବନେଶ୍ୱର,୭।୫
(ରବିନାରାୟଣ ଜେନା)



ପାକିସ୍ତାନର ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରହଣ କରାଯାଇଥିବା 'ଅପରେଶନ ସିନ୍ଦୂର' ପଦକ୍ଷେପକୁ ପିସିସି ସଭାପତି ଭକ୍ତ ଚରଣ ଦାସ ସମର୍ଥନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭକ୍ତ କହିଛନ୍ତି, ଯେତେବେଳେ ଭାରତର ଝିଅମାନଙ୍କ ସିନ୍ଦୂର ରକ୍ତରେ ରଞ୍ଜିତ ହୋଇଥିଲା, ସେତେବେଳେ ଦେଶ ଶପଥ ନେଇଥିଲା ଯେ ଏବେ ଶାନ୍ତି ନୁହେଁ, ବରଂ ନ୍ୟାୟ ହେବ। ଦେଶ ଆତଙ୍କବାଦ ବିରୋଧରେ ଏକଜୁଟ, ସୀମା ଆରପାରିରୁ ରଚିତ ଷଡ଼ଯନ୍ତ୍ର ବିରୋଧରେ ଦେଶ ଏକଜୁଟ। ଭାରତ ଚୁପ୍ ବସିବ ନାହିଁ ବୋଲି ଭକ୍ତ କହିଛନ୍ତି।

## ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ: ମନମୋହନ



'ଅପରେଶନ ସିନ୍ଦୂର'ର ସଫଳତାକୁ ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦେଶର ୧୪୦ କୋଟି ଲୋକ ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ ଯେ ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ କରାଯାଉ। ଆଜି ସମସ୍ତ ଭାରତୀୟ ଖୁସି। ସେନା ତା'ର ସାହସିକତା ଓ ପାରଙ୍ଗମତା ଦେଖାଇଛି। ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଆତଙ୍କବାଦୀଙ୍କ ଆଡ୍ଡାକୁ ଯେଉଁଭଳି ଭାବେ ଧ୍ୱଂସ କରାଯାଇଛି, ଧୀରେ ଧୀରେ ସବୁ ଚିତ୍ର ସାମ୍ନାକୁ ଆସୁଛି। ପାକିସ୍ତାନରେ ଆତଙ୍କବାଦୀଙ୍କୁ ଯେଉଁଭଳି ସୁରକ୍ଷା ଦିଆଯାଉଛି, ଏହା ସବୁଠାରୁ ନିନ୍ଦନୀୟ। ସାରା ବିଶ୍ୱ ଆଜି ସେମାନଙ୍କୁ ନିନ୍ଦା କରୁଛି। ଦେଶର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱକୁ ନେଇ ଯେଉଁମାନେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ, ସେମାନଙ୍କୁ ଉଚିତ ଜବାବ ଦିଆଯାଇଛି ବୋଲି ମନମୋହନ ରାଜ୍ୟ କାର୍ଯ୍ୟାଳୟରେ କହିଛନ୍ତି।

## ସେନାର ଉଚିତ୍ ଜବାବ: ନିଶିକାନ୍ତ



ପହଲଗାମ୍‌ରେ ସେନା ପକ୍ଷରୁ 'ଅପରେସନ ସିନ୍ଦୂର'କୁ ନେଇ ଆପ୍ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି ଯେ, ଏହା ପାକିସ୍ତାନ ପାଇଁ ଉପଯୁକ୍ତ ଜବାବ। ଯେଉଁଭଳି ଭାବେ ସେନାବାହିନୀ ଲକ୍ଷ୍ୟଭେଦି ଆକ୍ରମଣ କଲେ ତାହା ଆମ ଦେଶର ସେନା କୁଶଳତାକୁ ଦର୍ଶାଉଛି। ଏହା ଆତଙ୍କବାଦୀଙ୍କ ପାଇଁ ଏକ ବାର୍ତ୍ତା। ଏଥିରୁ ପାକିସ୍ତାନ ଶିଖିବା ଆବଶ୍ୟକ ବୋଲି ନିଶିକାନ୍ତ କହିଛନ୍ତି।




ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ମଙ୍ଗଳବାର ରାତିରେ ଭାରତୀୟ ସଶସ୍ତ୍ର ବଳଙ୍କ ଏୟାର ଷ୍ଟ୍ରାଇକ୍ ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକ ବୁଧବାର ପ୍ରସ୍ତୁତ କରିଥିବା ବାଲୁକାକଳା।

# ୧୩ ବର୍ଷରେ ଚାଷୀଙ୍କୁ ବଣ୍ଟାହେଲାଣି ୧.୬ ଲକ୍ଷ କୋଟିର ଶସ୍ୟଋଣ

## ବିଧାନସଭା ସ୍ଥାୟୀ କମିଟିକୁ ସରକାରଙ୍କ ଉତ୍ତର

ଭୁବନେଶ୍ୱର,୭।୫
(ରବିନାରାୟଣ ଜେନା)

ରାଜ୍ୟରେ କୃଷକଙ୍କ ଆର୍ଥିକ ମାନଦଣ୍ଡ କିଭଳି ସୁଦୃଢ଼ ହେବ, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅହରହ ଉଦ୍ୟମ ଚାଲିଛି। ପ୍ରତିବର୍ଷ କୃଷକଙ୍କ ଲାଗି ଶସ୍ୟଋଣ ପରିମାଣ ବୃଦ୍ଧି ପାଉଛି। ୨୦୧୨-୧୩ରେ ୫୪୨୬.୪୯ କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଥିବାବେଳେ ଏବେ ଏହା ତିନିଗୁଣ ବଢ଼ିଛି। ଏପରିକି ଗତ ୧୩ ବର୍ଷ ମଧ୍ୟରେ ୫୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପ୍ରାୟ ୧.୬୦ ଲକ୍ଷ କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଗଲାଣି। ହେଲେ ଏପର୍ଯ୍ୟନ୍ତ ଓଡ଼ିଶା ଚାଷୀଙ୍କ ଦୁଃଖ ଦୂର ହେଉନାହିଁ। ଚାଷୀଙ୍କ ମାସିକ ଆୟ ଜାତୀୟ ହାର ଅପେକ୍ଷା ଏବେ ବି ବହୁପଛରେ ରହିଛି। ଜାତୀୟସ୍ତରରେ କୃଷକଙ୍କ ମାସିକ ଆୟ ହାରାହାରି ୧୦ହଜାର ୨୦୦ଟଙ୍କା ଉପରେ ରହିଥିବାବେଳେ ଓଡ଼ିଶା ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କାରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ବିଧାନସଭା ସ୍ଥାୟୀ କମିଟି ଉଠାଇଥିବା ପ୍ରଶ୍ନର ଉତ୍ତର ବୁଧବାର ରାଜ୍ୟ ସମବାୟ ନିବନ୍ଧକ ପ୍ରଦାନ କରିଛନ୍ତି। ସେଥିରେ ସ୍ଥାୟୀ କମିଟି ପକ୍ଷରୁ ଉଠାଯାଇଥିବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ଆର୍ଥିକ ପରିଚାଳନା କ୍ଷମତା ଉପରେ ଜବାବ ରଖାଯାଇଛି। ପାକ୍ସ ପରିଚାଳନା କମିଟି କ୍ଷମତା ଭିତରେ ଚାଷୀଙ୍କୁ ଋଣ ପ୍ରଦାନ କରାଯିବା ଲାଗି କଥା ରହିଛି। ତେବେ ପାକ୍ସର ଭିତ୍ତିଭୂମି ସୁଦୃଢ଼ ସାଙ୍ଗକୁ ବୈଷୟିକ ଦିଗକୁ ଗୁରୁତ୍ୱ ଦିଆଯିବ ବୋଲି ନିବନ୍ଧକଙ୍କ ପକ୍ଷରୁ କୁହାଯାଇଛି। ଏହାସହିତ ସାର ଓ ବିହନ ପାଇଁ ସମବାୟ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରାଯାଉଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ନୂତନ ଗୋଦାମ ପାଇଁ ଆବଶ୍ୟକ ଜମି ଯୋଗାଣ କରିବା ସହିତ ଡିଜିଟାଲ ଇନ୍‌ଫର୍ମେଶନକୁ ଯୋଡ଼ିବା ଓ ସ୍ଥାନୀୟ ଲୋକଙ୍କୁ ଧାନକିଣାରେ ସହଭାଗିତା କରିବା ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦିଆଯାଇନାହିଁ।

# ୫ ବର୍ଷ ଧରି ମିଳିନି ପାଉଣା

## ମଣ୍ଡି ଶ୍ରମିକଙ୍କ ଦୁଃଖ

ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)

ଶ୍ରମିକଙ୍କ ପାଉଣା ଦିନେ ବିଳମ୍ବ ହେଲେ ଝମେଲା ପର୍ଯ୍ୟନ୍ତ କଥା ଯାଉଛି। ହେଲେ ଧାନମଣ୍ଡିରେ ନିୟୋଜିତ କୃଷି ଶ୍ରମିକଙ୍କ ପାଉଣା ସରକାରୀ ଖାତାରେ ବର୍ଷ ବର୍ଷ ଧରି ଗଡୁଛି। ଏଥିନେଇ ମଣ୍ଡି କିମ୍ବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) କର୍ତ୍ତୃପକ୍ଷ ଯେଉଁଭଳି ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି, ଫଳରେ ଗତ ୫ ବର୍ଷ ଧରି ଶ୍ରମିକଙ୍କ ପାଉଣା କାଗଜପତ୍ରରେ ସୀମିତ ହୋଇ ରହିଛି। ଏନେଇ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲାଣି। ହେଲେ ଶ୍ରମିକଙ୍କ ତଥ୍ୟ ମିଳିପାରୁନାହିଁ। ଏଭଳି ଏକ ଅପ୍ରୀତିକର ପରିସ୍ଥିତି ପାକ୍ସସ୍ତରରେ ସୃଷ୍ଟି ହୋଇଥିବା ରାଜ୍ୟ ଯୋଗାଣ ନିଗମ ତଥ୍ୟରୁ ଜଣାଯାଇଛି। ଯୋଗାଣ ନିଗମ ପକ୍ଷରୁ ଅର୍ଥ ପରାମର୍ଶଦାତା ଦେବରାଜ ମଣ୍ଡଳ ଏ ସଂକ୍ରାନ୍ତରେ ଶେଷଥର ଏପ୍ରିଲ ୧୬ରେ ରାଜ୍ୟର ୧୯ ଜିଲାର ଯୋଗାଣ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଯଥାଶୀଘ୍ର ମଣ୍ଡି ଶ୍ରମିକଙ୍କ ପାଉଣା ବାବଦ ଆବଶ୍ୟକ ତଥ୍ୟ ପଠାଇବାକୁ ସେ ପାକ୍ସଗୁଡ଼ିକୁ ପତ୍ରରେ ଦର୍ଶାଇଛନ୍ତି। ନିଗମ ପକ୍ଷରୁ କୁହାଯାଇଛି ଯେ, ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପଇଠ କରିବାକୁ ହେଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ତଥ୍ୟ ସହ ପାଣ୍ଠି ଦାବି ପ୍ରଦାନ କରିବା କଥା। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପାଣ୍ଠି ଦାବି କରୁ ନ ଥିବା ବେଳେ କିଛି ପାକ୍ସ ଦେଉଥିବା ତଥ୍ୟରେ ଅଭାବ କାରଣରୁ ପାଣ୍ଠି ପ୍ରଦାନ କରାଯାଇପାରୁ ନାହିଁ। ତେଣୁ ଯଥାଶୀଘ୍ର ଉପଯୁକ୍ତ ଫର୍ମାଟ୍‌ରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ପାଣ୍ଠି ଦାବି ସମ୍ପର୍କରେ ଅବଗତ କରାଅ। ରାଜ୍ୟ ଯୋଗାଣ ନିଗମର ନିର୍ଦ୍ଦେଶ ପାଇବା ପରେ ଜିଲାସ୍ତରରେ ଏହାକୁ ନେଇ ତତ୍ପରତା ଦେଖାଦେଇଛି। ଗୋଟିଏ ସପ୍ତାହ ମଧ୍ୟରେ ତଥ୍ୟ ପଠାଇବାକୁ ବାଲେଶ୍ୱର ଭଳି କେତେକ ଜିଲାର ଅଧସ୍ତନ ଅଧିକାରୀଙ୍କୁ କହିଛନ୍ତି। ତେବେ ଯୋଗାଣ ନିଗମର ଅର୍ଥ ପରାମର୍ଶଦାତାଙ୍କ ନିର୍ଦ୍ଦେଶରୁ ବାଦ୍ ପଡ଼ିଥିବା ୧୧ ଜିଲା ମଧ୍ୟରେ ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୟାଗଡ଼, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ରହିଥିବା ଜଣାପଡ଼ିଛି।

# ସମୟ ନେଲେ ରାଜ୍ୟ ସରକାର

## ହାଇକୋର୍ଟରେ ଓଡ଼ିଶା ସାର୍ବଜନୀନ ପାଠାଗାର ସମସ୍ୟା ମାମଲା

### ଜୁନ୍ ୧୮ରେ ପରବର୍ତ୍ତୀ ଶୁଣାଣି

କଟକ,୭।୫(କାର୍ତ୍ତିକ ସାହୁ)

ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ ଓ ନିୟମାବଳୀ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ପାଠାଗାର ସଂକ୍ରାନ୍ତୀୟ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ଏହି ମାମଲାରେ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାର ଅଧିକ ସମୟ ଦେବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଅଧିକ ସମୟ ଦେବା ସହିତ ପରବର୍ତ୍ତୀ ଶୁଣାଣି ଜୁନ୍ ୧୮ ତାରିଖରେ ହେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ପ୍ରଣିତ ହେବାର ବହୁ ବର୍ଷ ପରେ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଥିଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରାଗଲା ନାହିଁ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠିତ ହେଲାନାହିଁ। ଏପରିକି ଧାରା-୧୨ ଅନୁସାରେ ଓଡ଼ିଶା ପାଠାଗାର ପାଣ୍ଠି ପ୍ରତିଷ୍ଠିତ ହୋଇ ନାହିଁ। ଜିଲାସ୍ତରରେ ସାର୍ବଜନୀନ ପାଠାଗାର କମିଟି ମଧ୍ୟ ଗଠନ ହୋଇନାହିଁ। ରାଜ୍ୟର ସାର୍ବଜନୀନ ପାଠାଗାର ସମୂହରେ ଅନେକ ଅନୁମୋଦିତ ପଦବୀ ଖାଲି ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ଅନୁମୋଦିତ ୫୮ପଦବୀରୁ ୪୩ ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ପ୍ରତିଷ୍ଠା କରିବାକୁ, ଜିଲା ପାଠାଗାର କମିଟି ଗଠନ କରିବାକୁ ତଥା ରାଜ୍ୟର ସମସ୍ତ ସାର୍ବଜନୀନ ପାଠାଗାରରେ ଖାଲି ପଦରେ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଏବଂ ସାର୍ବଜନିକ ପାଠାଗାର ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ତାତି ବଢ଼ିଲା, ଗୁଳୁଗୁଳି ଫେରିଲା

ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)

କିଛିଦିନର ବିରତି ପରେ ରାଜ୍ୟକୁ ପୁଣି ତାତି ସହ ଗୁଳୁଗୁଳି ଫେରିଛି। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ଜିଲାରେ ତାପମାତ୍ରାରେ ବୃଦ୍ଧି ପାଇଛି। ବିଶେଷକରି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରାରେ ପ୍ରାୟ ୨ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ହେଲେ ଓଡ଼ିଶାର ଅନ୍ୟ କୌଣସି ଜିଲାରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ୧୩ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ଗ୍ରୀଷ୍ମଲହରୀ, ଉଷ୍ମ ଓ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ କମ୍ ଓ ଅନ୍ୟ କେତେକ ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ କମ୍ ରହିଥିଲା। ଆଗାମୀ ୨ ଦିନ ପାଇଁ ଦିନର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବନାହିଁ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଜିଲାଗୁଡ଼ିକରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ଉଷ୍ମ ଏବଂ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।


**LIFE INSURANCE CORPORATION OF INDIA**
**DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004**

**EMPANELMENT NOTICE**

Application are invited from Vendors/Firms for the empanelment for various jobs as mentioned below for Sales department of Divisional Office, Sambalpur.
**1**. Printing of Poster/Banner/Leaflet/Booklet etc. **2**. Making of Signage/Hoarding/Glowsign/ACP signage/Mobile van activities etc. **3.** Supply of competition prizes, Stationary items, Gift items, Utencils, Cloth, Blanket, Badges, Medals, Trophies & shield, Electrical & Electronic items, Bag with specification, Gold & Silver Coin etc. **4.** Event management for organizing meeting, Convention & educational seminar
The vendors/Firms desiring to be empanelled with us can visit **"https//www.licindia.in"** for details or personally visit Sales Department, LIC, Divisional Office, Sambalpur within office hour.
The application for empanelment along with the necessary enclosures are to be sent to the Sales Department and should reach us on or before **04.06.2025 up to 4 PM**. The fees for empanelment @Rs.300/- + GST Rs.54/- (Total-Rs.354/-) which is to be deposited through DD/Banker's cheque in favour of LIC of India, payable at Sambalpur or in cash counter.
LIC Of India reserves the right to accept or reject any or all applications in full or part without assigning any reasons whatsoever.
Sd/-
Date-05.05.2025 Sr.Divisional Manager



**PUBLIC CAUTION NOTICE**

General Public is hereby informed that, we **"ZEE LEARN LIMITED"** ("Company") having registered office at Continental Building 135, Dr. Annie Besant Road, Worli, Mumbai-400018 is the registered proprietor of the Trademark/Brand name **"MOUNT LITERA ZEE SCHOOL"** and have the Copyright in the design and logo of "MOUNT LITERA ZEE SCHOOL", the Know-how and copyrights in the standards, Publicity material, packaging, drawing and the like.

Vide the Academic Alliance Agreement ("Agreement") dated 27.06.2022 executed between **Gurukripa Foundation** (through its authorized signatory P.K. Swain) and the Company, the Company had granted a non-exclusive, revocable, limited right and permission to **Gurukripa Foundation** to use the Company's brand name **"Mount Litera Zee School"** ("Trade Mark") for running Mount Litera Zee School ("School") from Bhagabatipura, Bhubaneshwar, Odisha under MLZS Program.

This is to further inform the General Public that, **Gurukripa Foundation** is not in association with the Company anymore and accordingly **Gurukripa Foundation** is not authorized to use the Trade Mark **"Mount Litera Zee School"** or run the MLZS program of the Company in the said School.

Thus, in view of Company's disassociation with **Gurukripa Foundation**, the Company will not be responsible for the curricular material, teaching resources, teaching and learning methodology, administration and expertise being conducted in the said School. For any query, you may reach out to us at mountlitera@zeelearn.com or on 912271541895/9320063100 for any support.

For **Zee Learn Limited**



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No.1166 /OSOU/2025 Dt. 07.05.2025

**EMPLOYMENT NOTICE**

Applications are invited from eligible candidates as per UGC / AICTE eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) 1-**Political Science**, 2-**History**, 3-**Rural Development**, 4-**Sociology**, 5-**Odia**, 6-**Economics**, 7-**English**, 8-**Sanskrit**, 9-**Commerce**, 10-**Hindi**, 11-**Journalism and Mass Communication**, 12-**Public Administration**, 13-**MBA (Disaster Management)**, 14-**Master of Computer Science (Cyber Security/ AI & ML)**, 15-**MCA (AI & ML / Cyber Security / Data Science)** and 16-**Education**.

The filled-in application may be submitted either Online via e-mail **<recruitment@osou.ac.in>** or Offline (but not mixing), complete in all respects along with supporting documents by **09th June, 2025, 5 p.m.** to the Registrar, Odisha State Open University, At-Badsinghari, P.O-Goshala Chowk, Sambalpur, PIN-768024 (Odisha).

For details of terms and application form, please visit
**www.osou.ac.in**
Sd-
Registrar



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/11 ତା.05.05.2025ରିଖ

1) ଟେଣ୍ଡର ସଂ. etenderEastkur-39-2025, ତା.01-05-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/ କଟକଙ୍କ ଅଧିକାର କ୍ଷେତ୍ର ଅଧିନରେ ଜେନାପୁର - ନିର୍ଗୁଣ୍ଡି UP ଏବଂ DN ଲାଇନ ତଥା ଜେନାପୁର - ହରିଦାସପୁର ମଧରେ ମଧ ଲାଇନ ଏବଂ ହରିଦାସପୁର - ବୈରୀ ଓ କପିଳାସ ରୋଡ଼ - ନିର୍ଗୁଣ୍ଡିର ତୃତୀୟ ଲାଇନ ସହିତ କପିଳାସ ରୋଡ଼ - ଶାଳଗାଁ UP ଏବଂ DN ଲାଇନ ତଥା ନିର୍ଗୁଣ୍ଡି - ବାରଙ୍ଗ (UP ଏବଂ DN ) ଲାଇନ ଏବଂ ନିର୍ଗୁଣ୍ଡି - ଗୁରୁଡ଼ିଝାଟିଆ (UP ଏବଂ DN ) ଲାଇନରେ ରେଳପଥର ରଙ୍ଗ କରିବା, ଲାଇନର କଂଟାକ୍ଟ ଏରିଆକୁ ସିଲ୍ କରିବା ଏବଂ ERCs ର ଗ୍ରିସିଂ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 312.65 ଲକ୍ଷ, EMD (₹) : 3,06,300.00 ।

2) ଟେଣ୍ଡର ସଂ. e-tender-eastkur-40-2025, ତା.01-05-2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କାର୍ଯ୍ୟ)/ ପାରାଦୀପଙ୍କ ଅଧିନରେ କଟକ (Ex) ଠାରୁ ପାରାଦୀପ ସେକ୍ସନରେ 30.06.2026 ସମୟସୀମା ପାଇଁ ନୂତନ କାର୍ଯ୍ୟ, ସଂଯୋଜନା ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 80.92 ଲକ୍ଷ, EMD (₹) : 1,61,900.00 ।

3) ଟେଣ୍ଡର ସଂ. etenderEastkur-43-2025, ତା.01-05-2025ରିଖ

**ବିବରଣୀ :** ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ଼ଙ୍କ ଅଧିନରେ ଗୋରଖା କଲୋନୀ ଖେଳ ପଡ଼ିଆକୁ ଖେଲୋ ଇଣ୍ଡିଆ କେନ୍ଦ୍ର ରୂପେ ବିକାଶ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 98.12 ଲକ୍ଷ, EMD (₹) : 1,96,300.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.23.05.2025ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-101/Q/25-26


# ସମୟ ଭିତରେ ଲୋକଙ୍କୁ ନ୍ୟାୟ ମିଳୁ

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀଙ୍କ ପତ୍ର

ଭୁବନେଶ୍ୱର, ୭।୫
(ରବିନାରାୟଣ ଜେନା)

ଲୋକଙ୍କୁ ସୁଶାସନ ଦେବା ସହିତ ନିର୍ଦ୍ଦିଷ୍ଟ ସମୟ ଭିତରେ ନ୍ୟାୟ ମିଳିବା ଆବଶ୍ୟକ। ଏହା କେବଳ ନ୍ୟାୟିକ ମାମଲାର ସୁପରିଚାଳନା ଦ୍ୱାରା ହିଁ ସମ୍ଭବ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ବିଭିନ୍ନ ଅଦାଲତ, ପ୍ରାଧିକରଣ ଓ ଅର୍ଦ୍ଧନ୍ୟାୟିକ ପରିଷଦ ବ୍ୟକ୍ତିଗତ ଭାବେ ଦୃଷ୍ଟିଦେବା ଆବଶ୍ୟକ, ଯାହାଫଳରେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଗତ ଏପ୍ରିଲ ୨୪ରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ବିଭିନ୍ନ ମାମଲା ପରିଚାଳନା ବେଳେ ଏକକ ମନୋଭାବର ଅଭାବ ଯୋଗୁ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଛି। ଏହାସହ ମାମଲାର ଜଟିଳତା ମଧ୍ୟ ବଢ଼ିଯାଉଛି। କେନ୍ଦ୍ର ସରକାର ଏବେ ନିଷ୍ପତ୍ତି ନେଇଛନ୍ତି ଯେ, ନ୍ୟାୟିକ ମାମଲାକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରାଯିବ। ଏହାଦ୍ୱାରା ସୁଶାସନ, ଜନକଲ୍ୟାଣ ଓ ତ୍ୱରିତ ନ୍ୟାୟ ଲୋକମାନଙ୍କୁ ମିଳିପାରିବ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଆଇନ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ(ଓଏସ୍‌ଡି) ତଥା ଯୁଗ୍ମସଚିବ ଭଗବାନ ନାୟକ ମଙ୍ଗଳବାର ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ, ଗୃହ, ସାଧାରଣ ପ୍ରଶାସନ ବିଭାଗ, ଅର୍ଥ ବିଭାଗ ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୨୦ ତାରିଖରେ ମୁଖ୍ୟ ଶାସନ ସଚିବ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିବେ ବୋଲି ନାୟକ ଜଣାଇଛନ୍ତି।


ଇଣ୍ଡିଆନ୍ ବ୍ୟାଙ୍କ Indian Bank ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ମଧୁପାଟଣା ଶିଳ୍ପାଞ୍ଚଳ ଶାଖା / ଋଣଗ୍ରହୀତା: ମେସର୍ସ କର ଫାବ୍ରିକେସନ୍(ଫାର୍ମ), ସ୍ୱତ୍ତ୍ୱାଧିକାରୀ: ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କର / ଋଣଗ୍ରହୀତା / ବନ୍ଧକଦାତା: ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କର / ଗ୍ୟାରେଣ୍ଟିଦାତା: ଦେବେନ୍ଦ୍ରନାଥ କର, ପିତା: ଉପେନ୍ଦ୍ର କର, ସମସ୍ତଙ୍କ ଠିକଣା ସା/ପୋ: ଭୈରପୁର, ଗ୍ରା.ପ.: ମୁତାରିପା, ଥାନା: ଜଗତପୁର, କଟକ - ୭୫୪୨୦୦ | ୦୫.୦୫.୨୦୨୫ ସୁଦ୍ଧା ଟ.୫୩,୧୨,୮୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୨.୨୦୨୫ / ୦୫.୦୫.୨୦୨୫ | ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୫୩୬, ପ୍ଲଟ୍ ନଂ.: ୬୬୧/୨୯୧୯, ପ୍ରକାର: ଘରବାରି, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର, ପୋ/ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା, ଉତ୍ତର: ଭୁବନାନନ୍ଦ କର, ପଶ୍ଚିମ: ଭୁବନାନନ୍ଦ କର, ପୂର୍ବ: କାଞ୍ଚନବାଳା ସାହୁ |
| ଚୌଦ୍ୱାର ଶାଖା / ଋଣଗ୍ରହୀତା: ମେସର୍ସ ଡାଇମଣ୍ଡ ଜୁଏଲର୍ସ (ଫାର୍ମ), ସ୍ୱତ୍ତ୍ୱାଧିକାରୀ: ରମଣୀ ରଞ୍ଜନ ମହାରଣା / ଋଣଗ୍ରହୀତା: ରମଣୀ ରଞ୍ଜନ ମହାରଣା, ପିତା: ବାଇଧର ମହାରଣା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା: ବାଇଧର ମହାରଣା, ପିତା: ୰ ରାଜ କିଶୋର ମହାରଣା, ସମସ୍ତଙ୍କ ଠିକଣା ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ | ୦୫.୦୫.୨୦୨୫ ସୁଦ୍ଧା ଟ.୫,୮୪,୨୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୫ / ୦୫.୦୫.୨୦୨୫ | ବାଇଧର ମହାରଣା, ପିତା: ୰ ରାଜ କିଶୋର ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୧୯୩, ପ୍ଲଟ୍ ନଂ.: ୭୦୩/୨୦୩୮, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନନ୍ତ ଚରଣ ମହାରଣା, ଦକ୍ଷିଣ: ନାରାୟଣ ମହାରଣା, ପୂର୍ବ: ଶ୍ରୀରାମ ଚନ୍ଦ୍ର ମହାରଣା, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୦୭.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**ଜେଜେମା'ଙ୍କୁ ହତ୍ୟା: ନାତୁଣୀ, ନାତୁଣୀ ଜ୍ୱାଇଁ ଗିରଫ**

**କେନ୍ଦୁଝର, ୭।୫:** କେନ୍ଦୁଝର ଟାଉନ ଥାନା ଅଧୀନ ଗମ୍ଭାରିଆ ମୁଣ୍ଡାସାହିରେ ମଙ୍ଗଳବାର ପାରିବାରିକ ବିବାଦକୁ କେନ୍ଦ୍ର କରି ବିରମା ମୁଣ୍ଡା(୭୦) ନାମ୍ନୀ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି। ହତ୍ୟା ଅଭିଯୋଗରେ ପୋଲିସ ମୃତାଙ୍କ ନାତୁଣୀ ଏବଂ ନାତୁଣୀ ଜ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦମ୍ପତି ହେଲେ ଛୋଟୁ ମୁଣ୍ଡା(୩୮) ଓ ତାଙ୍କ ସ୍ତ୍ରୀ ଗାଙ୍ଗି ମୁଣ୍ଡା(୩୫)। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ନଦୀବନ୍ଧରେ ଯୁବକଙ୍କୁ ହତ୍ୟା

## ଜଣେ ଗୁରୁତର, ୫ ଆକ୍ରମଣକାରୀ ଅଟକ

**ପାଟକୁରା,୭।୫(ରବୀନ୍ଦ୍ର ନାଥ ବାରିକ)**


ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ହରିଦାସପୁର ନଦୀବନ୍ଧରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ହରିଦାସପୁର ଗ୍ରାମର ଜ୍ୟୋତିପ୍ରକାଶ ପରିଡ଼ା(୧୮)। ଜ୍ୟୋତିପ୍ରକାଶ ହରିଦାସପୁର ଚିତ୍ରୋତ୍ପଳା ମହୋତ୍ସବରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରାୟ ୨୦ଜଣ ଯୁବକ ତାଙ୍କୁ ମିଳିତ ଭାବେ ଛୁରାମାଡ଼ ସହିତ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରି ରାସ୍ତାପାର୍ଶ୍ୱରେ ଫୋପାଡ଼ି ଦେଇଥିଲେ। ଜ୍ୟୋତିପ୍ରକାଶଙ୍କୁ ଆକ୍ରମଣ କରୁଥିବା ଦେଖି ଉକ୍ତ ଗ୍ରାମର କାମାକ୍ଷା ପ୍ରସାଦ ରାଉତରାୟ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଯୁବକମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। କାମାକ୍ଷା ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଜ୍ୟୋତିପ୍ରକାଶଙ୍କ ବଡଭାଇ ରଶ୍ମିରଞ୍ଜନ ପରିଡ଼ାଙ୍କ ଅଭିଯୋଗକ୍ରମେ ପାଟକୁରା ଥାନାରେ ଏକ ମାମଲା(ନଂ.୭୧/୨୫) ରୁଜୁ କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମସେଦ ସଦଳବଳ ଚଢ଼ାଉ କରି ୫ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏସ୍‌ପି ସିଦ୍ଧାର୍ଥ କାଟରିଆ ଏବଂ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଏହି ଘଟଣାରେ ୩ଟି ପୋଲିସ ଟିମ୍ ଗଠନ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କାଟରିଆ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ତେବେ ଗାଡ଼ି ସାଇଡ୍ ମରାକୁ କେନ୍ଦ୍ରକରି ଅଭିଯୁକ୍ତମାନଙ୍କ ସହ ଜ୍ୟୋତିପ୍ରକାଶଙ୍କ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଭଳି ଦୁଃଖଦ ଘଟଣା ଘଟିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ହେଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବୁଧବାର ସନ୍ଧ୍ୟାରେ ଜ୍ୟୋତିପ୍ରକାଶଙ୍କ ମରଶରୀରକୁ ଅନ୍ତିମ ସଂସ୍କାର କରାଯାଇଛି। ଏହାକୁ ନେଇ ହରିଦାସପୁର ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଘରୋଇ ବ୍ୟାଙ୍କକୁ ୧୦ ଲକ୍ଷ ଟଙ୍କା ଜରିମାନା

**ନୟାଗଡ଼,୭।୫(ଲୋକନାଥ ମିଶ୍ର)**

- ନୟାଗଡ଼ ଜିଲା ଖାଉଟି ଅଦାଲତର ରାୟ
- ଟ୍ରକ ଲୋନ୍‌ଧାରୀଙ୍କୁ ହାରାସ୍‌ମେଣ୍ଟ ମହଙ୍ଗା ପଡିଲା

ଟ୍ରକ୍ ଋଣଧାରୀଙ୍କୁ ହଇରାଣ କରିବା ମହଙ୍ଗା ପଡ଼ିଛି। ଏଭଳି ଏକ ଅଭିଯୋଗର ବିଚାର କରି ନୟାଗଡ଼ ଜିଲା ଖାଉଟି ଆୟୋଗର ସଭାପତି ଅଶୋକ କୁମାର ସେନାପତି ଓ ସଭ୍ୟ କରୁଣାକର ନାୟକ ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌କୁ ଋଣଧାରୀଙ୍କ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାରାସ୍‌ମେଣ୍ଟ ବାବଦକୁ ୨୫ ହଜାର ଟଙ୍କା ପ୍ରଦାନ ପାଇଁ ଅର୍ଥ ଦଣ୍ଡ କରିଛନ୍ତି। ଏହି ନିର୍ଦ୍ଦେଶନାମା ପାଇବାର ୩୦ ଦିନ ଭିତରେ କ୍ଷତିପୂରଣ ଓ ହାରାସମେଣ୍ଟ ବାବଦ ଅର୍ଥରାଶି ନ ଦେଲେ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ଜରିମାନା ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଏନ୍‌ଓସି ତୁରନ୍ତ ଦେବା, ସିକ୍ୟୁରିଟି ଚେକ୍ ସହ ବାଉନସ୍ ଚେକ୍ ଫେରାଇବା ପାଇଁ ମଧ୍ୟ ବ୍ୟାଙ୍କକୁ ଅନୁରୂପ ନିର୍ଦ୍ଦେଶ ରହିଛି।

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଚାନ୍ଦପୁର ଥାନା ଚମ୍ପାଗଡ଼ ପଞ୍ଚାୟତ କଟକ ସହରର ଅଶୋକ କୁମାର ସେନାପତିଙ୍କ ସୂଚନା ଅନୁଯାୟୀ, ସେ ଏକ ଟ୍ରକ୍(ନଂ.ଓଡି୦୫ ଜେଡି ୨୮୪୯) ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ରୁ ଋଣ କରି ୨୦୧୭ରେ କିଣିଥିଲେ। ଟ୍ରକ୍‌ର ଦାମ୍ ୨୫ ଲକ୍ଷ ୨୭ ହଜାର ୮୨୭ ହୋଇଥିବାବେଳେ ସୁଧ ସହ ଏହା ୩୧ ଲକ୍ଷ ଟଙ୍କା ହୋଇଥିଲା। ଋଣ ପରିଶୋଧ ପାଇଁ ବ୍ୟାଙ୍କ ୪୭ଟି କିସ୍ତି କରିଥିଲା। କିସ୍ତି ପିଛା ୬୫ ହଜାର ୮୭୦ ଟଙ୍କା ଦେବାକୁ ଥିଲା। ତେବେ କରୋନା ପରେ କିସ୍ତି ପରିମାଣ ବଢ଼ି ୬୭ ହଜାର ୬୫୫ ହୋଇଥିଲା। ଅଶୋକ ୪୪ଟି କିସ୍ତି ଦେଇ ସାରିଥିବାବେଳେ ଅବଶିଷ୍ଟ ୩ଟି କିସ୍ତି ଦେଇପାରି ନ ଥିଲେ। ପରେ ବ୍ୟାଙ୍କର ପରାମର୍ଶ ଅନୁସାରେ ୩ଟି କିସ୍ତି ବାବଦକୁ ସୁଧ ମୂଳ ସହ ୨ ଲକ୍ଷ ୫୯ ହଜାର ଟଙ୍କା ୨୬।୧୦।୨୦୨୨ରେ ଡିପୋଜିଟ୍ କରିଥିଲେ। ଋଣ ପରିଶୋଧ ପରେ ବି ବ୍ୟାଙ୍କ ଅଶୋକଙ୍କୁ ଏନ୍‌ଓସି ଦେଇ ନ ଥିଲେ। ଏଣୁ ଅଶୋକ ନିଜର ଟ୍ରକ୍‌କୁ ଅନ୍ୟକୁ ବିକ୍ରି କରି ନ ପାରି ହଇରାଣ ହୋଇଥିଲେ। ପରେ ୮ ଜାନୁଆରୀ ୨୦୨୪ ଜିଲା ଖାଉଟି ଅଦାଲତରେ ଆଶ୍ରୟ ନେଲେ। ଅଶୋକ ଜିଲା ଖାଉଟି ଆୟୋଗରେ ଆଶ୍ରୟ ନେବା ପରେ ବ୍ୟାଙ୍କ ଅଶୋକଙ୍କଠାରୁ ନେଇଥିବା ୬ଟି ସିକ୍ୟୁରିଟି ଚେକ୍‌ରୁ ଗୋଟିକରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲେଖି ଚେକ୍ ବାଉନସ୍ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚେକ୍ ବାଉନସ୍ ଘଟଣାରେ କୋଲକତା କୋର୍ଟରେ କେଶ୍ କରିଥିଲେ। ଅଶୋକ ଜାମିନରେ ଅଛନ୍ତି। ନୟାଗଡ଼ ଜିଲା ଖାଉଟି ଅଦାଲତଙ୍କ ରାୟ ତାଙ୍କୁ ଆଶ୍ୱସ୍ତି ଦେଇଛି।

# ସ୍ତ୍ରୀଙ୍କୁ ମାଡ଼ ମାରି ଘର ଜାଳିଦେଲେ ସ୍ୱାମୀ

## ଘରପୋଡ଼ି ଦୃଶ୍ୟକୁ ଉପଭୋଗ କଲେ

**ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଦୁଙ୍ଗୁରା ପଞ୍ଚାୟତ ଅଧୀନ କିଶୋର ନଗର ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ନିର୍ଘୁମ ମାଡ଼ ମାରିବା ପରେ ନିଜ ଘରେ ନିଆଁ ଲଗାଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଗ୍ରାମର ମଧୁସୂଦନ ବାରିକଙ୍କ ସହ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କର ଝଗଡା ହେବା ପରେ ସ୍ୱାମୀଙ୍କଠାରୁ ମାଡଗାଳି ଖାଇ ଲକ୍ଷ୍ମୀପ୍ରିୟା ନିଜ ବାପଘର ସୋର ପଳାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମଧୁସୂଦନ ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରକାଶ କୁମାର ଲେଙ୍କାଙ୍କ ଫୋନକ୍ରମେ ଅଡା ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସବୁ କିଛି ସମ୍ପତ୍ତି ପୋଡ଼ି ଛାରଖାର ହୋଇସାରିଥିଲା। ଗାଁ ଲୋକଙ୍କୁ ଡାକି ଜିନିଷପତ୍ର ଉଦ୍ଧାର କରିବା ପରିବର୍ତ୍ତେ ମଧୁସୂଦନ ଘରପୋଡ଼ି ଦୃଶ୍ୟକୁ ଘର ଠାରୁ ଅନତି ଦୂରରେ ଥିବା ହନୁମାନ ମଣ୍ଡପ ଉପରେ ବସି ଉପଭୋଗ କରୁଥିଲେ।

# ବରୀ ବ୍ଲକ୍ କିରାଣିଙ୍କୁ ମାଡ଼ ମାରିଛନ୍ତି ବିଧାୟକ: ପୋଲିସ

**ଯାଜପୁର ଟାଉନ,୭।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

## ବ୍ଲକ୍ ଉପାଧ୍ୟକ୍ଷାଙ୍କ ଅଭିଯୋଗର ସତ୍ୟତା ନ ଥିବାରୁ ତଦନ୍ତ ବନ୍ଦ

ଯାଜପୁର ଜିଲା ବରୀ ବ୍ଲକ୍‌ର କିରାଣି ଅମର ରଞ୍ଜନ ନାୟକଙ୍କୁ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମାଡ଼ ମାରିବା ନେଇ ଯେଉଁ ଅଭିଯୋଗ ହୋଇଥିଲା, ତାହା ସତ୍ୟ ବୋଲି ପୋଲିସ ବୁଧବାର ଯାଜପୁର ପୋଲିସ ସ୍ପଷ୍ଟ କରିଛି। ଏକ ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଓ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ମିଳିତଭାବେ ଗଣମାଧ୍ୟମକୁ କହିଛନ୍ତି, ବରୀ ବ୍ଲକର କିରାଣି ନାୟକଙ୍କୁ ବିଧାୟକ ମଲ୍ଲିକ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ପରେ ମାଡ଼ ମାରିଥିଲେ ବୋଲି ଏପ୍ରିଲ ୩୦ ତାରିଖରେ ନାୟକ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୭୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ସତ୍ୟତା ଜଣାପଡ଼ିବା ପରେ ବିଧାୟକ ମଲ୍ଲିକ ଓ ତାଙ୍କ ସହଯୋଗୀ ସୋମନାଥ ଜେନା, ଭକ୍ତବନ୍ଧୁ ନାୟକ, ଅଭିନାଶ ବାରିକଙ୍କୁ ସର୍ତ୍ତମୂଳକ ନୋଟିସ ଦିଆଯାଇ ଛଡ଼ାଯାଇଛି ବୋଲି ଏସ୍‌ଡିପିଓ ମାଝୀ ପ୍ରକାଶ କରିଛନ୍ତି। ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନଗୋ ମାମଲା ପରିଚାଳନା କରୁଥିବାବେଳେ ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ ମାଝୀ ନେଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ବରୀ ବ୍ଲକ ଉପାଧ୍ୟକ୍ଷ ଅର୍ଚ୍ଚନା ନାୟକ କିରାଣି ନାୟକ ଓ ଅଶ୍ୱିନୀ କୁମାର ସାହୁଙ୍କ ନାମରେ ବରୀ ରାମଚନ୍ଦ୍ରପୁର ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ନଂ.୧୭୬/୨୫ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ତେବେ ଏହି ମାମଲାରେ କୌଣସି ସତ୍ୟାସତ୍ୟ ନ ଥିବାରୁ ଏହାର ତଦନ୍ତକୁ ବନ୍ଦ କରିଦିଆଯାଇଛି ବୋଲି ଏସ୍‌ଡିପିଓ ମାଝୀ ସୂଚନା ଦେଇଛନ୍ତି।

# ମାଜିଷ୍ଟ୍ରେଟଙ୍କୁ ଆକ୍ରମଣ ଘଟଣା: ୪ ଗିରଫ

**ବନ୍ଧମୁଣ୍ଡା/ରାଉରକେଲା,୭/୫ (ସୁବ୍ରତ ଡେ/ ସଙ୍ଗୀତା ଜେନା)**

ବନ୍ଧମୁଣ୍ଡା-ବରକାନୀ ଅଞ୍ଚଳରେ ଇସ୍ପାତ କାରଖାନା ପକ୍ଷରୁ ହେଉଥିବା ରେଳଲାଇନ୍ ନିର୍ମାଣକୁ ଗତ ଏପ୍ରିଲ ୧୯ ତାରିଖରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହି ସମୟରେ ଜେସିବି ଧକ୍କାରେ ସ୍ଥାନୀୟ ଯୁବକ ଏତୋ ଏକ୍କାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ରକରି ସେଠାରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଶ୍ରା ବ୍ଲକ ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାୟକ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୦୮/୨୫) ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାରେ ବନ୍ଧମୁଣ୍ଡା ଥାନା ପୋଲିସ ବୁଧବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନୀତା ତିର୍କି, କପାଟମୁଣ୍ଡା ସମିତି ସଭ୍ୟା ସୁଷମା ଓରାମ, ସ୍ଥାନୀୟ ବିସ୍ଥାପିତ ସଂଘ ନେତା ଡେମେ ଓରାମ ଏବଂ ଆଇନଜୀବୀ ଶୁଭୋଜିତ ବାନାର୍ଜୀ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନମରୁ ବାଳ ଜନନୀ,**
**ନମରୁ ବୁଢ଼ା ଘରଣୀ।**

ମା' ହିଁ ଶିଶୁର ଗୁରୁଦାୟିତ୍ୱ ବହନ କରିଥାଏ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମା' ହାତରେ ନ୍ୟସ୍ତ ଥିବାବେଳେ ବାଲ୍ୟ କାଳରେ ମାଆକୁ ହରାଇଥିବା ସନ୍ତାନ ଅବହେଳିତ ହେଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ବୃଦ୍ଧାବସ୍ଥାରେ ପତ୍ନୀକୁ ହରାଇଥିବା ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରିବା ସହ ଅନେକ ଦୁଃଖ କଷ୍ଟ ପାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଇ ଆଣି ଥୋଇ ଜାଣିଲେ,**
**ଚୋରି ବିଦ୍ୟା ଭଲ।**

କଥାରେ ଅଛି ନକଲ କରିବାକୁ ହେଲେ ଅକଲର ଆବଶ୍ୟକତା ରହିଛି। ଆଉ ଠିକ୍ ଭାବେ କରିଜାଣିଲେ ଚୋରି ବିଦ୍ୟା ମଧ୍ୟ ଭଲ। ସବୁ କାର୍ଯ୍ୟକୁ ଠିକ୍ ଭାବେ କରିପାରୁଥିବା ଚତୁର ବା ଚାଲାକ ଶ୍ରେଣୀର ବ୍ୟକ୍ତି ଯେ କୌଣସି ବୃତ୍ତିରେ ହାତ ଦେଲେ ମଧ୍ୟ ସେଥିରେ ସଫଳତା ପାଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ଏଟିଏମ୍ ଲୁଟେରା, ୨ ଅଳଙ୍କାର ଚୋର ଗିରଫ

- ୫୧ ଏଟିଏମ୍ କାର୍ଡ, ୧.୨୦ଲକ୍ଷ ଟଙ୍କା, ୭୦ ଗ୍ରାମ ସୁନା, ୪କେଜି ୨୦୦ ଗ୍ରାମ ରୁପା ଅଳଙ୍କାର ଜବତ

**ଖୋର୍ଦ୍ଧା/ବାଲୁଗାଁ,୭।୫(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)**



ଜବତ ସୁନା,ରୁପା ଅଳଙ୍କାର (ବାମ)। ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ୩ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପରଗଣାର ଜଗନ୍ନାଥ ଘରଣୀ(୪୨), ରାଜୁ ବର୍ମନ(୩୨) ଏବଂ ରୋହିତ ଖାଁ(୨୪)। ଏମାନଙ୍କଠାରୁ ୫୧ଟି ଏଟିଏମ୍ କାର୍ଡ, ୨ଟି ମୋବାଇଲ ଫୋନ, ୧ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଛି। ପଶ୍ଚିମବଙ୍ଗରୁ ଆସି ଏମାନେ ବିଭିନ୍ନ ସ୍ଥାନରେ ଏଟିଏମ୍ କାଉଣ୍ଟରରେ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିଲେ। ସେହିପରି ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ସୁନାରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରି ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କାନପୁରର କାହ୍ନୁ ଦାଶ(୪୧) ଏବଂ ବାଲୁଗାଁ ଗୋପୀନାଥ ଛକରେ ରହୁଥିବା କାଳିଆ ଦାଶ(୨୩)। ଏମାନଙ୍କଠାରୁ ୭୦ଗ୍ରାମ ସୁନା ଏବଂ ୪କେଜି ୨୦୦ ଗ୍ରାମ ରୁପାଅଳଙ୍କାର ଜବତ ହୋଇଛି ବୋଲି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, କିଛିଦିନ ହେବ ଖୋର୍ଦ୍ଧା ଜିଲାରେ ଏକ ଲୁଟେରା ଗ୍ୟାଙ୍ଗ୍ ବିଭିନ୍ନ ସ୍ଥାନରେ ଏଟିଏମ୍ ପରିଚାଳନା ଜଣା ନ ଥିବା ବ୍ୟକ୍ତିବିଶେଷଙ୍କୁ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା, ଟାଙ୍ଗୀ, ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ପୋଲିସ ନଜର ରଖିଥିଲା। ଗତ ୫ ତାରିଖ ରାତି ୯ଟାରେ ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ନୀଳଗିରିପାଟଣା ଗ୍ରାମର ଅକ୍ଷୟ କୁମାର ଶ୍ରୀଚନ୍ଦନ ଜଙ୍କିଆ ଛଣଗିରି ରାସ୍ତାରେ ଅବସ୍ଥିତ ଏସ୍‌ବିଆଇ ଏଟିଏମ୍ ପଏଣ୍ଟକୁ ତାଙ୍କ ବାପାଙ୍କ ସହ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ୩ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅକ୍ଷୟ ଟଙ୍କା ଉଠାଇବା ବେଳେ ସେତେବେଳେ ଅଭିଯୁକ୍ତମାନେ ଅନ୍ୟ ଜଣଙ୍କଠାରୁ ଟଙ୍କା ଉଠାଇବା ପାଇଁ ଠକେଇ କରି ଏଟିଏମ୍ କାର୍ଡ ବଦଳାଇବାକୁ ଚେଷ୍ଟା କରୁଥିଲେ। ତାଙ୍କ ଉପରେ ସନ୍ଦେହ ହେବାରୁ ଅକ୍ଷୟ ତାଙ୍କୁ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇଥିଲେ। ଏନେଇ ଅକ୍ଷୟଙ୍କ ଅଭିଯୋଗକ୍ରମେ ଜଙ୍କିଆ ପୋଲିସ ଏକ ମାମଲା(ନଂ.୧୩୫/୨୫) ରୁଜୁକରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଧରିଥିଲା। ପଚରାଉଚୁରା ବେଳେ ସେମାନେ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ କୌଶଳକ୍ରମେ ଏଟିଏମ୍ କାର୍ଡ ବଦଳ କରି ଟଙ୍କା ଉଠାଉଥିବା ସ୍ୱୀକାର କରିଥିଲେ। ଏହି ଅଭିଯୁକ୍ତମାନଙ୍କ ନାମରେ ପୁରୀ ସମୁଦ୍ରକୂଳ ଥାନା, କଟକ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ, ଖୋର୍ଦ୍ଧା ନାତୁଣୀ ଥାନାରେ ୩ଟି ଏବଂ ବାଣପୁର ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଗତ ଶୁକ୍ରବାର ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନ ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତମାନେ ୨୦୦ ଗ୍ରାମ ସୁନା, ୫କେଜି ରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରିକରି ନେଇଥିଲେ। ଏନେଇ ଦୋକାନ ମାଲିକ ଲକ୍ଷ୍ମୀଧର ନାୟକଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା(ନଂ.୧୨୯/୨୫)ରୁଜୁ କରିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ଆଧାର କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରଜିତ ପାଲସିଂହ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଥାନାଧିକାରୀ ଜୟ ପ୍ରକାଶ ପରିଡ଼ା, ଜଙ୍କିଆ ଥାନାଧିକାରୀ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଦାମରେ ବିସ୍ଫୋରଣ ଘଟଣା

# ବାଣ ତିଆରି ପାଇଁ ନ ଥିଲା ଲାଇସେନ୍ସ

**ଭଦ୍ରକ,୭।୫ (ସନାତନ ରାଉତ)**


ବାଣ ଗୋଦାମ ସିଲ୍‌ବେଳେ ଉପସ୍ଥିତ ଅଧିକାରୀ।

ଭଦ୍ରକ ପୌରପାଳିକା ଅଧୀନ ୨୫ ନଂ. ୱାର୍ଡର ହଳଦୀଡିହ ବାଇପାସ୍‌ଠାରେ ମଙ୍ଗଳବାର ସକାଳେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟଣାର ତଦନ୍ତ ପରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହି ଗୋଦାମ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ଧରି ଏଠାରେ ଚାଲୁଥିବା ବେଳେ କେବଳ ବାଣ ରଖିବା ଓ ବିକ୍ରି କରିବା ପାଇଁ ଲାଇସେନ୍ସ ଥିଲା। କିନ୍ତୁ ବାଣ ତିଆରି ପାଇଁ କୌଣସି ଲାଇସେନ୍ସ ନ ଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି। ବିନା ଲାଇସେନ୍ସରେ ବାଣ ତିଆରି କରିବା, ନାବାଳକଙ୍କୁ ବାଣ ତିଆରି କାମରେ ଲଗାଇବା ଆଦି ଅପରାଧ ନେଇ ପୋଲିସ ନିଜ ଆଡୁ ପୁରୁଣାବଜାର ସବ୍‌ଇନ୍ସପେକ୍ଟର ସ୍ମୃତିରେଖା ସ୍ୱାଇଁଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ରାତିରେ ଏକ ମାମଲା (ନଂ ୧୦୭/୨୫) ରୁଜୁ କରିଛି। ଅପରପକ୍ଷେ ଗୋଦାମ ମାଲିକ ଫେରାର ଅଛନ୍ତି। ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାର ତଦନ୍ତ ଚାଲିଛି। ଜଳି ଯାଇଥିବା ଗୋଦାମ ସାମ୍ନାରେ ଥିବା ଅନ୍ୟ ୩ଟି ଘରୁ ବାଣ ଓ ବାଣ ତିଆରିରେ ବ୍ୟବହୃତ ସାମଗ୍ରୀ ଜବତ କରାଯିବା ସହ ଗୃହ ସିଲ୍ କରାଯାଇଥିବା ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

ପ୍ରକାଶ ଯେ, ବାଣ ଗୋଦାମରେ ବିସ୍ଫୋରଣ ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। କଟକରୁ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ମଙ୍ଗଳବାର ରାତି ୯ଟାରେ ହଳଦୀଡିହ ବାଇପାସ୍‌ଠାରେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରାଯାଇଥିଲା। ପୌରାଧକ୍ଷା ଗୁଲମକ୍କୀ ହବିବ, ଯୁବନେତା ଜାହିଦ୍ ହବିବ୍, କାଉନସିଲର ଶେଖ ସାହିଲ କାଦ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାର ଲୋକଙ୍କୁ ଚାକିରି ଦିଆଯିବା ସହ ଗୋଦାମ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜିଲାପାଳଙ୍କଠାରୁ ଜାଣିବା ପରେ ରାସ୍ତାରୋକୋ ହଟିଥିଲା। ଶ୍ରମିକ ରହିତୁନ୍ ବିବିଙ୍କ ମୃତ୍ୟୁ ପରେ ତାଙ୍କ ୩ ଝିଅ ଓ ଗୋଟିଏ ପୁଅ ବେସାହାରା ହୋଇଯାଇଛନ୍ତି। ୩ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ତାଙ୍କ ମୃତ୍ୟୁ ପରେ ପିଲାମାନଙ୍କ ପ୍ରତିପୋଷଣ ମୁଖ୍ୟ ସମସ୍ୟା ବୋଲି ପୌରାଧକ୍ଷା ହବିବ୍ କହିଛନ୍ତି। ଅନ୍ୟ ୩ ଗୁରୁତର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ପୂର୍ବରୁ ଏହି ଗୋଦାମରେ ବିସ୍ଫୋରଣ ଘଟି ଏକାଧିକ ଶ୍ରମିକ ପ୍ରାଣ ହରାଇଥିବା ବେଳେ ସେତେବେଳେ ମଧ୍ୟ ଥାନାରେ ମାମଲା ରୁଜୁ ହୋଇଥିଲା। ତା'ପରେ ମଧ୍ୟ ବାଣ ତିଆରି ଲାଇସେନ୍ସ ନ ଥାଇ ସେଠାରେ ବାଣ ତିଆରି ହେଉଥିବା ପୋଲିସ ପ୍ରଶାସନ କିପରି ଜାଣିପାରିଲା ନାହିଁ ବୋଲି ଯୁବନେତା ଜାହିଦ୍ ହବିବ ପ୍ରଶ୍ନ କରିଛନ୍ତି।

## ନିଜ ଆଡୁ ମାମଲା ରୁଜୁ କଲା ପୋଲିସ

**ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଟେକାମାଡ଼**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା): ରାୟଗଡ଼ା ରେଳ ଷ୍ଟେଶନ ନିକଟବର୍ତ୍ତୀ ଲାଡ଼ା ଷ୍ଟେଶନଠାରେ ବୁଧବାର ଅପରାହ୍ନ ୫ଟାରେ ବିଶାଖାପାଟଣାରୁ ରାୟପୁର ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ କେହି ଟେକାମାଡ କରିଛନ୍ତି। ଫଳରେ ଟ୍ରେନ୍‌ର ୧୭୨୯ ଓ ୧୭୩୧ ନମ୍ବର କୋଚ୍‌ର ଝରକା କାଚରେ ଫାଟ ସୃଷ୍ଟି ହୋଇଛି। ଖବରପାଇ ରେଳ କର୍ତ୍ତୃପକ୍ଷ ଓ ଆର୍‌ପିଏଫ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ରେଡ୍‌କ୍ରସ୍‌ର ଜନ୍ମଜାତକ



## ଆଜି ବିଶ୍ୱ ରେଡ୍‌କ୍ରସ୍ ଦିବସ

ସୁଇଜରଲାଣ୍ଡ ଜେନେଭା ସହରର ଜଣେ ବ୍ୟବସାୟୀ ଇଟାଲୀର ଲୋମ୍ବାର୍ଡି ଅଞ୍ଚଳକୁ ୧୮୫୯ ଜୁନ୍‌ରେ ଯାଇଥିଲେ। ବ୍ୟବସାୟୀ ଜଣକ ଉତ୍ତର ଇଟାଲୀର କାଷ୍ଟିଗ୍ଲିୟନ୍‌ଡିଲା ସହରର ହୋଟେଲରେ ରାତ୍ରିଯାପନ କଲେ। ସାଲଫାରିନୋ ନାମକ ଛୋଟ ସହର ନିକଟରେ ଘମାଘୋଟ ଯୁଦ୍ଧର ଗୁଳିଗୋଳା ଶବ୍ଦରେ ତାଙ୍କର ନିଦ ଭାଙ୍ଗିଗଲା। ଏକ ପକ୍ଷରେ ଅଷ୍ଟ୍ରିଆ ରାଜା ଫ୍ରାନ୍‌ସିସ୍ ଜୋସେଫଙ୍କ ସୈନ୍ୟଦଳ ଅନ୍ୟପକ୍ଷରେ ଫରାସୀ ଶାସନ ତୃତୀୟ ନେପୋଲିୟନ୍ ସାର୍ଡିନିଆର ସହଯୋଗରେ ପ୍ରସ୍ତୁତ ସୈନ୍ୟସାମନ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା। ଯୁଦ୍ଧରେ ହଜାର ଅଫିସର ଓ ପଚାଶହଜାର ସୈନ୍ୟ ପ୍ରାଣ ହରାଇଲେ। ସହସ୍ରାଧିକ ଆହତ ହେଲେ। ବ୍ୟବସାୟୀ ଜଣକ ଏ ପରିସ୍ଥିତି ଦେଖି ଧୈର୍ଯ୍ୟଧରି ରହି ପାରିଲେ ନାହିଁ। ସେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଯାଇ ମହିଳା, ପୁରୁଷ କିଶୋର-କିଶୋରୀମାନଙ୍କୁ ଏକତ୍ରିତ କଲେ। ସେମାନଙ୍କ ସହାୟତାରେ ଆହତମାନଙ୍କର ଚିକିତ୍ସା ଆରମ୍ଭ କଲେ। ମୃତପ୍ରାୟ ବ୍ୟକ୍ତି ନିକଟରେ ବାଇବେଲ ପାଠକଲେ। ସେମାନଙ୍କ ପରିବାର ନିକଟକୁ ପତ୍ରଲେଖି ଖବର ପ୍ରେରଣ କଲେ। ଦିନକୁ ଦିନ ଆହତମାନେ ସୁସ୍ଥହେଲେ। ବ୍ୟବସାୟୀଜଣକ ନିଜସହର ଜେନେଭା ଫେରିଲାପରେ ଅମାନବୀୟ ଯୁଦ୍ଧର ବିଭୀଷିକା ଓ ଯୁଦ୍ଧକ୍ଷେତ୍ରରେ ଆହତମାନଙ୍କ ସେବାପାଇଁ କେତେକ ପ୍ରସ୍ତାବକୁ ଲିପିବଦ୍ଧ କରି ୧୮୮୨ରେ 'ସାଲଫରିନୋସ୍ମୃତି' ନାମକ ଏକ ପୁସ୍ତକ ପ୍ରକାଶକରି ସମ୍ବେଦନଶୀଳ ୟୁରୋପୀୟମାନଙ୍କ ହୃଦୟ ଜୟ କରିପାରିଥିଲେ।

୧୮୬୩ରେ ଜେନେଭା ଜନମଙ୍ଗଳ ସମିତିର ସଭାପତି ଗୁସ୍ତାଭ ମୋନିରଙ୍କ ସମେତ ଜେନେରାଲ ଗୁଇଲାମ୍ ଡୁଫର, ଡାକ୍ତର ଥିଓଡର, ମୋନିର, ଡାକ୍ତର ଦୁଇ ଆପିୟାଙ୍କୁ ନେଇ ପାଞ୍ଚଜଣିଆ କମିଟି ଗଠନ କରାଗଲା। ସେତେବେଳେ ଏହାର ନାମ ରଖାଗଲା International Committee for relief of the wounded Commandants in Warfare। ପରବର୍ତ୍ତୀ ସମୟରେ ୧୯୬୪ ଅଗଷ୍ଟ ୮ରେ ୧୬ଟି ସ୍ୱାଧୀନ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ୧୫ ଦିନ ପର୍ଯ୍ୟନ୍ତ ଅନେକ ଆଲୋଚନା ପରେ ଏକ ପ୍ରସ୍ତାବ ଗୃହୀତ ହେଲା। ପୃଥିବୀର ଯେକୌଣସି ଅଞ୍ଚଳରେ ଯୁଦ୍ଧହେଲେ ଯୁଦ୍ଧଭୂମିର ଆହତ ସୈନିକମାନଙ୍କୁ ସାହାଯ୍ୟ ଓ ସେବାକରିବା ପାଇଁ ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ଦାୟିତ୍ୱ ନେବ ଏବଂ ସମିତିର ନାମରହିବ 'ଅନ୍ତର୍ଜାତୀୟ ରେଡକ୍ରସ୍ ସମିତି'। ଦୀର୍ଘ ଏକାର୍ଦ୍ଧ ଶତରୁ ଅଧିକ ବର୍ଷ ବ୍ୟାପୀ ଅନ୍ତର୍ଜାତୀୟ ସ୍ତରର ସେବାଦଳର ପରିଚୟ ନେଇ ସମସ୍ତ ଦେଶରେ ସେବାଯୋଗାଇ ଆସୁଥିବା ରେଡକ୍ରସ୍‌ର ଜନକ ସୁଇଜରଲାଣ୍ଡର ବ୍ୟବସାୟୀ ଆଉକେହି ନୁହନ୍ତି ସେ ହେଲେ ଜନ୍ ହେନେରିଡୁନାଣ୍ଟ। ୧୮୨୮ ମେ' ୮ରେ ସେ (ପିତା ଜାକୁଇସି ଓ ମାତା ଆଣ୍ଟୋନେଣ୍ଟୋକାଲାଡନ୍) ଜେନେଭା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମତିଥିକୁ ଏ ମାଟି "ରେଡ୍‌କ୍ରସ୍"ର ଜନ୍ମଦିନଭାବେ ପାଳନ କରିଆସୁଛି। ଏ ଦିବସ ଅବସରରେ ଚଳିତ ବର୍ଷର ଥିମ ରହିଛି-'Keeping Humanity Alive: Hope, Help, Heal'। ମାନବିକତା, ନିରପେକ୍ଷତା, ଅପକ୍ଷପାତିତାକୁ ଅଙ୍ଗୀକାର କରି ସ୍ୱାଧୀନ ତଥା ସ୍ୱେଚ୍ଛାସେବୀ ଭାବରେ ବିଶ୍ୱବ୍ୟାପକତ୍ୱକୁ ପ୍ରତିପାଦିତ କରୁଥିବା ଏହି ରେଡ୍‌କ୍ରସ୍‌ର ମୂଳମନ୍ତ୍ର ହେଲା ସେବା, ସ୍ୱାସ୍ଥ୍ୟ ଓ ବିଶ୍ୱବନ୍ଧୁତା।

**-ଡା. ଅନନ୍ତ ଆଚାର୍ଯ୍ୟ,** ଉପନିର୍ଦ୍ଦେଶକ, ଆୟୁଷ ବିଭାଗ

### ସେବା ମନୋବୃତ୍ତି ରହିବା ଦରକାର




ରେଡ୍‌କ୍ରସ୍ କାମ ସହ ମୁଁ ଦୀର୍ଘ ୩୫ ବର୍ଷ ହେଲା ଜଡିତ। ଲୋକମାନଙ୍କୁ ଜରୁରିକାଳୀନ ସହାୟତା କରିବା ଆମର କାମ। ଏଥିରୁ ମୋତେ କେବଳ ଆନନ୍ଦ ମିଳେନା ଆଗକୁ ଆଗେଇବାର ପ୍ରେରଣା ମଧ୍ୟ ମିଳିଥାଏ। ଆମ ଭିତରେ ଯଦି ସେବା ମନୋବୃତ୍ତି ରହିଲା ତେବେ ସମାଜରେ ଅନେକ ପରିବର୍ତ୍ତନ ଆସିପାରିବ।

**-ଅଶ୍ୱିନୀ ପ୍ରସାଦ** (ଜଏଣ୍ଟ ସେକ୍ରେଟାରି, ଆଜୀବନ ସଦସ୍ୟ, ଆଇଆର୍‌ସିଏସ୍, ଜିଲା ଶାଖା, ସୁନ୍ଦରଗଡ଼)

# ଜନସଚେତନତାର ଆବଶ୍ୟକ ରହିଛି

## ଆଜି ବିଶ୍ୱ ଥାଲାସେମିଆ ଦିବସ




ଥାଲାସେମିଆ ଏକ ବଂଶଗତ ରକ୍ତଜନିତ ରୋଗ। ଆମ ସମସ୍ତଙ୍କ ରକ୍ତରେ ରହିଛି ଆର୍‌ବିସି ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'- ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ଆଲଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲଫା ଗ୍ଲୋବିନ୍ ଚେନ୍ କି ବିଟା ଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସେମିଆ'। ଥାଲାସେମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାର ଏକାଧିକ ବ୍ୟକ୍ତ ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ। ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି- ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ। ଥାଲାସେମିଆ ମେଜର ବା ବିଟା ଥାଲାସେମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ଥାଲାସେମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସେମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସେମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** ବରିଷ୍ଠ ଭେଷଜ ବିଶେଷଜ୍ଞ, କଟକ

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ମେ ୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଥାଲାସେମିଆ ଦିବସ'। ଏହି ଦିବସରେ ଉକ୍ତ ରୋଗ ସମ୍ପର୍କରେ ସୂଚନା ଦେବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-' ଥାଲାସେମିଆ ପାଇଁ ଏକତ୍ର ହେବା: ଥାଲାସେମିଆ ରୋଗୀଙ୍କୁ ଅଗ୍ରାଧିକାର ଦେବା'। ଥାଲାସେମିଆ ଏକ ରକ୍ତଜନିତ ରୋଗ। ତେଣୁ ଥାଲାସେମିଆ ରୋଗୀଙ୍କୁ କିପରି ଠିକ୍ ଭାବରେ ଚିକିତ୍ସା କରାଯାଇ ପାରିବ ସେ ନେଇ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏ ନେଇ ଜନସାଧାରଣ ସଚେତନ ହେଲେ ଏହି ରୋଗଜନିତ ମୃତ୍ୟୁ ହାରକୁ କେତେକାଂଶରେ ରୋକାଯାଇପାରିବ।

# କୃଷି ମନ୍ତ୍ରଣାଳୟକୁ ମିଳୁନି ରାଜ୍ୟ ଉତ୍ତର

## ଶସ୍ୟ ଦର ବଢ଼ିବା ପ୍ରସଙ୍ଗ

ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଅହରହ ଉଦ୍ୟମ କରୁଛନ୍ତି। ହେଲେ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯେଭଳି ଆନ୍ତରିକତାର ସହ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା କଥା ସେଥିରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ଯାହାଫଳରେ ଅନେକ ସମୟରେ ଯୋଜନାର କାର୍ଯ୍ୟାନ୍ୱୟନ ସୁଚାରୁରୂପେ ସମ୍ପାଦନ ହୋଇପାରୁନାହିଁ। ଏହିଭଳି ଏକ ଘଟଣା କୃଷି ବିଭାଗ କାର୍ଯ୍ୟକାରିତାରୁ ଜଣାପଡ଼ିଛି।

ଚଳିତ ୨୦୨୫-୨୬ ବର୍ଷ ଖରିଫ ଶସ୍ୟ ଲାଗି ସହାୟକ ଦର ନିର୍ଦ୍ଧାରଣ କରାଯିବ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ାଯାଇଥିଲା। ଏମିତିକି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ସୁଚିନ୍ତିତ ମତାମତ ଦେବାକୁ କୁହାଯାଇଥିଲା। ହେଲେ ଇତିମଧ୍ୟରେ ୪୫ ଦିନ ବିତିଯାଇଥିଲେ ବି କୃଷିବିଭାଗ ପକ୍ଷରୁ ମତାମତ ପଠାଯାଇପାରୁନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଦେବେଶ ଚତୁର୍ବେଦୀ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଚଳିତ ଖରିଫ୍ ଲାଗି ଶସ୍ୟର ସହାୟକ ଦର ନୀତି ନିର୍ଦ୍ଧାରଣ କରାଯିବ। ଏଥିପାଇଁ ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ମତାମତ ନିଶ୍ଚିତ ପଠାଇବା ଆବଶ୍ୟକ। ଯଦି ଏହି ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ମତାମତ ନ ଆସେ, ତେବେ କମିଶନ ଫର୍ ଏଗ୍ରିକଲ୍‌ଚର କଷ୍ଟ୍‌ସ ଆଣ୍ଡ ପ୍ରାଇସ୍(ସିଏସିପି) ସୁପାରିସ ସହ ରାଜ୍ୟ ସରକାର ସହମତ ବୋଲି ଧରାଯିବ। ନଚେତ୍ କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ସମୟରେ ରିପୋର୍ଟ ଗ୍ରହଣ କରାଯିବ। ଭାରତ ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଖରିଫ ଶସ୍ୟର ବଜାରଦର ସମ୍ପର୍କରେ ସିଏସିପି ରିପୋର୍ଟ ପ୍ରକାଶ ପାଇନାହିଁ ସେପର୍ଯ୍ୟନ୍ତ ଏହି ତଥ୍ୟକୁ ଲୁକ୍କାୟିତ ରଖିବାକୁ ସଚିବ ଦେବେଶ ଦର୍ଶାଇଥିଲେ।

କେନ୍ଦ୍ର କୃଷି ସଚିବଙ୍କ ନିର୍ଦ୍ଦେଶକୁ ନେଇ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ସ୍ୱତନ୍ତ୍ର ସଚିବ ଡି.କେ. ପରିଡ଼ା ଜଳସମ୍ପଦ ବିଭାଗ ସହ ସମବାୟ, ରାଜସ୍ୱ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଦ୍ୟାନ କୃଷି, ଓୟୁଏଟି, ଓଇଆର୍‌ସି, ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହ କମିଟିଠାରୁ ତ୍ୱରିତ ମତାମତ ଲୋଡ଼ିଥିଲେ। ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୧ରେ ଅବଗତ କରାଯାଇଥିବାବେଳେ ୨୫ରେ ମଧ୍ୟ ପତ୍ର ଲେଖି ଏହାକୁ ଅତ୍ୟନ୍ତ ଜରୁରୀ(ଏକ୍ସଟ୍ରିମ୍‌ଲି ଅର୍ଜେଣ୍ଟ) ବୋଲି ପତ୍ରରେ ଦର୍ଶାଯାଇଥିଲା। ସେଥିରେ କେଉଁ ନିର୍ଦ୍ଦେଶାଳୟ କି ପ୍ରକାର ବିବରଣୀ ଦେବେ ତାହା ମଧ୍ୟ ଉଲ୍ଲେଖ ରହିଥିଲା। ହେଲେ ଏପର୍ଯ୍ୟନ୍ତ କେତେକ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଚାଷୀ ପ୍ରସଙ୍ଗକୁ କେବଳ ପତ୍ରାଳାପରେ ସୀମିତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏନେଇ ମେ'୨ରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବାବେଳେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ମିଳି ନ ଥିବା ବିଭାଗୀୟ ଅନୁସନ୍ଧାନରୁ ଜଣାପଡ଼ିଛି।

# ରୁଷିଆ ଦୂତାବାସରେ ବିଜୁଙ୍କ ସ୍ମାରକୀ ଉନ୍ମୋଚିତ

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ନାଜିବାଦ ବିରୋଧରେ ରୁଷିଆର ବିଜୟର ୮୦ତମ ବାର୍ଷିକ ଉତ୍ସବ ପାଳନ ଆରମ୍ଭ ହୋଇଯାଇଛି। ଏଥିଲାଗି ଆସନ୍ତା ୯ରେ ମସ୍କୋରେ ବିକାଶ ଆୟୋଜନ ଚାଲିଛି। ଏହି ଆୟୋଜନରେ ରୁଷିଆ ଜଣେ ଓଡ଼ିଆ ଭାବେ ବିଜୁ ପଟ୍ଟନାୟକଙ୍କ ଅବଦାନକୁ କୃତଜ୍ଞତାର ସହ ମନେପକାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ନୂଆଦିଲ୍ଲୀସ୍ଥିତ ରୁଷିଆ ଦୂତାବାସରେ ଗୁଞ୍ଜରିତ ହୋଇଛି। ରୁଷିଆ ହାଉସର ବର୍ଣ୍ଣାଢ଼୍ୟ ପରିବେଶରେ ଷ୍ଟାଲିନ୍‌ଗ୍ରାଡ୍ ଅଭିଯାନରେ ବିଜୁବାବୁଙ୍କ ଅବଦାନକୁ ମନେପକାଇ ବୁଧବାର ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇଛନ୍ତି। ନବୀନ ଭାରତରେ ରୁଷିଆର ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭଙ୍କ ଉପସ୍ଥିତିରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
OHPC
AT/PO- BARINIPUT, DIST-KORAPUT - 764006, ODISHA
PHONE:(06854)242001, FAX:(06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**TENDER CALL NOTICE NO.UKHEP-06/2025-26, DATED 30.04.2025**

**No.CAD-339:** Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/ Authorised dealers for "Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput.

| Sl. No. | Description of Work | Cost of tender paper in Rs. (Non-refundable) | EMD in Rs. (Re-fundable) |
|---|---|---|---|
| 1 | "Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput. | Rs.11,800/- (Rs.10,000/-+ 18% GST) | Rs.73,000/- |

The Sale of Tender paper will be from : 10.00 Hr. of Dt.09.05.25 to 11.00 Hrs. of Dt.26.05.2025
The Last date & time of receipt of Tender : Upto **12.00 Hrs. of Dt.26.05.2025**
The date & time of opening of tender : At **12.30 Hrs. of Dt.26.05.2025**
For details of the tender documents, terms and conditions, Eligibility criteria and downloading, please refer our website www.ohpcltd.com.

Sd./- C & P Head,
Upper Kolab H.E.Project, Bariniput
OIPR-04002/11/0080/2526



**OFFICE OF PANCHAYAT SAMITI, HATADIHI**
Bid Identification No. : DTCN No.-01/Hatadihi/2025-26
No.i-82 No.2794/DEV/Dtd. 05.05.2025

1. The Block Development Officer, Hatadihi invites sealed Percentage Rate tenders in single cover system only on behalf of Govt of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/ MI / CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice.
2. The tender papers(including Tender call Notice, Approved Tender Schedule & DTCN) will be available in the official web site http//:kendujhar.odisha.gov.in from Dt 09.05.2025 to 20.05.2025 and can be downloaded from the website.
3. Bids shall be received by this Agency up to 1.00 P.M. on date 22.05.2025 through Registered Post/ Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
4. The Bid will be opened on Dt 23.05.2025 at 11.00 A.M. in the office of the undersigned in the presence of the members of the Block Tender committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

Sd./- Block Development Officer, Hatadihi
OIPR-19084/11/0006/2526



**Office of the Superintendent**
**Sardar Vallavbhai Patel Post Graduate Institute of Pediatrics**
Health & F.W. Department, Govt. of Odisha
Cuttack-753002, Tel/Fax : 0671-2508978
E-Mail ID - svppgip_cuttack@rediffmail.com
www.svppgip.org
Letter No. : 2722/SVPPGIP, Cuttack Date : 05.05.2025

**TENDER CALL NOTICE**

**No.E-71** : The Superintendent SVPPGIP, Cuttack invites sealed tenders from interested reputed travel agencies/Tour operators/Private individuals for commercial use for providing 01 no's of Zest/Tigor/Swift Dzire/Xcent/Etios make AC petrol driven vehicles having sitting capacity not more than 05 no's including driver, which shall conform to the terms and conditions for official use for the Superintendent, SVPPGIP, Cuttack on monthly rent basis to this institute during the year 2025-26 & 2026-27. The last date of receipt of sealed tender by this office will be on or before Dt.28/05/2025 up to 05 P.M. The bid will be received by Regd. post/Speed post only. The bid will be two bid systems the technical bid and price bid. The detail list of items with term and condition can be found in tender paper which will be available from the office website **www.svppgip.org**. The firms have to download the tender paper from the office website. The tender paper cost of Rs.1000/- in the form of BD to be submitted along with technical bid. The Bidders should specifically super scribe, **"HIRING OF THE FOUR WHEELER VEHICLE FOR THE SUPERINTENDENT, SVPPGIP, CUTTACK (OFFICIAL USE)"** on the top of the outer envelope.

Sd./- Superintendent SVPPGIP, Cuttack
OIPR-10176/11/0018/2526



**GOVERNMENT OF ODISHA** No.O-131
**OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH**
"e" Procurement Notice for Building Works
Identification No.Online Tender/ 01/RWD-II/2025-26
E-Mail: nayagarhrw2@yahoo.in

1. Name of the Work: Construction of Building Works. 2. Total Number of Works: 7 Nos. 3. Approx. Estimated Cost: Rs.63.03 to Rs.64.99 Lakhs. 4. Class of Contractor: B Class of Contractor. 5. Period of Completion: 6 Months. 6. Other details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date and Time of Opening | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | Dt.16.05.2025 at 10.00 A.M. | Dt.30.05.2025 at 05.00 P.M. | Dt.30.05.2025 upto 5.00 P.M. | Dt.31.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR-25144/11/0011/2526 Sd./- Executive Engineer, R.W.Division-II, Nayagarh



**BHUBANESWAR DEVELOPMENT AUTHORITY BHUBANESWAR**
AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at : http://www.bda.gov.in
RFP No.482 Date : 05.05.2025

**No.CAD-337** : Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the work: **"SELECTION OF AN AGENCY FOR PROVIDING TEMPORARY LIGHTING ON HIRE / RENTAL BASIS FOR THE BEAUTIFICATION OF STREETS AT VARIOUS LOCATIONS AND B.D.A. OFFICE BUILDING'S IN BHUBANESWAR FOR DIFFERENT OCCASIONS"**. The RFP documents will be available in the website: https://tendersodisha.gov.in from **Dtd. 08.5.2025 to 17.5.2025 up to 5.00 P.M.** The last date of receipt of proposals in online mode is up to **5.00 P.M. on Dtd. 19.5.2025** and the RFP will be opened at **11.30 A.M. on Dtd. 20.5.2025** in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website https://tendersodisha.gov.in for further details. Any addendum / corrigendum / cancellation of RFP can be seen in this website only.

Sd./- Executive Engineer
Division No-IV, BDA
OIPR-13033/11/0290/2526



**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//01//SERWDG-I//2025-26
No.O-130 E-mail: eerw_gm1@yahoo.co.in
Letter No.2627// RWDG-I//BAM//Date:05.05.2025

| | | | |
|---|---|---|---|
| 1. | Name of the Work | :: | Road Work |
| 2. | Estimated Cost | :: | Rs.58.82 Lakhs |
| 3. | Period of Completion | :: | 03 (Three) Calendar Months as shown in Column No.06 of Annexure. |
| 4 | Date & Time of Availability of Bid documents in the portal | :: | From 08.05.2025 at 11.00 AM to 27.05.2025 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 27.05.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Additional Chief Engineer
R.W.Division-I, Ganjam, Berhampur
OIPR-25085/11/0026/2526



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ. 671 (SIOS) ତା.06.5.25 ରିଖ

**STATE OPEN SCHOOL CERTIFICATE (SOSC)-2025 (2ND)**
**ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା**

No.N-42:ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2025 (2ND) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା । ଏହି ଫର୍ମ ପୂରଣର ପ୍ରକ୍ରିୟା ONLINE ମାଧ୍ୟମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centre ର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ ।

୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ- ଫର୍ମ ପୂରଣ ଏବଂ Final Submission ତା.14.05.2025 ରିଖ ଠାରୁ ତା.26.05.2025 ରିଖ 11.45 PM ମଧ୍ୟରେ କରିବାକୁ ହେବ ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା.29.05.2025 ରିଖ ସୁଦ୍ଧା ଦାଖଲ କରିବେ ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step By Step Instructions ପରିଷଦର ନିଜସ୍ୱ website "www.bseodisha.ac.in" ରେ ଉପଲବ୍ଧ ହେଉଅଛି । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ । Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ ।
୪. ଫର୍ମ ପୂରଣ କରିବା ପାଇଁ Link "www.bseodisha.ac.in" ରେ ଉପଲବ୍ଧ ହେବ ।

ସ୍ୱା./- ସମ୍ପାଦକ
OIPR-27004/11/0081/2526



**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR** No.KK-33
"e-Procurement Notice No.01/2025-26

| | | | |
|---|---|---|---|
| 1 | Name of the work | : | Different works inside OUAT Campus Bhubaneswar |
| 2 | Total no. of Work | : | 04 Nos. |
| 3 | Estimated cost | : | Rs.24.71 lakh to 82.50 lakh approximate |
| 4 | Class of Contractor | : | As per DTCN |
| 5 | Period of Completion | : | As per DTCN |
| 6 | Type of tender | : | Single/Double Cover system |
| 7 | Date and Time of availability of Bid documents in the portal | : | From Dt.09.05.2025 to 17.00 hrs of dt.23.05.2025 |
| 8 | Last date/Time for receipt of bids in the portal | : | Dt.23.05.2025 upto 17.00 hrs |
| 9 | Submission of Original documents (TP cost, EMD, Affidavit etc as per DTCN) | : | During office hours from dt. 26.05.2025 and dt.28.05.2025 upto 17.00 hrs in the office of the undersigned |
| 10 | Date of opening of Bid (Cover-I) through online | : | Dt.29.05.2025 at 11.30 hrs in the office of the undersigned |
| 11 | Name & address of the O.I.T (Officer Inviting tender) | : | Director of Physical Plants, OUAT, BBSR |

Further details can be seen from the e-procurement portal https://tendersodisha.gov.in.
**N.B. Subsequent corrigendum/addendum if required shall be available in the website as indicated above.**

Sd./- Director of Physical Plants
OUAT, Bhubaneswar
OIPR-01554/11/0014/2526



See Career Appointment on every Wednesday & Saturday



**REVENUE AND DISASTER MANAGEMENT DEPARTMENT GOVERNMENT OF ODISHA**
No. RDM-LRB-POLICY-0002-2024-17022/R&DM, dated 06 May 2025
**Expression of Interest for Engagement of Legal Consultancy Agency for Legislative Reforms in Revenue Laws and related matters**

**No.D-46** : Revenue and Disaster Management Department, Government of Odisha invites Expression of Interest through EoI from eligible Legal Consultancy Agencies for Policy Matters related to Legislative Reforms in Revenue Laws and related matters.

Eligible consultancy Agencies having desired qualification and experience as per Terms of Reference(ToR) may apply. "EoI" document must be delivered in the address given below through Speed Post / Registered Post to **The Under Secretary, LR Branch, Revenue & Disaster Management Department, Lok Seva Bhawan, Bhubaneswar, Odisha, PIN - 751001**. Submission of "EoI" in any other mode is not acceptable. The last date for receipt of "EoI" is 16.06.2025 upto 17:00 Hours. The EoI will be opened on 17.06.2025 at 11.30 A.M. Hours. (Venue: Conference Hall of R&DM Department) in presence of the bidders or their authorised representative.

The authority in no way will be responsible for any postal delay. Detailed RFP will be issued to shortlisted agencies on the basis of EOI received by Speed Post / Registered Post & thereafter the selection procedure will be governed by Procurement guidelines of QCBS methodology with ratio of 80:20 weightage for Technical qualification and Financial quotation respectively. The details of EoI and ToR is available in website www.odisha.gov.in and https://revenue.odisha.gov.in/ under the weblink "Tender & Advertisement".

The authority reserves the rights to cancel the process at any stage without assigning any reason thereof.

Sd./- Additional Secretary to Government
OIPR-24001/11/0170/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରିତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୀତାଞ୍ଜଳି ଆୱାର୍ଡ୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଖବରଦାତା ସମ୍ମିଳନୀକୁ ଉଭୟ କ୍ରିଷ୍ଣା ମୋହନ ଟାଟା ଏବଂ ବୁଦ୍ଧ ପ୍ରକାଶ ମହାପାତ୍ର ସମ୍ବୋଧିତ କରୁଛନ୍ତି।

**ଭୁବନେଶ୍ୱର,୭।୫**

ଗୀତାଞ୍ଜଳି ଆୱାର୍ଡ୍ସ ପ୍ରାଇଭେଟ୍ ଲିମିଟେଡ୍ (ଗୀତାଞ୍ଜଳି ଆୱାର୍ଡ୍ସ)ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ବୁଧବାର ଭୁବନେଶ୍ୱରର ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଆୱାର୍ଡ୍ସର ପ୍ରତିଷ୍ଠାତା କ୍ରିଷ୍ଣା ମୋହନ ଟାଟା ଏବଂ ସହପ୍ରତିଷ୍ଠାତା ବୁଦ୍ଧ ପ୍ରକାଶ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୬୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଷ୍ଟୋରରେ କର୍ପୋରେଟ୍, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଙ୍ଗଠନ ସମେତ ବିଭିନ୍ନ କ୍ଷେତ୍ରର ଗ୍ରାହକଙ୍କ ଅନନ୍ୟ ଆବଶ୍ୟକତା ପୂରଣ କରିବା ପାଇଁ ଉତ୍କୃଷ୍ଟ ଭାବେ ଡିଜାଇନ ହୋଇଥିବା ଟ୍ରଫି, ପୁରସ୍କାର ଏବଂ ସ୍ମୃତିଚିହ୍ନ ଆଦି ଉପଲବ୍ଧ ରହିଛି। ଏ ସମ୍ପର୍କରେ ଗୀତାଞ୍ଜଳି ଆୱାର୍ଡ୍ସର ପ୍ରତିଷ୍ଠାତା କ୍ରିଷ୍ଣା ମୋହନ ଟାଟା କହିଛନ୍ତି, ଭୁବନେଶ୍ୱରର ଶହୀଦନଗରଠାରେ ଆମେ ଆମର ଏକ୍ସକ୍ଲୁସିଭ (ଫ୍ଲାଗ୍‌ଶିପ୍ ଶୋ'ରୁମ୍) ଆଉଟଲେଟ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକମାନଙ୍କୁ ବ୍ରାଣ୍ଡର ସ୍ୱତନ୍ତ୍ର ଟ୍ରଫି ଏବଂ ସ୍ମୃତିଚିହ୍ନକୁ ଯୋଗାଇଦେବାରେ ବେଶ୍ ସହାୟକ ହେବ। ସେହିଭଳି ବୈଷୟିକ ଉନ୍ନତି ସହିତ ଯୋଡ଼ିହୋଇ ରହିବା ପାଇଁ ଆମେ ଆମର କର୍ମଶାଳାକୁ କ୍ରମାଗତ ଭାବେ ଅପ୍‌ଗ୍ରେଡ୍ କରୁଛୁ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୭।୫:** ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୫.୭୧ ପଏଣ୍ଟ ବୃଦ୍ଧି ଘଟି ୮୦,୭୪୬.୭୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪.୮୦ ପଏଣ୍ଟ ବଢ଼ି ୨୪,୪୧୪.୪୦ ଅଙ୍କରେ କାରବାର ଶେଷ ହୋଇଥିଲା।

# ୧୦,୦୦୦ କୋଟିର ରାଜସ୍ୱ ହାସଲ

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ତଥା ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ ଧର୍ମପାଲ ସତ୍ୟପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)କୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ଭାରତର ୧୫ଟି ଶୀର୍ଷ ଏଫ୍‌ଏମ୍‌ସିଜି କମ୍ପାନୀ ତାଲିକାରେ ଡିଏସ୍ ଗ୍ରୁପ୍ ପ୍ରବେଶ କରିଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗ୍ରୁପ୍ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲକରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀର ଏହି ସଫଳତା ପ୍ରାଥମିକ ଭାବେ ଏଫ ଆଣ୍ଡ ବି ସେଗ୍‌ମେଣ୍ଟର ମୋଟ ରାଜସ୍ୱରେ ୪୨% ଯୋଗଦାନ ରହିଛି। ସେହିଭଳି ମାଉଥ ଫ୍ରେଶନର ସେଗ୍‌ମେଣ୍ଟ ୩୮%, ହସ୍ପିଟାଲିଟି ସେଗ୍‌ମେଣ୍ଟ ୩% ଏବଂ ଅବଶିଷ୍ଟ ରାଜସ୍ୱରେ ଅନ୍ୟାନ୍ୟ ବ୍ୟବସାୟଗୁଡିକର ମିଳିତ ଯୋଗଦାନ ରହିଥିବାବେଳେ ତମାଖୁର ୧୦%ରୁ କମ୍ ଯୋଗଦାନ ରହିଛି।





ଧ-୭୬୨୬୪


# ଓଡ଼ିଶାରେ ୪.୪୨ ଲକ୍ଷରୁ ଅଧିକ ଜିଓର ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ

**ଭୁବନେଶ୍ୱର,୭।୫ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଜିଓ ଓଡ଼ିଶାରେ ସବୁଠାରୁ ପସନ୍ଦିତ ଏବଂ ୧ ନମ୍ବର ହୋମ୍‌ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ଓଡ଼ିଶାରେ ଜିଓର ୪.୪୨ ଲକ୍ଷରୁ ଅଧିକ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ଏୟାରଫାଇବର/ ଜିଓଫାଇବର) ଗ୍ରାହକ ଥିଲାବେଳେ ୨୦୨୫ ମାର୍ଚ୍ଚରେ ୧.୫ ଲକ୍ଷ ଜିଓ ଏୟାରଫାଇବର ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି ବୋଲି ବୁଧବାର ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବ୍‌ସ୍କ୍ରିପସନ୍ ତଥ୍ୟରୁ ଏହା ଜଣାପଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୫ ଲକ୍ଷ ଅତିକ୍ରମ କରିଛି, ଯାହା ସମଗ୍ର ରାଜ୍ୟରେ ଦୃଢ଼ ଜିଓ ଟ୍ରୁ ୫ଜି ଷ୍ଟାଣ୍ଡ ଆଲୋନ୍ ନେଟ୍‌ୱର୍କ ଦ୍ୱାରା ପ୍ରୋତ୍ସାହିତ ବୋଲି କୁହାଯାଉଛି। ସେହିଭଳି ଓଡ଼ିଶାରେ ୫ଜି ଏୟାରଫାଇବର ସେଗ୍‌ମେଣ୍ଟରେ ଜିଓର ପ୍ରାଧାନ୍ୟ ଜାରି ରହିଛି। ଟ୍ରାଇର ଏହି ତଥ୍ୟରୁ ଅନୁମାନ କରାଯାଇପାରେ, ରାଜ୍ୟରେ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ୫ଗୁଣ ଅଧିକ ରହିଛି। ଟ୍ରାଇର ଏହି ତଥ୍ୟ ଅନୁଯାୟୀ ୨୦୨୫ ମାର୍ଚ୍ଚରେ ଓଡ଼ିଶାର ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) କିମ୍ବା ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୭୭ ଲକ୍ଷରୁ ଅଧିକ ହୋଇଛି।


## ମନେ ପଡ଼ନ୍ତି



ଧ-୪୦୯



ଧ-୭୫୩୮୫



# Classified Everyday
0674-2580101, 9692975378



## REAL ESTATE SALE

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Bhubaneswar** ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରି ପ୍ଲଟ୍ **1250/Sqft.**ରେ ବିକ୍ରୟ କରାଯାଉଛି। **Whatsapp: 9437011506, 6371462496.** D-438

## GENERAL SALE

**Whole sale paper plate & danna For Buffet ,Phulanankhara, Cuttack. 7809525452.** D-74651



Newly built 4-Storey building with Lift Facilities near Reliance Smart Point on Rent/ Lease (For Institute/Bank/Office/ any Commercial Purpose) in Industrial Area at IPICOL Chhak, Main Road, Jagatpur, Cuttack, Mob- 9778244466, 7978233819. D-444

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447

## AFFIDAVIT

I, Ved Prakash, S/o- Arun Kumar Singh, residing at Qtr- VIC 5/1, Unit-1, Bhubaneswar, Khurda- 751009, Odisha declare vide affidavit No.- 77, dated 07.05.2025 that from now onwards my daughter SAANVEE shall be known as SAANVEE PRAKASH for all future purposes. D-441

ମୁଁ, ସନ୍ଦିପ ସାହୁ, ପିତା- ଗଣେଶ୍ୱର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର- ୪୦୯୧, ତାରିଖ ୨୦।୦୩।୨୦୨୫ ମାଧ୍ୟମରେ ଘୋଷଣା କରୁଛି। ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ସନ୍ଦିପ କୁମାର ସାହୁ ଭାବରେ ପରିଚିତ ହେବି । ଧ-୪୩୨

ମୁଁ, ରିନିତା ସାହୁ, W/o- ସନ୍ଦିପ କୁମାର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର-୪୦୭୬, ତାରିଖ ୦୬।୦୫।୨୦୨୫ ମାଧ୍ୟମରେ ଘୋଷଣା କରୁଛି । ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ରିନିତା ମହାରଣା ଭାବରେ ପରିଚିତ ହେବି । ଧ-୪୩୩

By virtue of an affidavit sworn before the Notary Public, Bhubaneswar, date- 03.05.2025, I, Saraswati Sethi, W/o- Rabindra Sethi permanent Address of Thanual, Muraripur, Dharmasala, Dist.- Jajpur, Odisha 755024 declare that I have changed my name from Saraswati Sethi to Saraswati Barik. Henceforth, I shall be known as Saraswati Barik for all purposes. D- 436

By virtue of affidavit sworn before Executive Magistrate, Bhadrak, dt 10.04.25, I, Purnima Lata Bal (27yrs), D/o- Nanda Kishore Bal, At- Jiginipur, P.O.- Matipaka, P.S.- Naikanidihi, Dist.- Bhadrak, declare that in my Bank Account my name is Usharani Bal as per my School Certificate. Henceforth, I shall be known as Usharani Bal for all purposes. D-435

By virtue of an affiadvait sworn before Executive Magistrate, Basudevpur, I, Sujata Kuanar, W/o- Ratikanta Kuanar, Vill- Mishrapur, P.O.- Patana Mishrapur, P.S.- Naikanidihi, Dist.- Bhadrak, declare that my daughter's name is wrongly written as Barsa Kuanar in Aadhaar instead of Barsarani Kuanar. Henceforth, she will be known as Barsarani Kuanar for all purposes. D-434

Affidavit before Executive Magistrate, Jagannathaprasad, Ganjam No.-307/7.5.2025, that I Sanjaya Gouda of Vill/P.O.- Khetamundali, P.S.- Tarasingi, Ganjam, changed my daughter's name from Ptiya Gouda to Priya Gouda as she is minor. Henceforth, she shall be known as Priya Gouda, D/o- Sanjaya Gouda for all purposes. D-450

By virtue of an affidavit No.59 dated 6.5.25 sworn before the Executive Magistrate, Loisingha, I, Priyadarshani Arpita Nanda, R/o- Village- Keutipali, P.O.- Jogisarda, P.S.- Loisingha, Dist.- Balangir declare that in Aadhaar card my name has been wrongly mentioned as Priyadarshini Arpita Nanda instead of Priyadarshani Arpita Nanda. Now onwards I shall be known as Priyadarshani Arpita Nanda for all purposes. D-448

By virtue of an affidavit sworn before the Executive Magistrate, Darpan, dated 02.05.2025, I, Krupasindhu Sethy, Address: Vill/P.O.- Balichandrapur, P.S.- Balichandrapur, Dist.- Jajpur, Odisha- 754205 declare that I have changed my son's name from Holikarjun Sethy to Holika Arjunsai Sethy. Henceforth, he shall be known as Holika Arjunsai Sethy for all purposes. D-442

I P.K. Bhaskar, son of P. Krishna Reddy, P.O.- Sunabeda-2, Dist.- Koraput, presently residing at Qtr. No.- G-182, HAL Township, P.O.- Sunabeda-2, P.S.- Sunabeda, Dist.- Koraput (Odisha), working at HAL Koraput Division do hereby declare that by virtue of affidavit dated- 06.05.2025 before the Notary Public, Sunabeda, I have changed my name from P.K. Bhaskar to Panati Krishnareedy Bhaskar in future and I will be known as Panati Krishnareedy Bhaskar in official and all other purposes. D-449

By an affidavit before The Notary Public, Karanjia, Mayurbhanj, Sl.No-1043, dt.15.04.2025, I, Latika Nayak, Address: Madarangajodi, Nedhuapal, Karanjia, Mayurbhanj, PIN- 757037, Odisha declare that I have changed my minor daughter name from Mousumi Nayak to Abhilipsa Nayak. Henceforth, she shall be known as Abhilipsa Nayak for all purpose. D-76822

By an affidavit before The Executive Magistrate, Sukruli, Mayurbhanj, Sl.No-106, dt.10.04.2025, I, Droupadi Chattar, Address: Bangiriposi, Jhadghosada, Raruan, Mayurbhanj, PIN-757039, Odisha declare that I have changed my minor son name from Rajnidra Chatra to Rajendra Chatar. Henceforth, he shall be known as Rajendra Chatar for all purpose. D-76821

By virtue of an affidavit sworn before the Notary Public, Cuttack, Vide affidavit No.- 2505, dated- 28.11.2024, I, Amrit Kumar Kar, aged about 24 years, S/o- Asit Kumar Kar, residing At- Kusunpur, P.O.- Nishintakoili, P.S.- Derabish, Dist.- Kendrapara- 754207, Odisha, declare that I have changed my mother's name from PRIYATRMA KAR to PRIYATAMA KAR. Henceforth, she will be known as PRIYATAMA KAR for all purposes. D-431

**Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


## LEGAL NOTICE

IR No.- 691
Date-05.05.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, I.A.S.)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନ.୨ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୪୨୪/୨୦୨୪
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ)
ଅନୁଯାୟୀ
(ସି.ପି.ସି. ଅର୍ଡ଼ର ୫, ରୁଲ୍-୨୦ ମୁତାବକ)

ସରୋଜିନୀ ପଣ୍ଡା, ସ୍ୱାମୀ- ସୁରେନ୍ଦ୍ର ନାଥ ପଣ୍ଡା, ଠିକଣା- ସା- ପ୍ଲଟ୍ ନ ଏନ- ୩/୧୪୧ମ୍ବର, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

....ବାଦୀ

ବନାମ

୧. ନିମାଇଁ ଚରଣ ଜଗଦେବ, ୨. ନିତ୍ୟାନନ୍ଦ ଛୋଟରାୟ, ଏ ଦୁଇଜଣଙ୍କ ପିତା- ସ୍ୱର୍ଗତ ସାଧୁ ଚରଣ ଜଗଦେବ, ୩. ବିଜନ କୁମାର ଜଗଦେବ, ୪. ପ୍ରମୋଦ କୁମାର ଜଗଦେବ, ପିତା- ହରେକୃଷ୍ଣ ଛୋଟରାୟ, ଏ ସମସ୍ତଙ୍କ ଠିକଣା-ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. ଜିତେନ୍ କୁମାର ଛୋଟରାୟ, ପିତା- ପ୍ରସନ୍ନ କୁମାର ଛୋଟରାୟ, ମ୍ୟାନେଜିଂ ଡାଇରେକ୍ଟର ଅଫ୍ ମେସର୍ସ ବେ.ଟେକ୍ (ଇଣ୍ଡିଆ), କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ପ୍ଲଟ ନ୫୧୧ମ୍ବର, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନହୋଇ ମୃତ ଦର୍ଶାଯାଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ଅନ୍ଧାରୁଆ, ଥାନା- ଚନ୍ଦକା, ଥାନା ନ.- ୪୪ମ୍ବର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନ. ୨୫୧୭ମ୍ବର, ହାଲ ପ୍ଲଟ୍ ନଂ.୧୭୩୨ମ୍ବର, ରକବା ଏ୦.୦୫୫ ଡିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ- ଖାତା ନମ୍ବର- ୫୭୬, ସାବିକ ପ୍ଲଟ ନମ୍ବର- ୭୭୬, ସବ୍ ପ୍ଲଟ୍ ନମ୍ବର ୧ବି., ଏରିଆ ଏ୧.୦୪୦ ଡିସିମିଲ ସ୍ୱଧରୁ ଦାବି ବୃତି ଏ୦.୦୫୫ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନ୨ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୪୪୩

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଛୋଟ ପରଦା


'ସାଥୀ ସାତ ଜନ୍ମର' ଧାରାବାହିକରେ ମାନସ-ବର୍ଷା

# ସାଥୀ ସାତ ଜନ୍ମର

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ ଲୋକପ୍ରିୟତା ସାଉଁଟୁଛି ଧାରାବାହିକ 'ସାଥୀ ସାତ ଜନ୍ମର' । କାହାଣୀ ଅନୁସାରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେତ ଅବସ୍ଥାରେ ପଡିଥିବାର ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ । ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି । ଅର୍ଚ୍ଚନାର ମା' ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦ୍ୱରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ । ଦେବ ମୁଣ୍ଡରେ ସିନ୍ଦୂର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନାଙ୍କ ମା' ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡ଼ନ୍ତି ।

ତେବେ କ'ଣ ବିବାହ ଆଗକୁ ବଢ଼ିବ ? ନା ଅର୍ଚ୍ଚନାଙ୍କ ମା'ଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହି ନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ ? ଏ ସବୁର ଉତ୍ତର ରହିଛି ଧାରାବାହିକର ଆଗାମୀ ଅଧ୍ୟାୟରେ । ଏହି ଧାରାବାହିକର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୭ଟା (ସୋମବାର-ଶନିବାର) ।

# ଚକୋଲେଟ୍ ପ୍ରିୟ ଆୟୁଷ୍ମାନ



ଆୟୁଷ୍ମାନ ଖୁରାନା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି । ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି । ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍ । ଏପରି କି ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି । ଏ ନେଇ ଆୟୁଷ୍ମାନ କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ । ତାହା ହେଲା ଚକୋଲେଟ୍ । କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ । ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି । କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ । ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ରେଡିଓ ଜକି ଭାବରେ କାମ କରୁଥିଲେ । ମାଧୁରୀ ଦୀକ୍ଷିତଙ୍କ ଅଭିନୀତ 'ତେଜାବ୍' ଦେଖିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ । ଆୟୁଷ୍ମାନଙ୍କ ଅଭିନୀତ ଶେଷ ଫିଲ୍ମ 'ଡ୍ରିମ ଗର୍ଲ ୨' ୨୦୨୩ରେ ରିଲିଜ ହୋଇଥିଲା । ମାତ୍ର ୩୫ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ୧୪୦କୋଟି ଆୟ କରିଥିଲା । ଏବେ ସେ ନୂଆ ସିନେମା 'ଥାମ୍ମା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

# ଅପେକ୍ଷା କରିବେ ସାୟମୀ

ସାମୟୀ ଖେର୍ ଅପେକ୍ଷା କରିବାକୁ ତୟାର ଅଛନ୍ତି । ତାହା ପୁଣି ବର୍ଷେ କିମ୍ବା ଦୁଇବର୍ଷ ହୁଏ ତେବେ ସେ ଟିକିଏ ହେଲେ ମନ ଦୁଃଖ କରିବେ ନାହିଁ । ହେଲେ ତାହା ଏମିତି କ'ଣ କି ଯେଉଁଥିପାଇଁ ସେ ଅପେକ୍ଷା କରିବାକୁ ମନ ବଳାଇଛନ୍ତି । କଥା କ'ଣ କି ନିକଟରେ ସେ ଅଭିନୟ କରିଥିବା 'ଜାଟ୍' ରିଲିଜ ହୋଇଥିଲା । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ସନ୍ନି ଦେଓଲ । ସନ୍ନିଙ୍କ ସହ ପୁଣି ଥରେ ଅଭିନୟ କରିବାକୁ ଆଶା ବ୍ୟକ୍ତ କରିଛନ୍ତି ଏହି ଅଭିନେତ୍ରୀ । ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ 'ଜାଟ୍'ର ଶୁଟିଂ ସମୟରେ ତାଙ୍କର ଅଭିନୟ ମୋତେ ବହୁତ ପ୍ରଭାବିତ କରିଛି । ଏହାବ୍ୟତୀତ ତାଙ୍କ ଅଭିନୀତ ଅନେକ ସିନେମା ମଧ୍ୟ ଦେଖିଛି । ତେଣୁ ଭବିଷ୍ୟତରେ ଯଦି ମୋତେ ତାଙ୍କ ସହ ପୁଣି ଥରେ ଅଭିନୟ କରିବାର ସୁଯୋଗ ମିଳେ ତେବେ ମନା କରିବି ନାହିଁ ।'' ସାୟମୀଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୫ରେ ଆଉ ତାହା ଥିଲା ଏକ ତେଲୁଗୁ ସିନେମା, ଯାହାର ଟାଇଟଲ ଥିଲା 'ରେ' । ୨୦୧୬ରେ ସେ 'ମିର୍ଯ୍ୟା' ଫିଲ୍ମରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଖାସ୍ କଥା ହେଲା, ପ୍ରଥମ ହିନ୍ଦୀ ସିନେମା ପାଇଁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା ।


ସାୟମୀ

# ଭୁଲନ୍ତି ନାହିଁ ତମନ୍ନା


ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ । ତାଙ୍କୁ ଯେତେବେଳେ ଟିକେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ଆଦୌ ଭୁଲନ୍ତି ନାହିଁ । ତାହା କ'ଣ ଜାଣନ୍ତି ? ଗାର୍ଡେନିଂ । ଅର୍ଥାତ୍, ସମୟ ମିଳିବା ମାତ୍ରେ ସେ ନିଜ ବଗିଚାର ଯତ୍ନ ନେଇଥାଆନ୍ତି । ଏ ବିଷୟରେ ତମନ୍ନା କହନ୍ତି, 'ପିଲାଟିଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୨-୩ଟି ନୂଆ ତେଲୁଗୁ ଅଫର ରହିଛି । ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ । ତାଙ୍କ ପାଇଁ ଆଉ ଏକ ଖୁସି ଖବର । ସେ ଏବେ ବାଲାଜୀ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ନୂଆ ସିନେମା 'ବନ୍ : ଫୋର୍ସ ଅଫ୍ ଫରେଷ୍ଟ'ର କାଷ୍ଟିଂରେ ସାମିଲ ହୋଇଛନ୍ତି । ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା ।

# ରକୁଲ୍‌ଙ୍କ ଫିଟନେସ୍ ଟିପ୍ସ


ରକୁଲ୍

ରକୁଲ୍ ପ୍ରୀତ ସିଂ ଏବେ ବୁଲି ବୁଲି ଗୋଟିଏ କଥା କହିବାକୁ ଭୁଲୁ ନାହାନ୍ତି । ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି । କଥା କ'ଣ କି ସେ ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ । ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା । ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ । ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ । ଏ ସମ୍ପର୍କରେ ରକୁଲ୍ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟନେସ ପ୍ରତି ଧ୍ୟାନ ଦେବା ଜରୁରୀ । ନ ହେଲେ ଅଯଥାରେ ଆମକୁ ରୋଗ ମାଡି ବସିବ । ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ । ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ । ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ । ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି ।' ଗତ ବର୍ଷ ଘର ସଂସାର କରିଥିବା ରକୁଲ୍ ଇତି ମଧ୍ୟରେ ହିନ୍ଦୀ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଲେଣି । କନ୍ନଡ ଫିଲ୍ମ 'ଗିଲ୍ଲି' (୨୦୦୯)ରୁ ସେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ । ଏହାର ପାଞ୍ଚ ବର୍ଷ ପରେ 'ୟାରିୟାଁ' ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ବର୍ତ୍ତମାନ ସେ ଅଭିନୟ କରିଥିବା ତାମିଲ ଫିଲ୍ମ 'ଇଣ୍ଡିଆନ୍ ୩'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ବିଶିଷ୍ଟ ନିର୍ଦ୍ଦେଶକ ଏସ. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ବିଗ୍ ବଜେଟ୍ ଫିଲ୍ମର ମୁଖ୍ୟ ଭୂମିକାରେ କମଲ ହାସନ ଅଭିନୟ କରୁଛନ୍ତି ।

ନୂଆ ସିନେମା

# ନାୟିକା


ମହାଶ୍ୱେତା ରାୟ

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି । ଜୟ ଜଗନ୍ନାଥ ନତଜ୍ୟୋତ୍ସ୍ନା ପ୍ରଡକ୍ସନ ହାଉସ ଦ୍ୱାରା ଏହି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି । ଖାସ୍ କଥା ହେଲା ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିବେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ । ଆଉ ଫିଲ୍ମଟିର ଟାଇଟଲ ରହିଛି 'ନାୟିକା' । ଚିତ୍ରଟିର ପ୍ରଯୋଜନା କରିଛନ୍ତି ରୂପେଶ କୁମାର ନାୟକ ଏବଂ ସହପ୍ରଯୋଜିକା ଅଛନ୍ତି ସଙ୍ଗୀତା ବିଷୋୟୀ । ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଓଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ସିନେମା ବିଷୟରେ ପ୍ରଯୋଜକ କହନ୍ତି, ''ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଏହା ଏକ ମୌଳିକ କଥାବସ୍ତୁ ଉପରେ ଆଧାରିତ । ଏଥିରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଫିଲ୍ମର କାହାଣୀ ଅନୁସାରେ କଳାକାର ଚୟନ, ସଙ୍ଗୀତ ଏବଂ ସଂଳାପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଏହାର ଶୁଟିଂ ଚଳିତ ମାସ ୨୬ରୁ ଆରମ୍ଭ ହେବ ।'' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ଏହାର ପ୍ରି-ଡିଜାଇନର ଅଛନ୍ତି ଚିତ୍ତ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରଚାର ପ୍ରସାର ଦାୟିତ୍ୱ ନେଇଛନ୍ତି ଭରତ ପ୍ରଧାନ ।

— ମୋ କଥା —

# ସଙ୍ଗୀତ ନିଶା ପାଲଟି ଯାଇଛି


ମମତା ଜେନା

ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ ସେ ନିଜକୁ ସଙ୍ଗୀତଠାରୁ ଦୂରେଇ ନେଇ ପାରି ନାହାନ୍ତି । ନିଜର ପ୍ରତିଭା ବଳରେ ସେ ସାଉଁଟି ଚାଲିଛନ୍ତି ପ୍ରଶଂସା । ସତେଯେମିତି ସଙ୍ଗୀତ ତାଙ୍କ ଜୀବନର ଏକ ଅନ୍ୟତମ ଅଙ୍ଗ ପାଲଟି ଯାଇଛି । ସେ ହେଲେ କେନ୍ଦୁଝର ଜିଲା ମା' ତାରିଣୀ ପୀଠ ନିକଟସ୍ଥ ବେଢାପାଳ ଗାଁର ବୋହୂ ମମତା ଜେନା । ଝାରସୁଗୁଡାରେ ଜନ୍ମିତା ମମତା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାୟୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ବିଏଡ୍ ମଧ୍ୟ କରିଛନ୍ତି । କେବଳ ସେତିକି ନୁହେଁ, ହିନ୍ଦୁସ୍ତାନୀ, କ୍ଲାସିକାଲ ଓ ଭୋକାଲରେ ପ୍ରୟାଗ ସଙ୍ଗୀତ ସମିତି, ଅହମଦାବାଦରୁ ସଙ୍ଗୀତ ପ୍ରବୀଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ନିଜ ବିଷୟରେ ମମତା କହନ୍ତି, '' ପିଲାଟି ଦିନରୁ ମୁଁ ସଙ୍ଗୀତ ମାୟାରେ ପଡିଯାଇଥିଲି । ମୋ ମା' ଏବଂ ବାପା ଉଭୟ ସଙ୍ଗୀତ ସହ ଜଡିତ । ସେମାନେ ମୋର ପ୍ରେରଣାର ଉତ୍ସ ସାଜିଥିଲେ । ସଙ୍ଗୀତ ମୋତେ ଏକ ଭିନ୍ନ ଧରଣର ଆନନ୍ଦ ଦେଇଥାଏ । ଏହାଦ୍ୱାରା ଯଦି ଶ୍ରୋତା ଖୁସି ହୋଇପାରିଲେ ତେବେ ତାହା ମୋ ପାଇଁ ବଡ଼ କଥା । ଗୀତ ଗାଇବା ସହ ମୁଁ ସଙ୍ଗୀତ ଶିଖାଇବା ମଧ୍ୟ ଜାରି ରଖିଛି । ନିକଟରେ ମୋତେ କେତୋଟି ଭଜନ ଆଲବମ୍‌ରେ ଗାଇବା ପାଇଁ ସୁଯୋଗ ମିଳିଛି । ମୋତେ ଲାଗୁଛି ସତେ ଯେମିତି ସଙ୍ଗୀତ ମୋ ନିଶା ପାଲଟି ଯାଇଛି ।'' ସଙ୍ଗୀତକୁ ପ୍ରଚାର ପ୍ରସାର କରିବା ପାଇଁ ସେ ଏକ ୟୁଟ୍ୟୁବ ଚ୍ୟାନେଲ-'ମମତା ଏଟରନାଲ ମ୍ୟୁଜିକ' ଖୋଲିଛନ୍ତି । ମମତା ବର୍ତ୍ତମାନ ଜବାହର ନବୋଦୟ ବିଦ୍ୟାଳୟ, ଝାରସୁଗୁଡାରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ସେ ଶାସ୍ତ୍ରୀୟ ଭଜନ, ଗଜଲ ଗାଇବା ପାଇଁ ବେଶି ପସନ୍ଦ କରନ୍ତି ।

# କୋଲକାତାକୁ ହରାଇଲା ଚେନ୍ନାଇ



ପ୍ଲେୟର ଅଫ୍ ଦି ମ୍ୟାଚ୍ ନୁର୍ ଅହମଦ।

**କୋଲକାତା,୭।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ଚେନ୍ନାଇ ନାଟକୀୟ ଘଟଣାକ୍ରମ ମଧ୍ୟରେ ୧୯.୪ ଓଭରରେ ୮ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା। ଡେୱାଲ୍ଡ ବ୍ରେଭିସ (୫୨)ଙ୍କ ଅର୍ଦ୍ଧଶତକ ଏବଂ ଶିବମ ଦୁବେ (୪୫) ଓ ପଦାର୍ପଣକାରୀ ଉର୍ଭିଲ ପଟେଲ (୩୧)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଚେନ୍ନାଇ ବାଜି ମାରିଥିଲା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୯/୬ (ଅଜିଙ୍କ୍ୟ ରାହାନେ-୪୮, ଆନ୍ଦ୍ରେ ରସେଲ-୩୮, ମନୀଷ ପାଣ୍ଡେ-୩୬*, ସୁନୀଲ ନାରିନ-୨୬, ନୁର ଅହମଦ-୪/୩୧, ଅନଶୁଲ କାମ୍ବୋଜ-୧/୩୮)। ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୮୩/୮ (ଡେୱାଲ୍ଡ ବ୍ରେଭିସ-୫୨, ଶିବମ୍ ଦୁବେ-୪୫, ଉର୍ଭିଲ ପଟେଲ-୩୧, ବୈଭବ ଆରୋରା-୩/୪୮, ବରୁଣ ଚକ୍ରବର୍ତ୍ତୀ-୨/୧୮, ହର୍ଷିତ ରାଣା-୨/୪୩, ମୋଇନ ଅଲୀ-୧/୨୩)।

### ବୋମା ଆତଙ୍କ

କୋଲକାତା-ଚେନ୍ନାଇ ମ୍ୟାଚ ପୂର୍ବରୁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଫିସିଆଲ ଆକାଉଣ୍ଟକୁ ଏକ ବୋମା ଆତଙ୍କ ସମ୍ପର୍କିତ ଇ-ମେଲ ଆସିଥିଲା। ଫଳରେ ମ୍ୟାଚରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆ ଯାଇଥିଲା। ଏକ ଅଜଣା ଇ-ମେଲ ଆଇଡିରୁ ଧମକ ମିଳିବା ପରେ ସିଏବି ପକ୍ଷରୁ କୋଲକାତା ପୋଲିସକୁ ଅବଗତ କରାଯାଇଥିଲା।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**ପଞ୍ଜାବ**
**ବନାମ ଦିଲ୍ଲୀ**
**ସ୍ଥାନ: ଧର୍ମଶାଳା**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

# ଖୋର୍ଦ୍ଧା ଜିଲା ୭ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ (କେଡିସିଏ) ଆନୁକୂଲ୍ୟରେ ୭ ବର୍ଷରୁ କମ୍ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍ ବୁଧବାର ପଟିଆସ୍ଥିତ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଜିଲାସ୍ତରରେ ହେଉଥିବା ଏହି ପ୍ରଥମ ଏଜ୍ ଗ୍ରୁପ୍ ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ପିଲାମାନେ ରାଜ୍ୟ ଏଜ୍ ଗ୍ରୁପ୍ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଉଦ୍‌ଘାଟନୀ ଉତ୍ସବରେ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପ୍ରିନ୍ସିପାଲ ଜେ. ରାଜକିଶୋର, ଭାଇସ୍ ପ୍ରିନ୍ସିପାଲ ମହେଶ ପ୍ରସାଦ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କେଡିସିଏ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ ଓ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୨୮ ଖେଳାଳି ଭାଗ ନେଇଥିବାବେଳେ ପ୍ରଥମ ଦିବସରେ ୨ ରାଉଣ୍ଡ ଶେଷରେ ବାଳକରେ ୫ ଏବଂ ବାଳିକାରେ ୨ ଖେଳାଳି ଅଗ୍ରଣୀଲାଭ କରିଛନ୍ତି। ଅଭିଜ୍ଞ ଆର୍ବିଟର ଭବେଶ ମହାନ୍ତି ଓ ସୁଶାନ୍ତ ଷଡ଼ଙ୍ଗୀ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଫାଇନାଲରେ ଭାରତ

**କଲମ୍ବୋ, ୭।୫**

ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ଶତକ ବଳରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୨୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଦ୍ୱାରା ପ୍ରଦତ୍ତ ୩୩୮ ରନ୍ ଟାର୍ଗେଟ୍‌ର ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ ତାରିଖରେ ଖେଳାଯିବାକୁଥିବା ଫାଇନାଲରେ ଭାରତ ଆୟୋଜକ ଶ୍ରୀଲଙ୍କାକୁ ଭେଟିବ।

### ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ ସିରିଜ୍

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିଥିଲା। ଦଳ ପକ୍ଷରୁ ଜେମିମା ୧୨୩(୧୫ ଚୌକା ଓ ୧ ଛକା) ରନ୍‌ର ଶତକୀୟ ପାଳି ଖେଳିଥିଲେ। ଅଳ୍ପକେ ଶତକ ହାତଛଡ଼ା କରିଥିବା ଦୀପ୍ତି ଶର୍ମା ୯୩(୧୦ ଚୌକା ଓ ୨ ଛକା) ଓ ସ୍ମୃତି ମନ୍ଧାନା ୫୧(୬ ଚୌକା) ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନନକୁଲୁଲେକୋ ଏମ୍ଲାବା, ମାସାବାତା କ୍ଲାସ ଓ ନାଦିନ ଡେ କ୍ଲେର୍କ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିପାରିଥିଲା। ଦଳ ପାଇଁ ଆନେରି ଡର୍କସେନ ୮୧, ଅଧିନାୟିକା କ୍ଲୋ ଟ୍ରାୟନ ୬୭, ମିଆଁ ସ୍ମିଟ ୩୯, ନନଡୁମିସୋ ଶାଙ୍ଗାସେ ୩୬ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ଅମନ୍‌ଜୋତ କୌର ୩ ଓ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଜେମିମା ରୋଡ୍ରିଗ୍ସେଜ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୩୭/୯ (ଜେମିମା ରୋଡ୍ରିଗ୍ସେଜ୍-୧୨୩, ଦୀପ୍ତି ଶର୍ମା-୯୩, ସ୍ମୃତି ମନ୍ଧାନା-୫୧, ମାସାବାତା କ୍ଲାସ-୨/୫୧, ନନକୁଲୁଲେକୋ ଏମ୍ଲାବା-୨/୭୧)। ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୪/୭ (ଆନେରି ଡର୍କସେନ-୮୧, କ୍ଲୋ ଟ୍ରାୟନ-୬୭, ଅମନ୍‌ଜୋତ କୌର-୩/୫୯, ଦୀପ୍ତି ଶର୍ମା-୨/୫୭)।

# ଭାରତର କାର୍ଯ୍ୟାନୁଷ୍ଠାନକୁ କ୍ରୀଡ଼ା ଜଗତର ପ୍ରଶଂସା

**ନୂଆଦିଲ୍ଲୀ, ୭।୫(ପି.ଟି.)**

ଏପ୍ରିଲ ୨୨ରେ ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ଜବାବରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୯ଟି ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରତିବନ୍ଧିତ ଆତଙ୍କବାଦ୍ ଗୋଷ୍ଠୀ ଜୈଶ-ଇ-ମହମ୍ମଦ ଓ ଲସ୍କର-ଇ-ତୋଇବା ସହ ଜଡ଼ିତ କୋଠା ଓ ମସ୍‌ଜିଦ୍ ଉପରେ ଭାରତ ପକ୍ଷରୁ ରକେଟ୍ ମାଡ଼ କରାଯାଇଛି। ଭାରତର ଏହି କାର୍ଯ୍ୟାନୁଷ୍ଠାନ ପରେ ଭାରତୀୟ ସୁରକ୍ଷା ବଳ ଲାଗି କ୍ରୀଡ଼ା ଜଗତରୁ ପ୍ରଶଂସାର ଶୁଅ ଛୁଟିଛି।

### ଅପରେଶନ ସିନ୍ଦୂର

● ଏକତାରେ ନିର୍ଭୟତା। ଶକ୍ତିରେ ଅସୀମ। ଆମ ନାଗରିକମାନେ ହେଉଛନ୍ତି ଭାରତର କବଚ। ଏହି ବିଶ୍ୱରେ ଆତଙ୍କବାଦ ଲାଗି କୌଣସି ସ୍ଥାନ ନାହିଁ। ଜୟ ହିନ୍ଦ୍।

**-ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର**

● ଯଦି କେହି ଆପଣଙ୍କୁ ପଥର ପକାଉଛନ୍ତି, ତେବେ ତାଙ୍କ ଉପରେ ଫୁଲ ପକାଅ। କିନ୍ତୁ ଫୁଲଦାନି ସହିତ। ଜୟ ହିନ୍ଦ୍।

**-ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ କ୍ରିକେଟର**

ଆତଙ୍କବାଦ ବିରୋଧରେ ଭାରତ ତା'ର ପକ୍ଷ ବାଛିନେଇଛି।

**-ଶିଖର ଧାୱନ, ପୂର୍ବତନ ଓପନର**

● ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା। ଜୟ ହିନ୍ଦ୍-ଜୟ ଯୱାନ୍।

**-ଯୋଗେଶ୍ୱର ଦତ୍ତ, ଅଲିମ୍ପିକ୍ ପଦକ ବିଜୟୀ ରେସ୍‌ଲର**

● ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେଶନ ସିନ୍ଦୂର ସହିତ ଭାରତର ପ୍ରତିକ୍ରିୟାରେ ମୁଁ ବହୁତ ଖୁସି। ଆତଙ୍କବାଦୀଙ୍କୁ କଦାପି ଛଡ଼ାଯିବା ଉଚିତ ନୁହେଁ। ଅପରେଶନ ଲାଗି ଏକ ସୁନ୍ଦର ନାମ ରଖାଯାଇଛି। ଭାରତ ମାତା କୀ ଜୟ।

**-ଭିଦିତ ଗୁଜରାଠୀ, ଚେସ୍ ଖେଳାଳି**

● ଭାରତୀୟ ସଶକ୍ତ ବଳ ବିପଦକୁ ଏକ ବିଶାଳ ବିଜୟ ମୁହୂର୍ତ୍ତରେ ପରିବର୍ତ୍ତନ କରିଛି। ବିପଦ ମୁହଁରେ ସେମାନଙ୍କ ସାହସ ଓ ବୀରତ୍ୱ ଆମ ସଭିଙ୍କୁ ଗର୍ବିତ କରିଛି।

**-ମହମ୍ମଦ ଶାମି, ଭାରତୀୟ ପେସର**

● ପହଲଗାମ୍‌ରେ ଆମ ଭାଇମାନଙ୍କର ନିର୍ମମ ହତ୍ୟାର ଅପରେଶନ ସିନ୍ଦୂର ହେଉଛି ଭାରତର ଉତ୍ତର।

**-ହରଭଜନ ସିଂ, ପୂର୍ବତନ ସ୍ପିନର**

# ପଞ୍ଜାବ-ମୁମ୍ବାଇ ମ୍ୟାଚ୍ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୭।୫:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତୀୟ ସେନା ପକ୍ଷରୁ ସଫଳତାର ସହ କରାଯାଇଥିବା ଅପରେଶନ ସିନ୍ଦୂରର ପ୍ରଭାବ ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳିଛି। ଆସନ୍ତା ୧୧ ତାରିଖରେ ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ଓ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍ଆଇ) ମଧ୍ୟରେ ଧର୍ମଶାଳାରେ ହେବାକୁ ଥିବା ମ୍ୟାଚ୍‌କୁ ବୁଧବାର ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚ୍ ଏବେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଧର୍ମଶାଳା ଷ୍ଟାଡିୟମ ପଞ୍ଜାବର ଦ୍ୱିତୀୟ ହୋମ୍ ଭେନ୍ୟୁ। ଏତଦ୍ ବ୍ୟତୀତ ଗୁରୁବାର ଧର୍ମଶାଳାରେ ପଞ୍ଜାବ ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର କାର୍ଯ୍ୟସୂଚୀରେ ମଧ୍ୟ ପରିବର୍ତ୍ତନ କରାଯିବାର ବିଶେଷ ସମ୍ଭାବନା ରହିଛି।

# ଓଡ଼ିଶାରୁ ଭାଗନେବେ ୭ ପ୍ରତିଯୋଗୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକ ଓ ଅଫିସିଆଲ।

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନ

ବିହାରର ରାଜଗିରିଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୪ ବାଳିକା ଓ ୩ ବାଳକ ପ୍ରତିଯୋଗୀ ଏବଂ ୨ କୋଚ୍ ଓ ୪ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକମାନେ ହେଲେ ଜ୍ୟୋତ୍ସ୍ନା ଶବର, ମୀନା ସାନ୍ତା(ଏ), ମୀନା ସାନ୍ତା(ବି), ଟିଙ୍କି ମୋହିନୀ ମଲିକ, ହର୍ଷବର୍ଦ୍ଧନ ସାହୁ, ମୁକେଶ ଗମାଙ୍ଗୋ ଓ ସ୍ୱୟଂଜିତ ପ୍ରସାଦ ସାହୁ। ୨ କୋଚ୍ ଫରକାଶ ଜୋଲଟନ ଓ କେ. ଭେଙ୍କଟଲକ୍ଷ୍ମୀ ଏବଂ ବୈଷୟିକ ଅଧିକାରୀମାନେ ହେଲେ ରାନୁ ମହାନ୍ତି, ସଂଯୁକ୍ତା ସାହୁ, ଲକିରାଣୀ ପାତ୍ର ଓ ରାଜେଶ୍ୱରୀ ବେହେରା। ମନୋନୀତ ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଅଲିମ୍ପିଆନ୍ କେ. ରବି କୁମାର ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ମଧୁସ୍ମିତାଙ୍କ ମାଉଣ୍ଟ ଆଇଲାଣ୍ଡ ଆରୋହଣ

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ଗଞ୍ଜାମ ଜିଲଶ ମହାସାୟୀ ପେଣ୍ଠ ନିବାସୀ ମଧୁସ୍ମିତା ପାତ୍ର ନେପାଳର ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି.)କୁ ୫ ତାରିଖ ସକାଳ ୯.୪୫ମିରେ ସଫଳତାର ସହ ଆରୋହଣ କରିଛନ୍ତି। ପୂର୍ବରୁ ଗତ ୨୯ ତାରିଖରେ ସେ ନେପାଳର ମାଉଣ୍ଟ ମୀରା(୬,୪୭୬ମି.)କୁ ସଫଳତାର ସହ ଆରୋହଣ କରିଥିଲେ। ହିମାଳୟର ୬୦୦୦ମି. ପିକ୍ ମଧ୍ୟରୁ ଆଇଲାଣ୍ଡ ଶୃଙ୍ଗ ଏକ ଟେକ୍ନିକାଲ ପାହାଡ଼ ଭାବେ ଜଣାଯାଏ। ଯେଉଁଠି ସମ୍ପୂର୍ଣ୍ଣଭାବେ ଫିକ୍ସରୋପ୍, ଜୁମରିଙ୍ଗ ଆଦି ପର୍ବତାରୋହଣର କୌଶଳ ପ୍ରୟୋଗ କରାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ୬,୦୦୦ମିଟର ଉଚ୍ଚତାବିଶିଷ୍ଟ ପାହାଡ଼ ଚଢ଼ିବାର ଅଭିଜ୍ଞତା ମଧୁସ୍ମିତାଙ୍କୁ ପରବର୍ତ୍ତୀ ସମୟରେ ଆହୁରି ବଡ଼ ଶୃଙ୍ଗ ଆରୋହଣ ପାଇଁ ସାହାଯ୍ୟ କରିବ ବୋଲି ତାଙ୍କ ପ୍ରଶିକ୍ଷକ ପର୍ବତାରୋହୀ ନୃସିଂହ ସାହୁ କହିଛନ୍ତି। ଏହି ଅଭିଯାନ ପାଇଁ ଏସ୍‌ଏନ୍‌ଏମ୍ ମାଇନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି ଏବଂ ସ୍ପୋର୍ଟ୍ସ ସାଇନ୍ସ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ସାର୍ଥକ ପଟ୍ଟନାୟକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମଧୁସ୍ମିତା ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଏବଂ ପୁଷ୍ପାଞ୍ଜଳି ପାତ୍ରଙ୍କ କନିଷ୍ଠା କନ୍ୟା। ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଟିସିଏସ୍ ଚେନ୍ନାଇରେ କାର୍ଯ୍ୟରତ।




ମଧୁସ୍ମିତା ପାତ୍ର

# ଟେଷ୍ଟରୁ ରୋହିତଙ୍କ ଅବସର

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଭାରତୀୟ ଦଳର ସିନିୟର ଖେଳାଳି ରୋହିତ୍ ଶର୍ମା ବୁଧବାର ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ଲମ୍ବା ଫର୍ମାଟ୍‌ରେ ତାଙ୍କ ଭବିଷ୍ୟତକୁ ନେଇ ଚାଲିଥିବା ଚର୍ଚ୍ଚାର ମଧ୍ୟ ଅନ୍ତ ଘଟିଛି। ରୋହିତଙ୍କୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ପଦରୁ ହଟାଯାଉଥିବା ନେଇ ରିପୋର୍ଟ ଆସିବା ପରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଠାରେ ଆପଣମାନଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଉଛି। ଟେଷ୍ଟ କ୍ରିକେଟ୍‌ରେ ଦେଶକୁ ପ୍ରତିନିଧିତ୍ୱ କରିବା ସମ୍ମାନର ବିଷୟ। ଦୀର୍ଘବର୍ଷ ହେଲା ମୋତେ ଦେଇଥିବା ଭଲ ପାଇବା ଓ ସମର୍ଥନ ଲାଗି ଧନ୍ୟବାଦ। ମୁଁ ଦିନିକିଆ ଫର୍ମାଟ୍‌ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା ଜାରି ରଖିବି ବୋଲି ରୋହିତ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ତାଙ୍କ ଅବସର ଯୋଗୁ ଆସନ୍ତା ଜୁନ୍ ୨୦ରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ଟେଷ୍ଟ ସିରିଜ୍‌ରେ ନୂଆ ଅଧିନାୟକ ଭାରତୀୟ ଦଳର ନେତୃତ୍ୱ ନେବେ। ଯଶପ୍ରୀତ ବୁମରା, ଲୋକେଶ ରାହୁଲ, ଶୁବମନ ଗିଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ ଜଣଙ୍କୁ ଏହା ଦିଆଯାଇପାରେ। ୨୦୧୩ରେ ପଦାର୍ପଣ କରିଥିବା ରୋହିତ କ୍ୟାରିୟରରେ ମୋଟ ୬୭ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ